

‘ତେରେ ଇସ୍କ ମେଁ’ ପାଇଁ ୧୫ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-157 WEDNESDAY 3 DECEMBER 2025 PAGE-12 ₹ 6.00 | SAMBALPUR | ବର୍ଷ-୪୩ ସଂଖ୍ୟା-୧୫୭ ବୁଧବାର ୩ ଡିସେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦


## ଶେଷରେ ରାଜିହେଲେ ସରକାର

### ୯ ତାରିଖରେ ଲୋକସଭାରେ ହେବ ୧୦ ଘଣ୍ଟା ଏସ୍ଆଇଆର୍ ଆଲୋଚନା

■ ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ବହୁଚର୍ଚ୍ଚିତ ଏସ୍ଆଇଆର୍ ବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନକୁ ନେଇ ସଂସଦରେ ଚାଲିଥିବା ଅଚଳାବସ୍ଥାର ଅବସାନ ହେବାକୁ ଯାଉଛି । ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଶେଷରେ ସରକାର ରାଜି ହୋଇଛନ୍ତି । ଆସନ୍ତା ଡିସେମ୍ବର ୯ ତାରିଖରେ ଲୋକସଭାରେ ଏହା ଉପରେ ୧୦ ଘଣ୍ଟା ପାଇଁ ଆଲୋଚନା ହେବ । ବିଭିନ୍ନ ଦଳର ନେତାମାନଙ୍କ ସହିତ ବୈଠକ ପରେ ସରକାର ଏହି ସୂଚନା ଦେଇଛନ୍ତି ।

ଗତକାଲି ଭଳି ଆଜି ମଧ୍ୟ ସଂସଦର ଉଭୟ ଗୃହରେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ଦାବି କରି



ବିରୋଧୀ ଦଳ ଅଚଳାବସ୍ଥା ସୃଷ୍ଟି କରିଥିଲେ । ସରକାର ଏଥିପାଇଁ ରାଜି ନହେବାରୁ ଉଭୟ ଗୃହକୁ ବାରମ୍ବାର ମୁଲତବୀ କରିବାକୁ ପଡ଼ିଥିଲା । ତେବେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭାରେ ସୂଚନା ଦେଇଥିଲେ ଯେ ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ସରକାର ରାଜି ଅଛନ୍ତି । କିନ୍ତୁ ଏହାର ସମୟକୁ ନେଇ ବିରୋଧୀ ସଭ୍ୟ ଜିଦ୍ ଧରିବା ଉଚିତ ନୁହେଁ ।

ଏହାପରେ ସର୍ବଦଳୀୟ ବୈଠକ ସହିତ ଗୃହ ପରାମର୍ଶଦାତା କମିଟି ବୈଠକ ହୋଇଥିଲା । ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏସ୍ଆଇଆର୍ ଉପରେ ୯ ତାରିଖରେ ▶ପୃଷ୍ଠା-୭

## ପ୍ରଧାନମନ୍ତ୍ରୀଙ୍କ ବାସଭବନ ହେଲା ‘ସେବା ତୀର୍ଥ’

■ ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ର ନାମକୁ କେନ୍ଦ୍ର ସରକାର ବଦଳାଇ ସେବା ତୀର୍ଥ କରିଦେଇଛନ୍ତି । ସେହିପରି ସାରା ଦେଶରେ ଥିବା ରାଜ ଭବନ କୋଠାଗୁଡ଼ିକୁ ନାମକୁ ଲୋକ ଭବନ କରିଦିଆଯାଇଛି । କେନ୍ଦ୍ରୀୟ ସଚିବାଳୟ ଏବେ କର୍ତ୍ତବ୍ୟ ଭବନ ଭାବେ ପାଲଟି ଯାଇଛି । ପିଏମଓ ଅଧିକାରୀଙ୍କ ସୂଚନା ଅନୁଯାୟୀ, ସାର୍ବଜନୀନ ପ୍ରତିଷ୍ଠାନରେ ଏକ ବଡ଼ ପରିବର୍ତ୍ତନ ହେଉଛି । ଆମେ କ୍ଷମତାରୁ ସେବାକୁ ଯାଉଛୁ । ▶ପୃଷ୍ଠା-୭

## ଆଉ ଜେଲ୍ ଯିବେନି ଜୁଆଡ଼ି

### ଜେଲ ବଦଳରେ କେବଳ ୫ ହଜାର ଟଙ୍କା ଜରିମାନା

■ ଭୁବନେଶ୍ୱର, ୨।୧୨ (ସମିସ): ଜୁଆ ଖେଳ ପାଇଁ ଆଉ ଜେଲ ଯିବାକୁ ପଡ଼ିବ ନାହିଁ । ଦଣ୍ଡସ୍ୱରୂପ ୫ ହଜାର ଟଙ୍କା ଦେଇ ଅଭିଯୁକ୍ତ ମୁକୁଳି ପାରିବ । ବିଧାନସଭାରେ ଓଡ଼ିଶା ଜନ ବିଶ୍ୱାସ ବିଲ ୨୦୨୫ ଆଜି ଅନୁମୋଦନ ଲାଭ ପରେ ଖୁବ୍ ଶୀଘ୍ର ଏହି ନିୟମ ପ୍ରଚଳନ ହେବ । ଯାହାକୁ ନେଇ ବିଧାନସଭାରେ ମୁହାଁମୁହିଁ ହୋଇଛନ୍ତି ଶାସକ ଓ ବିରୋଧୀ । ରାଜ୍ୟ ସରକାର ଏହାକୁ ସଂସ୍କାରମୂଳକ ପଦକ୍ଷେପ ବୋଲି ଅଭିହିତ କରିଥିବା ବେଳେ ବିରୋଧୀ ଏହାକୁ ଜନ ବିଶ୍ୱାସ ନୁହେଁ ‘ଜନ ବିଶ୍ୱାସଘାତକ’ ବିଲ୍ ବୋଲି ଆକ୍ଷେପ କରିଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି ନୂଆ ଆଇନ ରାଜ୍ୟର ଜୁଆଡ଼ିଙ୍କୁ ଆନନ୍ଦିତ କରିଛି । ଜେଲ୍ ଦଣ୍ଡ ଉଠି ଯାଇଥିବାରୁ ଏବେ ହୋଟେଲ, କ୍ଲବ୍ ବା ଅନ୍ୟ ଯେଉଁଠି ଜୁଆ ଖେଳ ହୋଇ ପାରିବ ଓ ଲକ୍ଷଲକ୍ଷ ଟଙ୍କା ଲାଭ ବଦଳରେ ମାତ୍ର ୫ ହଜାର ଟଙ୍କା ଜୋରିମାନା ଦେଇ ମୁକୁଳିବା ବ୍ୟବସ୍ଥା ସେମାନଙ୍କୁ ଆଶ୍ୱସ୍ତ କରିଛି । ▶ପୃଷ୍ଠା-୭



**ଜନବିଶ୍ୱାସ ବିଲ୍-୨୦୨୫କୁ ବିଧାନସଭାରେ ମଞ୍ଜୁରୀ**

**ବିଲ୍‌ରେ ୧୬ ମୂଳ ରାଜ୍ୟ ଆଇନରେ ହୋଇଛି ସଂଶୋଧନ**

**‘ଜନ ବିଶ୍ୱାସ’ ନୁହେଁ ‘ଜନ ବିଶ୍ୱାସଘାତକ’ ବିଲ୍: ବିରୋଧୀ**

## ପ୍ରଶ୍ନ ଘେରରେ ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ନିଯୁକ୍ତି

## ଶହେରୁ ୧ ରଖିଲେ ପାସ୍

■ ଭୁବନେଶ୍ୱର, ୨।୧୨ (ସମିସ): ଚର୍ଚ୍ଚାରେ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ଫଳ । ଏଥିରେ ୧୦୦ ନମ୍ବରରୁ ୧ ନମ୍ବର ରଖିଥିବା ପ୍ରାର୍ଥୀମାନେ ମୁଖ୍ୟ ପରୀକ୍ଷା ପାଇଁ ମନୋନୀତ ହେବା ପରେ ଶିକ୍ଷା ବ୍ୟବସ୍ଥାକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି । କୌତୂହଳର କଥା ହେଉଛି, କେବଳ ପୂର୍ବତନ ସରକାରୀ ଚାକିରିଆଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବର୍ଗର କଟ୍‌ଅଫ୍ ବା ସର୍ବନିମ୍ନ ମାର୍କ ୩୦ ତଳକୁ ରହିଛି ।

ଏଲ୍‌ଟିଆର୍ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଗତ ୧୬ ତାରିଖରେ ହୋଇଥିବା ପ୍ରିଲିମିନାରୀ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି । ଏଥିରେ ଅନୁସୂଚିତ ଜାତି (ଏସ୍‌ସି) ବର୍ଗର କଟ୍‌ଅଫ୍ ସର୍ବନିମ୍ନ ୧ ମାର୍କ ରହିଛି । ଅର୍ଥାତ୍ ୧୦୦ ନମ୍ବରରୁ ୧ ନମ୍ବର ରଖିଥିବା ପରୀକ୍ଷାର୍ଥୀ ମୁଖ୍ୟ ପରୀକ୍ଷା ଦେବା ପାଇଁ ମନୋନୀତ ହୋଇଛନ୍ତି । ତେବେ ଏସ୍‌ସି ବର୍ଗର ମହିଳା ପ୍ରାର୍ଥୀଙ୍କ

**ପୁରୁଷ-ମହିଳା ପ୍ରାର୍ଥୀଙ୍କ କ୍ଷେତ୍ରରେ ବି ତାରତମ୍ୟ**

**ସର୍ବନିମ୍ନ ମାର୍କ ପାଇଁ ବେଞ୍ଚମାର୍କ ନିର୍ଦ୍ଧାରଣ ଜରୁରୀ: ବିଶେଷଜ୍ଞ**

କଟ୍‌ଅଫ୍ ମାର୍କ ୨.୫ ରଖାଯାଇଛି । ଗୋଟିଏ ବର୍ଗର ପୁରୁଷ ଓ ମହିଳା ପ୍ରାର୍ଥୀଙ୍କ ମଧ୍ୟରେ ଏପରି ପ୍ରଭେଦ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷରେ ଅନୁସୂଚିତ ଜନଜାତି ପ୍ରାର୍ଥୀଙ୍କ କଟଅଫ୍ ୨.୭୫ ଯାଇଥିବା ବେଳେ ମହିଳା ପ୍ରାର୍ଥୀଙ୍କ ୩ ରହିଛି । ଏସ୍‌ଇବିସି ପ୍ରାର୍ଥୀଙ୍କ କଟଅଫ୍ ୨୩.୫ ଏବଂ ସାଧାରଣ ବର୍ଗଙ୍କ କଟ୍‌ଅଫ୍ ୨୯ ମାର୍କ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନୂତନ ପ୍ରାର୍ଥୀଙ୍କ ଠାରୁ ପୂର୍ବତନ ସରକାରୀ କର୍ମଚାରୀଙ୍କ କଟଅଫ୍ ଅଧିକ ଅର୍ଥାତ୍ ୩୦ ମାର୍କ ରହିଛି ।

ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସାମାଜିକ ଗଣମାଧ୍ୟମରେ ଏହାର କଟଅଫ୍ ମାର୍କ ଭାଇରାଲ୍ ହେଉଛି । ଅନେକ ଏହାକୁ ସେୟାର କରିବା ସହ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଭବିଷ୍ୟତକୁ ନେଇ ପ୍ରଶ୍ନ ଉଠାଇଛନ୍ତି । ଯେଉଁ ପ୍ରାର୍ଥୀ ୧୦୦ ମାର୍କରେ ମାତ୍ର ୧ ମାର୍କ ରଖି ଚାକିରି ପାଇବେ, ▶ପୃଷ୍ଠା-୭

## ନକଲି ଔଷଧର ଡିପୋ ଓଡ଼ିଶା

### ନାମୀଦାମୀ କମ୍ପାନୀ ନାମରେ ବିକ୍ରି ହେଉଛି ନକଲି

■ ଭୁବନେଶ୍ୱର, ୨।୧୨ (ସମିସ): ବଜାରରେ ଏବେ ନାମୀଦାମୀ କମ୍ପାନୀର ପୁଳାପୁଳା ନକଲି ଏବଂ ନିମ୍ନମାନର ମେଡିସିନ ଉପଲବ୍ଧ ହେଉଛି । ଔଷଧ ଦୋକାନୀ, ଡ଼ିଲରମାନେ ଏହାକୁ ପ୍ରୋତ୍ସାହିତ କରୁଛନ୍ତି; ସାଧାରଣ ଗରିବ ରୋଗୀଙ୍କୁ ଶୋଷଣ କରୁଛନ୍ତି । ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ ହେଉଥିବା ବେଳେ ଖୋଦ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଏହାକୁ ସ୍ୱୀକାର କରିଛନ୍ତି । ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନସଭାରେ ୪ ବର୍ଷରେ ୧୬୮ଟି ନକଲି ଓ ୩୮୮ଟି ନିମ୍ନମାନର ଔଷଧ ଧରା ପଡ଼ିଥିବା ସଂକ୍ରାନ୍ତ ପ୍ରଦାନ କରିଥିବା ସୂଚନା ରାଜ୍ୟବାସୀଙ୍କୁ ହତବାକ୍ କରି ଦେଇଛି । ଭଲ କମ୍ପାନୀର ଦାମୀ ଔଷଧ ମନେକରି ଯେଉଁ ଔଷଧ ଖାଇଛନ୍ତି, ତାହା ଯେ ନକଲି ଓ ନିମ୍ନମାନର ଏ କଥା ଜାଣିବା ପରେ ରୋଗୀ ଓ ସେମାନଙ୍କ ପରିବାର ଚିନ୍ତାରେ ପଡ଼ିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରାଜ୍ୟରେ ସରକାର ପରିବର୍ତ୍ତନ ପରେ ମନ୍ଥର ଧରପଗଡ଼ ଯୋଗୁଁ ରାଜ୍ୟରେ ତୁଳନାତ୍ମକ ଭାବରେ



**୧୬୮ ନକଲି, ୩୮୮ ନିମ୍ନମାନର ଔଷଧ ଜବତ**

**ବିଧାନସଭାରେ ସାଂଘାତିକ ତଥ୍ୟ ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ**

**ଉଦ୍‌ବେଗ ପ୍ରକାଶ କଲେ ଉଭୟ ଶାସକ-ବିରୋଧୀ**

ନକଲି ଓ ନିମ୍ନମାନର ଔଷଧ ଧରାପଡ଼ିଛି ।

ବିଧାସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗଙ୍କ ସୂଚନା ଅନୁସାରେ ୨୦୨୧-୨୨ ମସିହାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ମୋଟ ୭୯ଟି ନକଲି ମେଡିସିନ ଚିହ୍ନଟ କରାଯାଇ ଜବତ ହୋଇଥିଲା ଓ ୮୩ଟି ନିମ୍ନମାନର ମେଡିସିନକୁ ମଧ୍ୟ ଜବତ କରାଯାଇଥିଲା । ୨୦୨୨-୨୩ରେ ୬୪ଟି ନକଲି ମେଡିସିନ ଏବଂ ୧୫୬ଟି ନିମ୍ନ ମାନର ମେଡିସିନ ସରକାର ଜବତ କରିଥିଲେ । ୨୦୨୩-୨୪ରେ ୧୪ଟି ନକଲି ମେଡିସିନ ଓ ୬୯ଟି ନିମ୍ନ ମାନର ମେଡିସିନ ଚିହ୍ନଟ କରାଯାଇ ଜବତ କରାଯାଇଥିଲା । ସେହିପରି ୨୦୨୪- ▶ପୃଷ୍ଠା-୭





90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee

JHARSUGUDA : Sarbahal Road, Marwari Para

SHOWROOMS ALSO AT: BHUBANESWAR | ANGUL | BERHAMPUR | CUTTACK | PURI | ROURKELA | JAJPUR ROAD (Opening Soon)

Follow us on: | 1800 3131 777 | Khimjijewellers.com

# କୋଟିଏ ଦିଅ, ମୁଁ ତୁମକୁ ୧୧୨୫୦ ଭୋଟ ଦେବି

ମୁମ୍ବଇ, ୨।୧୨ (ଏଜେନ୍ସି): ମହାରାଷ୍ଟ୍ର, ହରିୟାଣା ଆଦି ନିର୍ବାଚନରେ ଭୋଟ ଚୋରି ହୋଇଛି ବୋଲି ବିରୋଧୀ ଅଭିଯୋଗ କରିଆସୁଛନ୍ତି । ଏହାକୁ ନେଇ ସଡ଼କଠାରୁ ସଂସଦ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଜାଲିଆତି କରି ନିର୍ବାଚନରେ ବିଜେପି ବିଜୟୀ ହେଉଛି ବୋଲି କହୁଛନ୍ତି । ଏପରି ସମୟରେ ମହାରାଷ୍ଟ୍ର ଚାନ୍ଦୱାଡ ପୌର ପରିଷଦ ନିର୍ବାଚନର କିଛି ଘଣ୍ଟା ପୂର୍ବରୁ ଜାରି ଏକ ଅଡିଓ କ୍ଲିପ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ଏହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏଥିରେ କୁହାଯାଉଛି ଯେ 'ଇଭିଏମ ମେସିନ୍ ପରିଚାଳକଙ୍କ ସହ କଥା ହୋଇସାରିଛୁ । କୋଟିଏ ଟଙ୍କା ଦେଲେ ଆମେ ତୁମକୁ ୧୧,୨୫୦ ଭୋଟ ଦେବୁ । ବିଚଳିତ କରିବା ଭଳି ଏହି ଅଫର ସାମ୍ନାକୁ ଆସିବା ପରେ ଚାନ୍ଦୱାଡରେ ରାଜନୀତି ସରଗରମ ହୋଇ ଉଠିଛି । ମେୟର ପଦ ପାଇଁ ଲଢୁଥିବା ସ୍ୱାଧୀନ ପ୍ରାର୍ଥୀ ରାକେଶ ଅହିରେ ମାମଲାର ପର୍ଦ୍ଦାଫାସ କରିଛନ୍ତି । ସେ କହିଛନ୍ତି ଯେ ଶକ୍ତି ବିଳାସ ଢୋମସେ ନାମକ ଜଣେ ବ୍ୟକ୍ତି ତାଙ୍କୁ ଫୋନ୍ କରିଥିଲା । ଟଙ୍କା ବଦଳରେ ଇଭିଏମ୍‌ରେ ଜାଲିଆତି କରି ଭୋଟ ଦେବାର ଲୋଭ ଦେଖାଇ ଥିଲା । ଏହାକୁ ନେଇ ସେ ଥାନାରେ ଅଭିଯୋଗ ଦାଏର କରିଥିଲେ । ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ମଧ୍ୟ ସେ ଏହାର ପ୍ରମାଣ ଦାଖଲ କରିଛନ୍ତି । ଅଡିଓ କ୍ଲିପ୍ ଭାଇରାଲ ହେବା ପରେ ପୁଲିସ ମାମଲାର ତଦନ୍ତ ଆରମ୍ଭ କରିଛି । ମଙ୍ଗଳବାର ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ତା ପୂର୍ବରୁ ଭାଇରାଲ ଏହି ଅଡିଓ ପ୍ରଶାସନ ସାମ୍ନାରେ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଭାଇରାଲ ଅଡ଼ିଓରେ ଧୋମସେ ଦାବି କରିଥିଲେ ଯେ ବିଜେପିର ମେୟର ପ୍ରାର୍ଥୀ ବୈଭବ ବାଗୁଲ ନିର୍ବାଚନରେ ଠିକ୍ ୧୩,୬୪୨ ଭୋଟ ପାଇବେ । ରାକେଶ ସନ୍ଦେହ କରିବାରୁ ଢୋମସେ ଉତ୍ତରରେ କହିଥିଲେ ଯେ, ଆମେ ପୂର୍ବରୁ ଇଭିଏମ ପରିଚାଳକଙ୍କ ସହ କଥା ହୋଇସାରିଛୁ । ତେଣୁ ଗଣନା ସମ୍ପୂର୍ଣ୍ଣ ସଠିକ । ସେହି ବ୍ୟକ୍ତି ରାକେଶଙ୍କୁ ମଧ୍ୟ ସମାନ ପ୍ରସ୍ତାବ ଦେଇଥିଲେ । ଯଦି ତୁମେ କୋଟିଏ ଟଙ୍କା ଦେବ ତେବେ ତୁମ ପାଇଁ ୧୧,୨୫୦ ଭୋଟ୍ ସଂଗ୍ରହ କରାଯିବ ।



## ଇଭିଏମ୍ 'ମେସିନ ଡିଲ'ର ଅଡିଓ କ୍ଲିପ୍ ଭାଇରାଲ

# ଶ୍ରୀଲଙ୍କାକୁ ଏକ୍ସପାଏରୀ ରିଲିଫ୍ ପଠାଇଲା ପାକିସ୍ତାନ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଶ୍ରୀଲଙ୍କାରେ ବାତ୍ୟା 'ଦିତୱା' ବିପର୍ଯ୍ୟୟ ସୃଷ୍ଟି କରିଛି । ଏହା ୩୫୦ରୁ ଅଧିକ ଲୋକଙ୍କ ଜୀବନ ନେଇଛି । ଶତାଧିକ ନିଖୋଜ ଅଛନ୍ତି । ଭିତ୍ତିଭୂମି ବିପର୍ଯ୍ୟସ୍ତ ହୋଇଯାଇଛି । ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ଥିତିକୁ ଦେଖି ସରକାର ଏମର୍ଜେନ୍ସି ଘୋଷଣା କରିଛନ୍ତି । ଏପରି ସମୟରେ ଶ୍ରୀଲଙ୍କାକୁ ସହାୟତା କରିବା ପାଇଁ ଅନେକ ରାଷ୍ଟ୍ର ଆଗକୁ ଆସୁଛନ୍ତି । ଏହି କ୍ରମରେ ମାନବିକତା ପ୍ରଦର୍ଶନ କରି ଭାରତ ପାକିସ୍ତାନ ନିମନ୍ତେ ବାୟୁସୀମା ଖୋଲି ଦେଇଛି । ପହଲଗାମ ଆକ୍ରମଣ ପରେ ପ୍ରଥମ ଥର ପାଇଁ ଭାରତ ଏହି ପଦକ୍ଷେପ ନେଇଛି । ଶ୍ରୀଲଙ୍କାକୁ ରିଲିଫ ପଠାଇବା ପାଇଁ ପାକିସ୍ତାନ ସରକାର ଅନୁରୋଧ କରିଥିଲେ । ତେଣୁ ସୋମବାର ଦ୍ୱିପହର ଗୋଟାଏରୁ ୫ ଘଣ୍ଟା ନିମନ୍ତେ ଏଥିପାଇଁ ଅନୁମତି ଦିଆଯାଇଥିଲା । ଅନ୍ୟପଟେ ଶ୍ରୀଲଙ୍କାକୁ ରିଲିଫ୍ ସାମଗ୍ରୀ ପଠାଉଥିବା ପାକିସ୍ତାନ ପୁଣି ଏକ ଘୃଣ୍ୟ କାର୍ଯ୍ୟ କରିଛି । ଶ୍ରୀଲଙ୍କାକୁ ଅବଧି ଶେଷ ହୋଇଯାଇଥିବା (ଏକ୍ସପାଏରି) ରିଲିଫ୍ ସାମଗ୍ରୀ ପଠାଇଛି । ଏହାର ଭିଡିଓ ଏବଂ ଫଟୋ ଖୁବ ଭାଇରାଲ ହେବାରେ ଲାଗିଛି । ପ୍ରଶଂସା ପାଇଁ ପାକିସ୍ତାନ ଏହି ସାମଗ୍ରୀର ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲା । ମାତ୍ର ଏହା ଇସଲାମାବାଦର ପୋଲ ଖୋଲି ଦେଇଛି । ସୂଚନା ଅନୁଯାୟୀ ହଳଦିଆ ପ୍ୟାକେଟରେ ଥିବା ରିଲିଫ୍ ସାମଗ୍ରୀ ୨୦୨୨ ଅଗଷ୍ଟରେ ପ୍ୟାକ୍ ହୋଇଥିଲା । ୨୦୨୪ ଅଗଷ୍ଟରେ ଏହାର ବ୍ୟବହାର ଅବଧି ଶେଷ ହୋଇଥିଲା । ବର୍ଷେରୁ ଅଧିକ ଦିନ ବିତି ଯିବା ପରେ ଶ୍ରୀଲଙ୍କାକୁ ଏହି ପ୍ୟାକେଟ ପଠାଇ ପାକିସ୍ତାନ ପୁଣି ନିଜର ଅନ୍ତର୍ଜାତୀୟ ବେଇଜତି କରିଛି ।



### ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

## ଅନୁପ୍ରବେଶକାରୀଙ୍କୁ ରେଡ୍ କାର୍ପେଟରେ ସ୍ୱାଗତ କରିବା ଉଚିତ କି

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଭାରତରେ ରହୁଥିବା ରୋହିଙ୍ଗ୍ୟା ମୁସଲମାନଙ୍କ ଆଇନଗତ ମାନ୍ୟତା ଉପରେ ବଡ଼ ପ୍ରଶ୍ନ ଉଠାଇଛନ୍ତି । ଦେଶର ନାଗରିକ ଗରିବୀର ଶିକାର ହେଉଥିବା ବେଳେ ବେଆଇନ ଭାବେ ଭାରତରେ ଅନୁପ୍ରବେଶ କରୁଥିବା ବ୍ୟକ୍ତିଙ୍କୁ ରେଡ୍ କାର୍ପେଟରେ ସ୍ୱାଗତ କରିବା ଉଚିତ କି ବୋଲି ସର୍ବୋଚ୍ଚ ନ୍ୟାୟାଳୟ ପଚାରିଛନ୍ତି । ଏକ ହେବିୟସ କର୍ପସ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ଏହି ଆବେଦନରେ ଦିଲ୍ଲୀ ପୁଲିସ ଉଠାଇ ନେଇଥିବା ରୋହିଙ୍ଗ୍ୟାଙ୍କ ବିଷୟରେ କୌଣସି ସୂଚନା ମିଳୁ ନ ଥିବା କୁହାଯାଇଥିଲା । ଏହା ଉପରେ ସିଜେଆଇ କହିଥିଲେ ଯେ ଯାହା ପାଖରେ ଭାରତରେ ରହିବାକୁ ଅନୁମତି ନାହିଁ ତାହାକୁ ଅନୁପ୍ରବେଶକାରୀ କୁହାଯାଏ । ଏଭଳି ଲୋକଙ୍କୁ ସବୁ ସୁବିଧା କେମିତି ଦିଆଯାଇପାରିବ । ଭାରତ ଏକ ଗରିବ ଦେଶ । ପ୍ରଥମେ ନିଜ ନାଗରିକଙ୍କ ଯତ୍ନ ନେବା ଜରୁରୀ । ବେଆଇନ ଭାବେ ସୀମା ପାର କରି ଆସିଥିବା ବ୍ୟକ୍ତି ଖାଦ୍ୟ, ବାସଗୃହ ଏବଂ ଶିଶୁଙ୍କ ପଢ଼ିବା ପାଇଁ ଅଧିକାର ମାଗିଲେ କ'ଣ କରାଯିବ । ଆଇନକୁ ଏତେ ଲମ୍ବା ଟଣା ଯାଇପାରିବ କି ବୋଲି ସୁପ୍ରିମକୋର୍ଟ ପଚାରି ଥିଲେ ।

## ବିଜେପିର ପ୍ରେମ କୁମାର ବିହାର ବାଚସ୍ପତି ନିଯୁକ୍ତ

ପାଟନା, ୨।୧୨ (ଏଜେନ୍ସି): ବିହାରରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ଜେଡିୟୁ ବଡ଼ ଝଟ୍‌କା ଲାଗିଛି । ବିଜେପି ବିଧାୟକ ପ୍ରେମ କୁମାର ନିର୍ଦ୍ୱନ୍ଦ୍ୱରେ ବିହାରର ନୂଆ ବାଚସ୍ପତି ନିର୍ବାଚିତ ହୋଇଛନ୍ତି । ସେ ଆଜି ଶପଥ ଗ୍ରହଣ କରିଛନ୍ତି । ଏଥିପାଇଁ ନୀତୀଶ କୁମାର ଏବଂ ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ତାଙ୍କୁ ବାଚସ୍ପତିଙ୍କ ଆସନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ । ପ୍ରେମ କୁମାର ସୋମବାର ନାମାଙ୍କନ ଦାଖଲ କରିଥିଲେ । ତାଙ୍କ ବିରୋଧରେ ବିରୋଧୀ କାହାକୁ ପ୍ରାର୍ଥୀ କରି ନ ଥିଲେ । ଏଥିସହିତ ବିହାର ରାଜନୀତିରେ ବିଜେପିର କ୍ଷମତା ବଢ଼ି ଚାଲିଥିବାବେଳେ ଜେଡ଼ିୟୁର ହ୍ରାସ ପାଇ ଚାଲିଛି । ନୀତୀଶ ମୁଖ୍ୟମନ୍ତ୍ରୀ ହୋଇଥିଲେ ବି ସରକାରର ପ୍ରମୁଖ ପଦ ପଦବୀ ବିଜେପି ହାତରେ ରହିଛି । ଉପ-ମୁଖ୍ୟମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ ପଦ ପରେ ବାଚସ୍ପତି ବି ବିଜେପି କୋଟାରୁ ହୋଇଛନ୍ତି । ବାଚସ୍ପତିଙ୍କ ପାଖରେ ଅଖଣ୍ଡ କ୍ଷମତା ଥାଏ । ପଟ୍ଟ ପରିବର୍ତ୍ତନର ପ୍ରୟାସକୁ ସେ ବିଫଳ କରିଦେଇଥାନ୍ତି । ପୂର୍ବରୁ ନୀତୀଶଙ୍କ ନାମରେ ଅନେକ ଥର ପଟ ପରିବର୍ତ୍ତନର ରେକର୍ଡ ରହିଛି ।

## ପାକିସ୍ତାନରେ ଏଡ୍‌ସ ମାମଲା ୨୦୦% ବୃଦ୍ଧି

ଇସଲାମାବାଦ, ୨।୧୨ (ଏଜେନ୍ସି): ପାକିସ୍ତାନରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି । ଏହି ଦେଶରେ ଗତ ୧୫ ବର୍ଷରେ ଏଡ୍‌ସ ମାମଲା ୨୦୦ ପ୍ରତିଶତ ବୃଦ୍ଧି ପାଇଛି । ରିପୋର୍ଟ ଅନୁଯାୟୀ, ୨୦୧୦ରେ ଏଚଆଇଭିର ୧୬ ହଜାର ନୂଆ ମାମଲା ସାମ୍ନାକୁ ଆସିଥିଲା । ୨୦୨୪ରେ ଏହା ବୃଦ୍ଧି ପାଇ ୪୮ ହଜାରରେ ପହଞ୍ଚି ଯାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ସହ ଜଡ଼ିତ ୟୁଏନଏଡସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ପୂର୍ବରୁ ପାକିସ୍ତାନରେ ଏହା ହାଇ-ରିସ୍କ ଗ୍ରୁପ ମଧ୍ୟରେ ସୀମିତ ଥିଲା । କିନ୍ତୁ ଏବେ ଶିଶୁ, ପତ୍ନୀ, ଏବଂ ସାଧାରଣ ଲୋକେ ଏହାର ଶିକାର ହେଉଛନ୍ତି । ଅସୁରକ୍ଷିତ ଯୌନ ସମ୍ପର୍କ ଏହାର ମୁଖ୍ୟ କାରଣ । ସୂଚନା ଅନୁଯାୟୀ, ପାକିସ୍ତାନରେ ୩, ୫୦,୦୦୦ ବ୍ୟକ୍ତି ଏଚଆଇଭିରେ ସଂକ୍ରମିତ ହୋଇଛନ୍ତି । କିନ୍ତୁ ପ୍ରାୟ ୮୦ ପ୍ରତିଶତ ଏ ବିଷୟରେ କିଛି ଜାଣିନାହାନ୍ତି ।

## ସିବିଆଇକୁ କୋର୍ଟ ଝଟ୍‌କା

ଶ୍ରୀନଗର, ୨।୧୨ (ଏଜେନ୍ସି): ଦୀର୍ଘ ୩୫ ବର୍ଷ ପରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍ତିଙ୍କ ଭଉଣୀ ତଥା ପୂର୍ବତନ କେନ୍ଦ୍ର ଗୃହମନ୍ତ୍ରୀ ମଫତି ମହମ୍ମଦ ସୈୟିଦଙ୍କ ଝିଅ ରୁବେୟାଙ୍କ ଅପହରଣକାରୀ ଅହମ୍ମଦ ସାଙ୍ଗଲୁକୁ ଗିରଫ କରିଛି । ତେବେ ତାକୁ ରିମାଣ୍ଡରେ ନେବା ପାଇଁ ସିବିଆଇ କରିଥିବା ଆବେଦନକୁ ଜମ୍ମୁର ଟାଡା କୋର୍ଟ ଖାରଜ କରିଦେଇଛନ୍ତି । ଏହାଦ୍ୱାରା ସିବିଆଇକୁ ବଡ଼ ଝଟ୍‌କା ଲାଗିଛି । କାରଣ ଆରୋପପତ୍ରରେ ନାମ ନ ଥିବାରୁ ତୁରନ୍ତ ସାଙ୍ଗଲୁକୁ ତୁରନ୍ତ ଛାଡ଼ିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲା ୧୯୮୯ ଡିସେମ୍ବର ୮ର । ସେତେବେଳେ ରୁବେୟାଙ୍କୁ ମୁକ୍ତି ବଦଳରେ ଆତଙ୍କବାଦୀଙ୍କୁ ଛଡ଼ା ଯାଇଥିଲା ।

# ଏବେ 'ସଂଚାର ସାଥୀ' ଝଡ଼

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ସବୁ ମୋବାଇଲ ଫୋନ୍‌ରେ ସାଇବର ସିକ୍ୟୁରିଟି ଆପ୍ 'ସଞ୍ଚାର ସାଥୀ'କୁ ପ୍ରିଇନଷ୍ଟଲ କରିବା ପାଇଁ କମ୍ପାନୀଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଏକ ସଫ୍ଟୱେର ଅପଡେଟ ମାଧ୍ୟମରେ ପୁରୁଣା ଫୋନ୍‌ରେ ମଧ୍ୟ ଏହାକୁ ଇନ୍‌ଷ୍ଟଲ କରିବାକୁ କହିଛନ୍ତି । ଏଥିପାଇଁ ୯୦ ଦିନ ସମୟ ଦେଇଥିଲେ । ତେବେ ଏହାକୁ ନେଇ ବିବାଦ ଆରମ୍ଭ ହୋଇଛି । ସରକାରଙ୍କ ଏହି ନିଷ୍ପତ୍ତିକୁ କଂଗ୍ରେସ ସମେତ ସବୁ ବିରୋଧୀ ଦଳଗୁଡ଼ିକ ତୀବ୍ର ବିରୋଧ କରିଛନ୍ତି । ଏହାକୁ ଇସ୍ରାଇଲ ସ୍ପାଇୱେର ପେଗାସସର ଉନ୍ନତ ସଂସ୍କରଣ କହିଛନ୍ତି । ଏହି ଆପ୍ ଦ୍ୱାରା ସରକାର ଗୁଇନ୍ଦାଗିରି କରିବାକୁ ଚାହୁଁଥିବା ବିରୋଧୀ ଅଭିଯୋଗ କରିଛନ୍ତି । କଂଗ୍ରେସ ସାଂସଦ ପ୍ରିୟଙ୍କା ଭଦ୍ରା କହିଛନ୍ତି ଯେ ଏଭଳି ପଦକ୍ଷେପ ଗୋପନୀୟତା ଉପରେ ପ୍ରତ୍ୟକ୍ଷ ଆକ୍ରମଣ । ଏହା ଏକ ଗୁଇନ୍ଦା ଆପ୍ । ସରକାର ପ୍ରତ୍ୟେକ ନାଗରିକଙ୍କ ଉପରେ ନଜର ରଖିବାକୁ ଚାହୁଁଛନ୍ତି । ସାଇବର ଠକେଇର ରିପୋର୍ଟିଂ ପାଇଁ ବ୍ୟବସ୍ଥା ଜରୁରୀ । ମାତ୍ର ସରକାରଙ୍କ ନୂଆ ନିର୍ଦ୍ଦେଶ ବ୍ୟକ୍ତିଗତ ଜୀବନରେ ଅନାବଶ୍ୟକ ଦଖଲ ଦେବା ସହ ସମାନ ।

କଂଗ୍ରେସ ନେତା କେସି ବେଣୁଗୋପାଳ ଏହି ନିର୍ଦ୍ଦେଶକୁ ସମାଲୋଚନା କରିଥିବାବେଳେ ସାଂସଦ ରେଣୁକା ଚୌଧୁରୀ ଗୃହରେ ମୁଲତବୀ ନୋଟିସ ଦେଇଛନ୍ତି । ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ବାହାରେ ନୁହେଁ, ସଂସଦ ଭିତରେ କହିବେ ବୋଲି ଉଲ୍ଲେଖ କରିଛନ୍ତି । କଂଗ୍ରେସ ସାଂସଦ ଶଶୀ ଥରୁର କହିଛନ୍ତି ଯେ ସଞ୍ଚାର ସାଥୀ ଆପର ବ୍ୟବହାର ଇଚ୍ଛାଧୀନ ହେବା ଉଚିତ । ଯାହାର ଆବଶ୍ୟକତା ହେବ ସେ ଏହାକୁ ଡାଉନଲୋଡ କରିପାରିବେ । ଗଣତନ୍ତ୍ରରେ କୌଣସି ବିଷୟକୁ ଜୋର ଜବରଦସ୍ତି ଲାଗୁ କରିବା ଚିନ୍ତାର ବିଷୟ । ଗଣମାଧ୍ୟମ ମାଧ୍ୟମରେ ନିର୍ଦ୍ଦେଶ ଜାରି କରିବା ପରିବର୍ତ୍ତେ ଏହାକୁ ଲାଗୁ କରିବା ପଛରେ କ'ଣ କାରଣ ରହିଛି ତାହା ଲୋକଙ୍କୁ ସରକାର ଜଣାଇବା ଉଚିତ । କେସି ବେଣୁଗୋପାଳ କହିଛନ୍ତି ଯେ ଏହା ସାଧାରଣ ଲୋକଙ୍କ ଗୋପନୀୟତା ଉପରେ ପ୍ରତ୍ୟକ୍ଷ ଆକ୍ରମଣ ସହ ସମାନ । ସହାୟତା ନାମରେ ବିଜେପି ଲୋକଙ୍କ ବ୍ୟକ୍ତିଗତ ସୂଚନା ନେବାକୁ ଚାହୁଁଛି । ଭାରତରେ ଆମେ ପେଗାସସ୍ ଭଳି ମାମଲା ଦେଖିଛୁ । ବର୍ତ୍ତମାନ ଏହି ଆପ ମାଧ୍ୟମରେ ନାଗରିକଙ୍କ ଉପରେ ନଜର ରଖିବାକୁ ଚେଷ୍ଟା କରାଯାଉଛି । କଂଗ୍ରେସ ସାଂସଦ ରେଣୁକା ଚୌଧୁରୀଙ୍କ ଅନୁଯାୟୀ, ଗୋପନୀୟତା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର । ସିପିଆଇ-ଏମ୍ ସାଂସଦ ଜନ୍ ବ୍ରିଟାସ୍ କହିଛନ୍ତି ଯେ ମୋବାଇଲରେ ଏହି ଆପ୍ ଇନଷ୍ଟଲ ଲୋକଙ୍କ ଗୋପନୀୟତାର ସିଧାସଳଖ ଉଲ୍ଲଂଘନ ଏବଂ ସୁପ୍ରିମକୋର୍ଟଙ୍କ ୨୦୧୭ ରାୟ ବିରୋଧୀ । ଏହି ଆପକୁ ହଟାଯାଇପାରିବ ନାହିଁ, ଅର୍ଥାତ୍ ୧୨୦ କୋଟି ମୋବାଇଲ ଫୋନରେ ସଞ୍ଚାର ସାଥୀକୁ ବାଧ୍ୟତାମୂଳକ କରାଯାଉଛି । ଆମେ କ'ଣ କରୁଛୁ ଏବଂ କ'ଣ ଚାହୁଁଛୁ ତାହା ସରକାର ଜାଣିବାକୁ ଚାହାନ୍ତି । କଂଗ୍ରେସ ସାଂସଦ କାର୍ତ୍ତି ଚିଦମ୍ବରମ ଏହାକୁ 'ପେଗାସସ୍ ପ୍ଲସ ପ୍ଲସ' କହିଛନ୍ତି । ବଡ଼ ଭାଇ ଆମ ଫୋନ ଏବଂ ଜୀବନକୁ କବ୍‌ଜା କରିନେବ । ଏହାର କାରଣ କ'ଣ ବୋଲି କାର୍ତ୍ତି ପଚାରିଛନ୍ତି ।

ସଞ୍ଚାର ସାଥୀକୁ ନେଇ ବିବାଦ ବଢ଼ିବା ପରେ କେନ୍ଦ୍ର ପଛଘୁଞ୍ଚା ଦେଇଛି । ଦୂରସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ଏହି ଆପ୍‌କୁ ବାଧ୍ୟତାମୂଳକ କରାଯିବ ନାହିଁ । ବ୍ୟବହାରକାରୀ ଚାହିଁଲେ ଏହାକୁ ହଟାଇ ପାରିବେ । ଏହା ଇଚ୍ଛାଧୀନ ରହିବ । ସମସ୍ତଙ୍କୁ ଏହି ଆପ୍ ସହ ପରିଚିତ କରାଇବା ଆମର କର୍ତ୍ତବ୍ୟ । ଏହାକୁ ନିଜ ଫୋନରେ ରଖିବେ କି ନାହିଁ ତାହା ବ୍ୟବହାରକାରୀଙ୍କ ଉପରେ ନିର୍ଭର କରୁଛି ।

- ଗୁଇନ୍ଦାଗିରି ପାଇଁ ସରକାରୀ ଚାଲ: ବିରୋଧୀ
- ବିବାଦ ପରେ ନଇଁଲେ ସରକାର
- ଆପ୍ ହଟାଇ ପାରିବେ ବ୍ୟବହାରକାରୀ




## ମେସେଜ, ଓଟିପି ପଢ଼ିପାରିବ ଆପ୍

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ସଞ୍ଚାର ସାଥୀ ମାଧ୍ୟମରେ ସରକାର ସାଇବର ଠକେଇ ଏବଂ ଜାଲିଆତିକୁ ରୋକିବାକୁ ଚାହୁଁଛନ୍ତି । ତେଣୁ ନୂଆ ଫୋନରେ ଏହାକୁ ବାଧ୍ୟତାମୂଳକ କରିଦେଇଛନ୍ତି । ବ୍ୟବହାରକାରୀଙ୍କ କଲ୍, ମେସେଜ ଏବଂ ହ୍ୱାଟସ୍‌ଆପ ଚାଟ୍ ରିପୋର୍ଟ କରିବାରେ ଏହା ସହାୟତା କରିବ । ଆଇଏମଇଆଇ ନମ୍ବର ଚେକ୍ କରି ଚୋରି କିମ୍ବା ହଜି ଯାଇଥିବା ଫୋନକୁ ବ୍ଲକ କରିଦେବ । ଏବେ ଦେଶରେ ୧.୨ ବିଲିୟନରୁ ଅଧିକ ମୋବାଇଲ ବ୍ୟବହାରକାରୀ ଅଛନ୍ତି । କିନ୍ତୁ ଜାଲ୍ ଆଇଏମଇଆଇ ନମ୍ବର ଯୋଗୁଁ ସାଇବର କ୍ରାଇମ ବଢ଼ିବାରେ ଲାଗିଛି । ଆଇଏମଇଆଇ ନମ୍ବରକୁ କ୍ଲୋନ କରି ଅପରାଧୀ ଟ୍ରାକ୍ ହେବାରୁ ବର୍ତ୍ତି ଯାଉଛନ୍ତି । ସଞ୍ଚାର ସାଥୀ ଆପ୍ ପୁଲିସକୁ ଡିଭାଇସ ଟ୍ରେସ କରିବାରେ ସହାୟତା ଦେବ । ସେପ୍ଟେମ୍ବର ସୁଦ୍ଧା ଏହା ମାଧ୍ୟମରେ ୨୨.୭୬ ଲକ୍ଷ ଡିଭାଇସ ଟ୍ରେସ କରାଯାଇଥିଲା । ତେବେ ବିଶେଷଜ୍ଞଙ୍କ ଅନୁଯାୟୀ, ସଞ୍ଚାର ସାଥି ଆପ୍ ଫୋନ୍‌ର ମେସେଜ ଏବଂ ଓଟିପି ପଢ଼ି ପାରିବ । ଯେବେ ଚାହିଁବ କଥା ଶୁଣି ପାରିବ । ଫୋନରେ ଥିବା ଫଟୋ, ଭିଡିଓ ମଧ୍ୟ ଦେଖିପାରିବ । ଏହି ଆପ୍‌କୁ ମୋବାଇଲର କ୍ୟାମେରା, କିବୋର୍ଡ ସ୍ପିକର, ଗ୍ୟାଲେରି, ଅଡିଓ, କଲ୍ ଲଗ, ଲୋକେସନ ଆକ୍ସେସର ଅନୁମତି ମିଳିଯିବ । ଏହାକୁ ବ୍ୟବହାରକାରୀ ବନ୍ଦ କରିପାରିବେ ନାହିଁ ।

# ଜେଲ୍‌ରେ ଇମ୍ରାନଙ୍କୁ ଭେଟିଲେ ଭଉଣୀ

ଇସାଲାମବାଦ, ୨।୧୨ (ଏଜେନ୍ସି): ହତ୍ୟା ଗୁଜବ ମଧ୍ୟରେ ଦୀର୍ଘ ଦିନ ପରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଭେଟିବା ପାଇଁ ତାଙ୍କ ଭଉଣୀ ଉଜ୍‌ମା ଖାନଙ୍କୁ ଅନୁମତି ଦିଆଯାଇଛି । ସେ ମଙ୍ଗଳବାର ରାୱଲପିଣ୍ଡିର ଆଦିୟାଲା ଜେଲ୍‌ରେ ଭାଇଙ୍କୁ ଭେଟିଛନ୍ତି । ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ଚର୍ଚ୍ଚା କରିଛନ୍ତି । ଏଠାରୁ ବାହାରିବା ପରେ ଭାଇ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସୂଚନା ଦେଇଛନ୍ତି । ସେ କହିଥିଲେ ଯେ ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ଠିକ୍ ଅଛି, ମାତ୍ର ସେ ବହୁତ କ୍ରୋଧିତ ଅଛନ୍ତି । ତାଙ୍କୁ ମାନସିକ ଉତ୍ପୀଡ଼ନ ଦିଆଯାଉଛି । ଏହି ସବୁ ପାଇଁ ସେନାମୁଖ୍ୟ ଅସୀମ ମୁନୀର ଦାୟୀ । କାହା ସହ ଯୋଗାଯୋଗ କରିବାକୁ ଇମ୍ରାନଙ୍କୁ ଦିଆଯାଉ ନାହିଁ । ନିଜ ସେଲ୍‌ରେ ତାଙ୍କୁ ବନ୍ଦୀ କରି ରଖାଯାଇଛି । କେବଳ କିଛି କ୍ଷଣ ପାଇଁ ବାହାରକୁ ଛଡ଼ା ଯାଉଛି । ତେବେ ଭଉଣୀମାନଙ୍କ ସହ ଚର୍ଚ୍ଚା କରି ଏ ବିଷୟରେ ଅଧିକ ସୂଚନା ଦେବେ ବୋଲି ଉଜ୍‌ମା କହିଛନ୍ତି । ସୂଚନାଯୋଗ୍ୟ ଯେ ଦୀର୍ଘ ୨୭ ଦିନ ପରେ ଇମ୍ରାନଙ୍କୁ ପରିବାର ସଦସ୍ୟ ଭେଟିଛନ୍ତି ।



# ମୁନୀରଙ୍କୁ ନେଇ ଆତଙ୍କିତ ଅବସ୍ଥାରେ ଶାହବାଜ

ଇସଲାମାବାଦ, ୨।୧୨ (ଏଜେନ୍ସି): ପାକିସ୍ତାନ ସେନାମୁଖ୍ୟ ତଥା ଫିଲ୍ଡ ମାର୍ଶାଲ ଅସୀମ ମୁନୀରଙ୍କୁ ତିନି ସେନାର ସୁପ୍ରିମ ତଥା ଚିଫ୍ ଅଫ ଡିଫେନ୍ସ ଫୋର୍ସ (ସିଡିଏଫ) କରିବା ପ୍ରକ୍ରିୟା ଅଟକି ଯାଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ତାଙ୍କ ବାଟରେ କଣ୍ଟା ସାଜିଛନ୍ତି । ସେ ମୁନୀରଙ୍କୁ ସେନାର ସର୍ବେସର୍ବା କରିବାକୁ ଚାହୁଁ ନାହାନ୍ତି । ସେଥିପାଇଁ ସେ ନିଜକୁ ଏହି ପ୍ରକ୍ରିୟାରୁ ଦୂରେଇ ନେଇଛନ୍ତି । ସିଡିଏଫ ନିଯୁକ୍ତି ନେଇ ଗତ ୨୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥାନ୍ତା । କିନ୍ତୁ ସରିଫ ଏହା ଚାହୁଁ ନ ଥିବାରୁ ନିର୍ଦ୍ଦେଶରେ ଏ ପର୍ଯ୍ୟନ୍ତ ସ୍ୱାକ୍ଷର କରିନାହାନ୍ତି । ଏହା ପୂର୍ବରୁ ଗତ ୨୭ ତାରିଖରେ ମୁନୀର ବାହାରିନ ଗସ୍ତରେ ପଳାଇ ଥିଲେ । ଏଠାରୁ ସେ ବିନା ପୂର୍ବର ସୂଚନାରେ ଲଣ୍ଡନ ପଳାଇ ଥିଲେ । ସୂଚନା ଅନୁଯାୟୀ, ଗତ ୧୨ ତାରିଖରେ ସେନାର କ୍ଷମତା ବୃଦ୍ଧି ପାଇଁ ପାକିସ୍ତାନ ସଂସଦରେ ୨୭ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇଥିଲା । ଏହା ଅଧିନରେ ମୁନୀରଙ୍କୁ ସିଡିଏଫ ନିଯୁକ୍ତ କରାଯାଇଥାନ୍ତା । ଏହି ପଦ ସହିତ ତାଙ୍କୁ ପରମାଣୁ କମାଣ୍ଡ ବି ମିଳିଥାନ୍ତା । ସେ ଦେଶର ସବୁଠୁ ଶକ୍ତିଶାଳୀ ବ୍ୟକ୍ତି ହୋଇଯାଇଥାନ୍ତେ । କିନ୍ତୁ ଏବେ ଏହା ଲଟକି ରହିଛି । ପାକିସ୍ତାନ ସାମ୍ବାଦିକ ଫହଦ ହୁସୈନଙ୍କ ଅନୁଯାୟୀ, ଏହା ଏକ ଗମ୍ଭୀର ଏବଂ ଗୁପ୍ତ ମାମଲା । ଏଥିପାଇଁ ଏ ପର୍ଯ୍ୟନ୍ତ ବିଜ୍ଞପ୍ତି ଜାରି ହୋଇପାରି ନାହିଁ । ଅନ୍ୟ ବିଶେଷଜ୍ଞମାନେ କହିଛନ୍ତି ଯେ ଆଭ୍ୟନ୍ତରୀଣ ମାମଲାର ସମାଧାନ ହୋଇପାରିନି ବୋଲି ଲାଗୁଛି । ପରଦା ପଛରେ ଟଣାଓଟରା ଲାଗି ରହିଛି । କିଛି ବିଶେଷଜ୍ଞ ଚେତାବନୀ ଦେଇଛନ୍ତି ଯେ ଆନୁଷ୍ଠାନିକ ଭାବେ ବିଜ୍ଞପ୍ତି ଜାରି ନ ହେବା ପର୍ଯ୍ୟନ୍ତ ମୁନୀରଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଛି ବୋଲି ଧରାଯିବ । ଆଇନ ବିଶେଷଜ୍ଞଙ୍କ ଅନୁଯାୟୀ, ଗତ ୨୭ ତାରିଖରେ ପୁରୁଣା ପଦବୀକୁ ରଦ୍ଦ କରିଦିଆଯାଇଥିଲା । ତେଣୁ ୨୮ କିମ୍ବା ୨୯ ତାରିଖ ମଧ୍ୟରେ ନୂଆ ବିଜ୍ଞପ୍ତି ଜାରି ହେବାର ଥିଲା । ୨୦୨୨ ନଭେମ୍ବର ୨୯ରେ ମୁନୀର ସେନା ମୁଖ୍ୟ ହୋଇଥିଲେ ।

# ସିନ୍ଦେ ଗୋଷ୍ଠୀ ଛାଡ଼ିବେ ୩୫ ବିଧାୟକ: ସଞ୍ଜୟ ରାଉତ

ମୁମ୍ବଇ, ୨।୧୨ (ଏଜେନ୍ସି): ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ବଡ଼ ଦାବି କରିଛନ୍ତି । ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀ ପୁଣି ଭାଗ ଭାଗ ହେବାକୁ ଯାଉଛି ବୋଲି ସେ କହିଛନ୍ତି । ୩୫ ବିଧାୟକ ସିନ୍ଦେ ଗୋଷ୍ଠୀ ଛାଡ଼ିବାକୁ ଯାଉଛନ୍ତି । ଆମ ସହ ବିଜେପି ଯାହା କରିଥିଲା ସେଭଳି ସିନ୍ଦେ ସେନା ସହ ହେବାକୁ ଯାଉଛି । ଡିସେମ୍ବର ପରେ ଏକ ବଡ଼ ରାଜନୈତିକ ଓଲଟପାଲଟ ହେବ । ଦିଲ୍ଲୀର ଦୁଇ ପ୍ରମୁଖ ନେତା ତାଙ୍କ ପଛରେ ଅଛନ୍ତି ବୋଲି ସିନ୍ଦେ ଭାବୁଛନ୍ତି । କିନ୍ତୁ ସେମାନେ କାହା ସହ ନାହାନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସିନ୍ଦେ ଗୋଷ୍ଠୀକୁ ଧ୍ୱଂସ କରିଦେବେ । ଏହା ଶାହାଙ୍କ ପରମ୍ପରା । ସେମାନେ ଆମକୁ ଦୁଇଭାଗ କରିବାକୁ ପ୍ରୟାସ କରିଥିଲେ । କିନ୍ତୁ ଆମେ ବର୍ତ୍ତି ଯାଇଥିଲୁ । ଏବେ ସିନ୍ଦେ ଗୋଷ୍ଠୀକୁ ଭାଙ୍ଗିବା ପାଇଁ ଯୋଜନା ପ୍ରସ୍ତୁତ ହୋଇସାରିଲାଣି । ଡିସେମ୍ବର ପରେ ଏହାର ସ୍ଥିତି ସ୍ପଷ୍ଟ ହୋଇଯିବ । ଏହି କାରଣରୁ ଡୋମ୍ବିଭାଲିର ରବୀନ୍ଦ୍ର ଚଭନଙ୍କୁ ବିଜେପି ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି । ସେ ରାଜନୀତି ଜାଣିଛନ୍ତି । ପଛରୁ ଛୁରା ଭୁସିବା ବିଜେପିର ରେକର୍ଡ ରହିଛି । ବାଲ୍ ଠାକରେଙ୍କ ସହ ସେମାନେ ଏପରି କରିଥିଲେ । ସିନ୍ଦେ ତାଙ୍କ ଆଗରେ କିଛି ନୁହେଁ । ସିନ୍ଦେ ଗୋଷ୍ଠୀ ପତନ ଦ୍ୱାରରେ ପହଞ୍ଚିଛି ।

ସ୍ଥାନୀୟ ନିର୍ବାଚନକୁ ନେଇ ଦୀର୍ଘ ଦିନ ହେଲା ମହାଯୁତି ସରକାରରେ ସାମିଲ ବିଜେପି ଏବଂ ସିନ୍ଦେ ଗୋଷ୍ଠୀର ଶିବସେନା ମଧ୍ୟରେ ବିବାଦ ଲାଗି ରହିଛି । ଚଭନ କହିଥିଲେ ଯେ ଡିସେମ୍ବର ୨ ତାରିଖ ପର୍ଯ୍ୟନ୍ତ ତାଙ୍କୁ ମେଣ୍ଟ ବଜାୟ ରଖିବାକୁ ପଡ଼ିବ । ତାଙ୍କର ଏପରି ମନ୍ତବ୍ୟ ରାଜନୈତିକ ଝଡ଼ ସୃଷ୍ଟି କରିଛି । ବିଜେପି ଏବଂ ଶିବସେନା ମେଣ୍ଟ ଭାଙ୍ଗିଯିବ ବୋଲି କୁହାଯାଉଛି । ମାସେ ହେଲା ସର୍ବସାଧାରଣକୁ ଆସି ନ ଥିବା ସଞ୍ଜୟ ରାଉତ ଏହା ଉପରେ ଚିନ୍ତା ପ୍ରକଟ କରିଛନ୍ତି । ମହାରାଷ୍ଟ୍ରରେ ନିର୍ବାଚନର ସଂସ୍କୃତିକୁ ବିଜେପି ଧ୍ୱଂସ କରି ଅର୍ଥକୈନ୍ଦ୍ରିକ କରୁଥିବା ସେ ଦାବି କରିଛନ୍ତି । ରାଉତ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କ ନେତୃତ୍ୱରେ ନିର୍ବାଚନ ସମୟରେ କୋଟି କୋଟି ଟଙ୍କା ବଣ୍ଟା ଯାଇଛି । ଏହା ନିର୍ବାଚନ ସଂସ୍କୃତିକୁ ଧ୍ୱସ୍ତ କରିଦେଇଛି । ମୁଖ୍ୟମନ୍ତ୍ରୀ ଏବଂ ସରକାର ତୃଣମୂଳସ୍ତର ସହ ଜଡ଼ିତ ହେଉ ନାହାନ୍ତି ।

## ଭାଙ୍ଗିଯିବ ବିଜେପି-ଶିବସେନା ମେଣ୍ଟ

# 'ବ୍ରେକ୍ ଫାଷ୍ଟ'ରେ ଗଢ଼ୁଛି କର୍ଣ୍ଣାଟକ କଂଗ୍ରେସ ରାଜନୀତି

ବେଙ୍ଗାଲୁରୁ, ୨।୧୨ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସରେ ଭୂକମ୍ପ ସୃଷ୍ଟି କରିଥିବା ମୁଖ୍ୟମନ୍ତ୍ରୀ କଳିର ସମାଧାନ ପାଇଁ ପୁଣି ପୂର୍ବ ରଣନୀତି ଆପଣା ଯାଇଛି । ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ କ୍ଷମତା କନ୍ଦଳ ବ୍ରେକ ଫାଷ୍ଟରେ ଗଢ଼ୁଛି । ତେବ ଖୁବଶୀଘ୍ର କିଛି ବଡ଼ ନିଷ୍ପତ୍ତି ନିଆଯିବ ବୋଲି ଲାଗୁଛି । କାରଣ ଗତ ଚାରି ଦିନରେ ଦ୍ୱିତୀୟ ଥର 'କ୍ଷମତା ପାଇଁ ଜଳଖିଆ ବୈଠକ' ଅନୁଷ୍ଠିତ ହୋଇଯାଇଛି । ଏହି ଥର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ନିଜ ଡେପୁଟି ଡିକେଙ୍କ ଘରେ ପହଞ୍ଚିଛନ୍ତି । ୨୦୨୩ରୁ ଚାଲିଥିବା ଏହି କଳି ସମାଧାନ କରିବା ପାଇଁ ସିଦ୍ଧରମୈୟା କ୍ଷମତା ବଲ୍‌କୁ କଂଗ୍ରେସ ଉପରେ ଛାଡ଼ିଛନ୍ତି । କିନ୍ତୁ ସେ ଦେଇଥିବା ବୟାନକୁ ନେଇ ଅନିଶ୍ଚିତତା ରହିଛି । ସେ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ହାଇକମାଣ୍ଡ ଯେବେ କହିବେ ସେବେ ଶିବକୁମାର ମୁଖ୍ୟମନ୍ତ୍ରୀ ହେବେ । ଆମ ମଧ୍ୟରେ କୌଣସି ମତଭେଦ ନାହିଁ । ଉଭୟେ ଏକାଠି ହୋଇ ରାଜ୍ୟ ସରକାର ଚଳାଉଛୁ । ହାଇକମାଣ୍ଡ ଯେବେ ଡାକିବେ ଦିଲ୍ଲୀ ଯିବି । ବୁଧବାର ଏକ ବୈଠକରେ କଂଗ୍ରେସ ନେତା କେସି ବେଣୁଗୋପାଳଙ୍କୁ ଭେଟିବାକୁ ଯାଉଛି । ଏଠାରେ ଉଭୟଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି । ସେହିପରି ୮ ତାରିଖରେ ନେତାଙ୍କ ବୈଠକ ଡକାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଟିପ୍ପଣୀରୁ ସିଦ୍ଧରମୈୟା ବିବାଦର ଅନ୍ତ ଚାହୁଁଥିବା ଜଣାପଡୁଛି । ସେ ନିଜ ଜିଦ୍‌ରୁ ମଧ୍ୟ ପଛଘୁଞ୍ଚା ଦେବାକୁ ଚାହୁଁଛନ୍ତି । ତେବେ କଂଗ୍ରେସ ଦଳ ବିଶେଷ କରି ସାଂସଦ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ପ୍ରିୟଙ୍କା ଭଦ୍ରା ଏବଂ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ କହିଲେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବେ ବୋଲି ସିଦ୍ଧରମୈୟା କହିଛନ୍ତି ।

ଅନ୍ୟପକ୍ଷରେ ଶିବକୁମାର ନିଜ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେବାକୁ ପ୍ରୟାସ କରୁଛନ୍ତି । ଡିକେଙ୍କ ଭାଇ ତଥା ପୂର୍ବତନ ସାଂସଦ ଡିକେ ସୁରେଶ ମଧ୍ୟ ଆଜି ସିଦ୍ଧରମୈୟାଙ୍କ ପାଦ ଛୁଇଁଛନ୍ତି । ସେ ଗତ ମାସରେ ତାଙ୍କ ବିରୋଧରେ ମନ୍ତବ୍ୟ ଦେଇ ଚର୍ଚ୍ଚାରେ ଥିଲେ । ଆଜି ସକାଳେ ମୁଖ୍ୟମନ୍ତ୍ରୀ ଶିବକୁମାରଙ୍କ ଘରେ ପହଞ୍ଚିବା ପରେ ଭାଇଙ୍କ ସହ ସୁରେଶ ତାଙ୍କୁ ସ୍ୱାଗତ କରିଥିଲେ । ହାଇକମାଣ୍ଡଙ୍କ ନିର୍ଦ୍ଦେଶ ପରେ ଏହି ବୈଠକ ହୋଇଥିଲା । ଗତ ୨୨ ଦିନ ହେଲା ଡିକେ ଏବଂ ସିଦ୍ଧରମୈୟା ଗୋଷ୍ଠୀର ନେତା ପରସ୍ପର ବିରୋଧରେ ବୟାନ ଦେଇ ଚାଲିଛନ୍ତି । ସେହିପରି ନିଜ ସାମ୍ନାରେ ଅଢ଼େଇ ବର୍ଷର ସରକାର ପାଇଁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପାଳନ କରାଯାଉ ବୋଲି କଂଗ୍ରେସ ଅଧ୍ୟକ୍ଷ ଖଡଗେ ଚାହୁଁଛନ୍ତି ।

# ଅନ୍ଧାରରେ ପୂଜା ପାଉଛନ୍ତି ମା’ ତାରାତାରିଣୀ



■ ତିନିଦିନ ହେଲା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ
■ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି ଶ୍ରଦ୍ଧାଳୁ

ପୁରୁଷୋତ୍ତମପୁର, ୨।୧୨(ସମିସ): ଦୀର୍ଘ ୩ ଦିନ ହେଲା ଅନ୍ଧାରରେ ପୂଜା ପାଉଛନ୍ତି ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀ। ମା’ଙ୍କ ମନ୍ଦିରର ବେଢ଼ା ଓ ଗର୍ଭଗୃହରେ ନାହିଁ ଆଲୋକୀକରଣ ବ୍ୟବସ୍ଥା। ବର୍ତ୍ତମାନ ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଦୂରଦୂରାନ୍ତରୁ ମା’ ପୀଠରେ ପ୍ରତିଦିନ ହଜାରହଜାର ଭକ୍ତଙ୍କ ଭିଡ଼ ଲାଗୁଛି। କିନ୍ତୁ ସନ୍ଧ୍ୟା ପରେ ମନ୍ଦିରରେ କିଟିକିଟି ଅନ୍ଧାର ରାଜୁତି କରୁଥିବାରୁ ଭୟରେ ଭକ୍ତ ଆସୁନାହାନ୍ତି। ଆଉ କିଛି ଭକ୍ତ ଟର୍ଚ୍ଚ ଲାଇଟ୍‌ରେ ଯାଇ ମା’ଙ୍କୁ ଦର୍ଶନ କରୁଛନ୍ତି। ଫଳରେ ସେମାନେ ଏକ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି।

ପୂର୍ବ ସରକାର ସମୟରେ ମନ୍ଦିର ପାଇଁ କୋଟିକୋଟି ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା। ଏଥିରେ ମନ୍ଦିରର ବହୁବିଧ ଉନ୍ନତୀକରଣ ସାଧିତ ହୋଇଥିଲା। ନୂଆ ସରକାର ଆସିବା ପରେ ମଧ୍ୟ ବିଭିନ୍ନ ସମୟରେ ଆସିଥିବା ମନ୍ତ୍ରୀମାନେ ପୀଠର ବିକାଶଧାରା ଜାରି ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ତିନିଦିନ ହେଲା ଅନ୍ଧାର ଯୋଗୁଁ ମନ୍ଦିରରେ ଅଚଳାବସ୍ଥା ଲାଗି ରହିଥିବା ବେଳେ ମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ କିମ୍ବା ସରକାର; ଏଥିପ୍ରତି କାହାର ନିଘା ନାହିଁ। ଏ ସଂପର୍କରେ ମନ୍ଦିର ନିର୍ବାହୀ ଅଧିକାରୀ ଟି. କେ. ରେଡ୍ଡୀଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ମନ୍ଦିର ଉନ୍ନୟନ କାମ ବର୍ତ୍ତମାନ ସୁଦ୍ଧା ଚାଲୁଛି, ପୂର୍ତ୍ତ ବିଭାଗ କମିଟିକୁ ହସ୍ତାନ୍ତର ହୋଇନାହିଁ। ଫଳରେ କମିଟି କୌଣସି କାର୍ଯ୍ୟ କରିପାରୁନାହିଁ। ଆମ ପାଖରେ ମନ୍ଦିର ଅନ୍ଧକାର ନେଇ କୌଣସି ଖବର ନାହିଁ। ସ୍ଥାନୀୟ ତହସିଲଦାରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ ଦୁଇ ଦିନ ହେଲା ମନ୍ଦିର ଅନ୍ଧାକାର ଥିଲା। ଏବେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇଛି ବୋଲି କହିଛନ୍ତି।

### ପୁଲିସର କାର୍ଯ୍ୟଧାରାକୁ ନେଇ ହାଇକୋର୍ଟ କ୍ଷୁବ୍ଧ

# ଅବଧି ମଧ୍ୟରେ ଦାଖଲ ହେଉନି ନଥିପତ୍ର

କଟକ, ୨।୧୨(ସମିସ): ନ୍ୟାୟାଳୟ ଗୁଡ଼ିକରେ ବିଚାରାଧୀନ ଫୌଜଦାରୀ ମାମଲା ଗୁଡ଼ିକର ଶୁଣାଣିରେ ପୁଲିସର ଭୂମିକା ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଅନେକ ସମୟରେ ପୁଲିସର ଖାମଖିଆଲି ମନୋଭାବ ବିଚାର ପ୍ରକ୍ରିୟାରେ ବାଧା ଉପୁଜାଇବା ସହ ଏହାକୁ ଅଧିକ ବିଳମ୍ବିତ କରୁଛି। ଏପରି କ୍ଷେତ୍ରରେ ପୁଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି।

ପୁଲିସ୍ ଏତଲା ଆଧାରରେ ମାମଲା ରୁଜୁ କରିଦେଇ ଆବଶ୍ୟକୀୟ ନଥିପତ୍ର ଦାଖଲ କରୁ ନଥିବାରୁ ଅଦାଲତର ଆଶ୍ରୟ ନେଇଥିବା ପକ୍ଷ ବା ପ୍ରତିପକ୍ଷଙ୍କ ନ୍ୟାୟ ପାଇବାରେ ବିଳମ୍ବ ହେଉଛି। ପୁଲିସର କାର୍ଯ୍ୟଧାରା କେବଳ ମାମଲା ରୁଜୁରେ ଅଟକିଯାଉଛି। ନ୍ୟାୟାଳୟରେ ମାମଲା ସଂକ୍ରାନ୍ତୀୟ କେସ୍ ଡାଏରୀ, ଚାର୍ଜସିଟ୍ କିମ୍ବା ଆବଶ୍ୟକୀୟ ନଥିପତ୍ର ଧାର୍ଯ୍ୟ ସମୟରେ ଦାଖଲ କରୁନାହାନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ପରେ ମଧ୍ୟ ସମ୍ପୃକ୍ତ ଥାନା ଅଧିକାରୀମାନେ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବା ହେତୁ ନ୍ୟାୟାଳୟ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି।

ଏପରିକି ଗିରଫ ପରେ ଅଭିଯୁକ୍ତ ଭାବେ ଜେଲ୍‌ରେ ବନ୍ଦିଥିବା ବିଚାରାଧୀନ କଏଦୀମାନେ ପୁଲିସର ଏହି ବିଳମ୍ବିତ କାର୍ଯ୍ୟଧାରାର ଶୀକାର ହେଉଛନ୍ତି। ରାଜ୍ୟର ୮୭ଟି ଜେଲ୍‌ରେ ଥିବା ୧୭,୩୦୦ କଏଦୀଙ୍କ ମଧ୍ୟରୁ ୧୩,୦୧୭ ଜଣ ବିଚାରାଧୀନ ଏକଦୀ ଅଛନ୍ତି।

ଏକ ରିପୋର୍ଟ ଅନୁଯାୟୀ, ଏହି ବିଚାରାଧୀନ କଏଦୀମାନଙ୍କ ମଧ୍ୟରୁ ୪୪ ପ୍ରତିଶତ ୩୦ ବର୍ଷରୁ କମ୍ ବୟସ୍କ ଅଟନ୍ତି ବୋଲି ଜେଲ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜିଲ୍ଲାରେ ବିଚାରାଧୀନ କଏଦୀମାନଙ୍କ ପାଇଁ ପ୍ରତ୍ୟେକ ତିନିମାସରେ ଥରେ

**ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ**

ସମୀକ୍ଷା ବୈଠକର ବ୍ୟବସ୍ଥା ରହିଛି। ଏହି ବୈଠକରେ ସୁପାରିଶ ଅନୁଯାୟୀ, ବିଚାରାଧୀନ ମାମଲାର ତର୍ଜମା କରାଯାଇ ଏହି ବର୍ଗର କଏଦୀମାନଙ୍କର ଦଣ୍ଡ କୋହଳ ଅବା ଛାଡ଼ ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ପୁଲିସର ବିଳମ୍ବିତ କାର୍ଯ୍ୟଧାରା ଏହି ବ୍ୟବସ୍ଥାକୁ ପ୍ରତିହିତ କରୁଛି। ନିକଟରେ ଓଡ଼ିଶା ହାଇକୋର୍ଟ ଏକ ଆଗୁଆ ଜାମିନ ମାମଲାର ଶୁଣାଣି ବେଳେ ପୂର୍ବ ନିର୍ଦ୍ଦେଶ ସତ୍ତ୍ୱେ ପୁଲିସ ପକ୍ଷରୁ କେସ୍ ଡାଏରୀ ଦାଖଲ ହୋଇ ନ ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଖୁବ୍ ବର୍ଷିଥିଲେ। ହାଇକୋର୍ଟର ବିଚାରପତି ଭି ନରସିଂହ ବିରକ୍ତି ପ୍ରକାଶ କରିବା ସହ ପରବର୍ତ୍ତୀ ତାରିଖରେ ସମ୍ପୃକ୍ତ ଥାନା ଅଧିକାରୀ ଆବଶ୍ୟକୀୟ ନଥିପତ୍ର ସହ ବ୍ୟକ୍ତିଗତ ଭାବେ ହାଜର ହୋଇ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏତଦ୍ ବ୍ୟତୀତ ସେହି ଦିନ ରେଞ୍ଜ ଡିଆଇଜି ଓ ସମ୍ପୃକ୍ତ ଏସପି ଭର୍ଚୁଆଲ ମୋଡରେ ଉପସ୍ଥିତ ରହି ମାମଲାରେ ସହଯୋଗ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦିଷ୍ଟ ଅବଧି ପୂର୍ବରୁ ଯେଭଳି ଆବଶ୍ୟକୀୟ ନଥିପତ୍ର ଅଦାଲତରେ ଦାଖଲ ହେବ ସେ ସଂକ୍ରାନ୍ତରେ ପଦକ୍ଷେପ ନେବାକୁ ଗୃହ ବିଭାଗ ସଚିବ, ପୋଲିସ ଡିଜିପିଙ୍କୁ ଅବଗତ କରିବାକୁ ଆଦେଶରେ ସ୍ପଷ୍ଟ କରାଯାଇଅଛି। ତେବେ ଆଗୁଆ ଜାମିନ ଆବେଦନ କରିଥିବା ଅତୁଲ ଜୁଆଡ଼ିଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରଖିଛନ୍ତି। ଏହି ମାମଲାରେ ହାଇକୋର୍ଟ କଡ଼ା ଆଭିମୁଖ୍ୟ ଦେଖାଇବା ସହ ଏହି ପ୍ରକ୍ରିୟାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିହୀତ କରିଛନ୍ତି। ଏହା ସହ ମକଦ୍ଦମା ପରିଚାଳନା ପ୍ରକ୍ରିୟା ନ୍ୟାୟ ପ୍ରଦାନ କ୍ଷେତ୍ରରେ ହସ୍ତକ୍ଷେପ କରୁଛି ବୋଲି ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି।

# ବିଧାନସଭାରେ ‘ବିଜୁଳି’ ତାତି

## ଓଡ଼ିଶାରୁ ୮ ବର୍ଷରେ ଅଧିକ ଆଦାୟ ୭୧୪୫ କୋଟି

ଭୁବନେଶ୍ୱର, ୨।୧୨ (ସମିସ): ଆନ୍ଧ୍ର ପ୍ରଦେଶରେ ବିଦ୍ୟୁତ୍ ବିତରକ କମ୍ପାନୀମାନେ ଉପଭୋକ୍ତାଙ୍କଠାରୁ ୯୨୪ କୋଟି ଟଙ୍କାର ବିଦ୍ୟୁତ୍ ବିଲ୍ ଆଦାୟ କରିଥିଲେ। ମାତ୍ର ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଉପଭୋକ୍ତାଙ୍କଠାରୁ ଆଦାୟ ହୋଇଥିବା ଅଧିକ ବିଲକୁ ସୁଧ, ମୂଳ ସହ ଫେରସ୍ତ ପାଇଁ ନିର୍ଦ୍ଦେଶ ଦେଲେ। ମାତ୍ର ଓଡ଼ିଶାରେ ୮ ବର୍ଷ ହେଲାଣି ଉପଭୋକ୍ତାଙ୍କଠାରୁ ବିତରକ କମ୍ପାନୀଗୁଡ଼ିକ ୭୧୪୫ କୋଟି ଟଙ୍କା ଅଧିକ ନେଇଛନ୍ତି। ମାତ୍ର ଓଇଆରସି

**ସୁଧ ସହ ମୂଳ ଫେରାଉ ବିଜୁଳି ବିତରକ କମ୍ପାନୀ**

**ଆନ୍ଧ୍ର ଖାଉଟି ଫେରସ୍ତ ପାଇଲେ, ଓଡ଼ିଶାରେ କେବେ**

ଏ ସମ୍ପର୍କରେ ମୁହଁ ଖୋଲୁ ନାହାନ୍ତି। ତେଣୁ ଓଇଆରସି ତୁରନ୍ତ ପଦକ୍ଷେପ ଗ୍ରହଣ ସହ ସୁଧ ସହ ମୂଳ ପ୍ରଦାନ ନିମନ୍ତେ ବିତରକ କମ୍ପାନୀମାନଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିଧାନସଭାରେ ଦାବି କରିଛନ୍ତି ବିଜେଡିର ବିଧାୟକଗଣ।

ବିଧାୟକ ଗଣେଶ୍ୱର ବେହେରା ଉପରୋକ୍ତ ପ୍ରସଙ୍ଗ ଉଠାଇ କହିଲେ ଯେ ୧୯୯୫ରେ ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ହୋଇଥିଲା। ମାତ୍ର ଯେଉଁ ଲକ୍ଷ୍ୟରେ ସଂସ୍କାର ହୋଇଥିଲା, ତାହା ଏଯାବତ୍ ପୂରଣ ହେଲାନାହିଁ। ଓଇଆରସିଙ୍କ ଉଦାସୀନତା ଏଥିରେ ପ୍ରଧାନ ପ୍ରତିବନ୍ଧକ ସାଜିଛି। ଗତ ଆଠବର୍ଷ ହେବ ରାଜ୍ୟରେ ଓଇଆରସି



ଧାର୍ଯ୍ୟ କରିଥିବା ହାରାହାରି ଦର ଠାରୁ ଅଧିକ ବିଲ ଆଦାୟ କରାଯାଉଛି। ରାଜ୍ୟର ବିଦ୍ୟୁତ ବିତରକ କମ୍ପାନୀମାନେ ଅଧିକ ୭୧୪୫ କୋଟି ଟଙ୍କା ଆଦାୟ କରିଛନ୍ତି। ବିଦ୍ୟୁତ ଆଇନ୍ ୨୦୦୩ ଅନୁଯାୟୀ ଅଧିକ ଆଦାୟ ହୋଇଥିବା ଟଙ୍କା ଫେରାଇବା ପାଇଁ ବିଦ୍ୟୁତ୍ ନିୟାମକ ଆୟୋଗ ଗୁଡ଼ିକୁ ନିର୍ଦ୍ଦେଶ ରହିଛି। ମାତ୍ର ରାଜ୍ୟରେ ବିତରକ କମ୍ପାନିମାନେ ଆଦାୟ କରିଥିବା ଅଧିକ ବିଲ୍ ଅର୍ଥ ଫେରାଇବାକୁ ଓଇଆରସି କୌଣସି ନିର୍ଦ୍ଦେଶ ଦେଇନାହିଁ। ଆନ୍ଧ୍ର ପ୍ରଦେଶ ବିଦ୍ୟୁତ୍ ନିୟାମକ ଆୟୋଗ ଉପଭୋକ୍ତଙ୍କଠାରୁ ଆଦାୟ ହୋଇଥିବା ଅଧିକ ଟଙ୍କାକୁ ସୁଧ ମୂଳ ସହ ୧୨ ଟି କିସ୍ତିରେ ଫେରସ୍ତ କରିବାକୁ ବିଦ୍ୟୁତ୍ କମ୍ପାନିକୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ଓଇଆରସି ସମାନ ଢଙ୍ଗରେ ରାଜ୍ୟର ଉପଭୋକ୍ତ ଙ୍କଠାରୁ ଆଦାୟ ହୋଇଥିବା ଅଧିକ ୭୧୪୫ କୋଟି ଟଙ୍କା ସୁଧ ମୂଳ ସହ ଫେରସ୍ତ କରିବାକୁ ବିତରକ କମ୍ପାନିକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଶ୍ରୀ ବେହେରା ଦାବି କରିଥିଲେ। ବିଧାୟକ ବ୍ୟୋମକେଶ ରାୟ କହିଥିଲେ ଯେ ରାଜ୍ୟରେ ଉପଭୋକ୍ତା ଶୋଷିତ ହେଉଥିବା ବେଳେ ବିତରକ କମ୍ପାନୀ ଅଧିକ ୭୧୪୫ କୋଟି ଟଙ୍କା ଆଦାୟ କରିଛନ୍ତି। ଆନ୍ଧ୍ର ନିୟାମକ ଆୟୋଗ ଭଳି ଓଇଆରସି ମଧ୍ୟ ସମାନ ନିର୍ଦ୍ଦେଶ ଦିଅନ୍ତୁ। ସରକାର ଏହାକୁ ଗୁରୁତର ଭାବେ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଥିଲେ। ବିଧାୟକ ତୁଷାରକାନ୍ତି ବେହେରା ମଧ୍ୟ ସମାନ ଦାବି କରିବା ସହ ତୁରନ୍ତ ବିତରକ କମ୍ପାନୀମାନେ ଟଙ୍କା ଫେରସ୍ତ କରିବା ଦିଗରେ ସରକାର ହସ୍ତକ୍ଷେପ କରିବାକୁ ଦାବି କରିଥିଲେ।


THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
♦VOLUME- 43 ♦ISSUE-157 ♦WEDNESDAY ♦3 DECEMBER 2025 ♦PAGE-12 ♦₹ 6.00
♦ବର୍ଷ-୪୩ ♦ସଂଖ୍ୟା-୧୫୭ ♦ବୁଧବାର ♦୩ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



କଲମ୍ବୋରେ ଅନୁଷ୍ଠିତ ଆନ୍ତର୍ଜାତିକ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ବିଜୟୀ ଭାରତୀୟ ଦଳରେ ଅଂଶଗ୍ରହଣ କରିଥିବା ଚାରି ଓଡ଼ିଆ ମହିଳା କ୍ରିକେଟ୍ ଖେଳାଳିଙ୍କୁ ନବୀନ ନିବାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଙ୍ଗଳବାର ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି

# ମଦ ଭାବି ଫର୍ମାଲିନ୍ ପିଇଦେଲେ

## ଜଣେ ମୃତ; ୨ ଗୁରୁତର


ପାଟଣାଗଡ଼,୨।୧୨(ସମିସ): ମଦ ଭାବି ଫର୍ମାଲିନ୍ ପିଇଦେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଥାନା ଓଡ଼ିଆପାଳି ଗ୍ରାମରେ ମଙ୍ଗଳବାର ଏହି ଘଟଣା ଘଟିଛି। ମୃତକ ହେଲେ, ସୁରୁ ମାଝୀ(୬୫)। ଗୁରୁତର ଦୁର୍ଲଭ ନାଏକ(୫୦) ଓ ହରି ମାଝୀ (୪୫)ଙ୍କୁ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି ହୋଇଛି।

ଗାଁର ବେଲାର ସିଂ ମାଝୀ ତାଙ୍କ କ୍ଷେତରେ ଦେବଦେବୀଙ୍କୁ ଚରୁ ଭୋଗ ଦେଉଥିଲେ। ଏଥିଲାଗି ସେ କ୍ଷେତ ପାଖ ଏକ କୁକୁଡ଼ା ଫାର୍ମରେ ଖାଇବା ବ୍ୟବସ୍ଥା କରିଥିଲେ। ଗ୍ରାମର ଦୁର୍ଲଭ, ହରି ଓ ସୁରୁ ଚରୁ ଅନ୍ନ ଖାଇବା ପାଇଁ ଯାଇଥିଲେ। ସେଠାରେ ଖାଇବା ପୂର୍ବରୁ ଏକ ଧଳା ଜାରରେ ଅଣାଯାଇଥିବା ରନ୍ଧାମଦକୁ ଏକ ଗ୍ଲାସ୍‌ରେ ବେଲାର ଦେଇଥିଲେ। ଦ୍ୱିତୀୟଥର ମଦ ଦେବା ସମୟରେ କୁକୁଡ଼ା ଫାର୍ମରେ ଏକ ଧଳା ଜାର୍‌ରେ ଥିବା ଫର୍ମାଲିନକୁ ମଦ ଭାବି ୩ ଜଣଙ୍କୁ ଦେଇ ଦେଇଥିଲେ। ଏହି କେମିକାଲ ପିଇବା ପରେ ୩ଜଣଙ୍କ ଛାତି, ପେଟ ଓ ମୁଣ୍ଡରେ ପ୍ରବଳ ଜଳାପୋଡ଼ା ହୋଇଥିଲା। ଅବସ୍ଥା ଗୁରୁତର ହେବାରୁ ସଙ୍ଗେସଙ୍ଗେ ୩ଜଣଙ୍କୁ ଦୁଇଟି ଗାଡ଼ି ସାହାଯ୍ୟରେ ପରିବାରଲୋକେ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତର ସେଠାରେ ସୁରୁଙ୍କୁ ମୃତ ଘୋଷଣା କରିଥିବାବେଳେ ଦୁର୍ଲଭ ଓ ହରି ଚିକିତ୍ସିତ ହେଉଛନ୍ତି। ଘଟଣାର ତଦନ୍ତ ସହ ମୃତ ସୁରୁଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦିଆଯାଉ ବୋଲି ତାଙ୍କ ପୁଅ ରମେଶ ମାଝୀ ଦାବି କରିଛନ୍ତି।

ଏହି ଘଟଣାରେ ପୂର୍ବତନ ବିଧାୟକ ସରୋଜ ମେହେର କହିଛନ୍ତି ଯେ ସରକାର ବେଆଇନ ରନ୍ଧା ମଦକୁ ରୋକି ପାରୁନାହାନ୍ତି। ଫଳରେ ଅପମିଶ୍ରିତ ମଦ ପିଇ ଜଣେ ନିରୀହ ଆଦିବାସୀ ବୃଦ୍ଧଙ୍କ ଜୀବନ ଅକାରଣେ ଚାଲିଗଲା। ଦୁଇଜଣ ଚିକିତ୍ସିତ ହେଉଛନ୍ତି। ରାଜ୍ୟ ସରକାର ଏ ଘଟଣାର ଉଚିତ ତଦନ୍ତ ସହ ମୃତକଙ୍କ ପରିବାରକୁ ତୁରନ୍ତ କ୍ଷତିପୂରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଅପରପକ୍ଷରେ ଅଣାଯାଇଥିବା ଖୋଲା ରନ୍ଧାମଦ କେଉଁଠୁ ଅଣାଯାଇଥିଲା, ଯଦି ଖୋଲା ମଦ ହୋଇ ନ ଥାନ୍ତା ତେବେ ଅପମିଶ୍ରିତ ହୋଇପାରି ନଥା’ନ୍ତା ଏବଂ ଏଭଳି ଅଘଟଣ ଘଟିନଥା’ନ୍ତା ବୋଲି କୁହାଯାଉଛି। ସେହିପରି ଜାର୍‌ରେ ଥିବା କେମିକାଲକୁ ଜାଣିଶୁଣି ଦିଆଯାଇନାହିଁ ତ ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ଏସବୁ ଘଟଣାର ତଦନ୍ତ କଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ଦାବି ହେଉଛି। ଏନେଇ ଖପ୍ରାଖୋଲ ଥାନା ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇନଥିଲେ।

### ପାରିବାରିକ କଳହ

# ଶଶୁର ଘର ଜାଳିଦେଲା ଜ୍ୱାଇଁ

ଖଲ୍ଲିକୋଟ, ୨।୧୨ (ସମିସ): ପାରିବାରିକ କଳହକୁ ନେଇ ଶଶୁର ଘରେ ନିଆଁ ଲଗାଇଦେଲା ନିଶାସକ୍ତ ଜ୍ୱାଇଁ। ଜ୍ୱାଇଁକୁ ଧରି ନଡ଼ିଆ ଗଛରେ ବାନ୍ଧି ପକାଇଥିବା ବେଳେ ଖବର ପାଇ ଉଦ୍ଧାର କରିଛି ପୁଲିସ। ଏଭଳି ଘଟଣା ଘଟିଛି, ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଚିକିଲି ପଞ୍ଚାୟତ ବାଉଁଶିଆ ଗ୍ରାମରେ। ଗ୍ରାମର ଲକ୍ଷ୍ମଣ ଦାସଙ୍କ ଚାଳ ଘରେ ସୋମବାର



ସନ୍ଧ୍ୟାରେ ନିଆଁ ଲାଗି ଯାଇଥିଲା। ଏହି ସମୟରେ ଘର ଭିତରେ ଲକ୍ଷ୍ମଣ ଦାସଙ୍କ ଝିଅ ଥିବା ବେଳେ ସେ ଜୀବନ ବିକଳରେ ବାହାରକୁ ଦୌଡ଼ି ପଳାଇ ଆସିଥିଲେ। ଖଲ୍ଲିକୋଟ ଅଗ୍ନିଶମବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡ ଫଳରେ ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ତେବେ ମଦ୍ୟପାନ କରି ଲକ୍ଷ୍ମଣ ଦାସଙ୍କ ଜ୍ୱାଇଁ ଦେବେନ୍ଦ୍ର ଦାସ ଶଶୁର ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ପାରିବାରିକ କଳହରୁ ସେ ଏପରି କରିଥିବା ଜଣାପଡ଼ିଛି। ଦେବେନ୍ଦ୍ରକୁ ଧରି ଗାଁର ଏକ ନଡ଼ିଆ ଗଛରେ ବନ୍ଧା ଯାଇଥିବା ବେଳେ ପୁଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିବା ଆଇଆଇସି ରମେଶ କୁମାର ପ୍ରଧାନ କହିଛନ୍ତି। ଏନେଇ ତଦନ୍ତ ଚାଲୁ ରହିଛି।



## ହୀରାକୁଦ ପର୍ଯ୍ୟଟନ କରିଡ଼ର ଲାଗି କଟିବ ହଜାର ହଜାର ଗଛ



ସମ୍ବଲପୁର,୨।୧୨(ସମିସ):ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି 'ଏକ ପେଡ୍ ମା'କେ ନାମ' କାର୍ଯ୍ୟକ୍ରମ କରୁଛନ୍ତି। କାର୍ଯ୍ୟକ୍ରମ ଅଧିନରେ ଗଛ ମଧ୍ୟ ଲଗାଉଛନ୍ତି। ପରିବେଶ ଓ ସମାଜରେ ବୃକ୍ଷର ଗୁରୁତ୍ୱକୁ ନେଇ ସରକାର ଏଭଳି ପଦକ୍ଷେପ ଗ୍ରହଣ କରୁଥିବା କହୁଛନ୍ତି। କିନ୍ତୁ ବାସ୍ତବରେ ବିଭିନ୍ନ ସ୍ଥାନରେ ବିକାଶ କରିବା ଆଳରେ ହଜାର ହଜାର ଗଛ ମଧ୍ୟ କାଟି ଦେଉଛନ୍ତି। ସମ୍ବଲପୁର ହୀରାକୁଦ ନଦୀବନ୍ଧ ବିକାଶ ନେଇ ଏଭଳି ସାଙ୍ଘାତିକ ଅଭିଯୋଗ ହୋଇଛି। ବର୍ତ୍ତମାନ ରାଜ୍ୟ ସରକାର ହୀରାକୁଦ ନଦୀବନ୍ଧକୁ ନେଇ ଅନେକ ଯୋଜନା କରିଛନ୍ତି।ନଦୀବନ୍ଧର ଅନେକ ସ୍ଥାନରେ ତାରକା ହୋଟେଲ ନିର୍ମାଣ କରାଯିବ। ଏଥିପାଇଁ ଜଳସମ୍ପଦ ବିଭାଗ ମଧ୍ୟ ଏନଓସି ପ୍ରଦାନ କରି ସାରିଛି। ରାଇଟ ଡାଇକ ଝାଙ୍କରାଣୀ ମନ୍ଦିର ନିକଟରେ ଏକ ହୋଟେଲ ନିର୍ମାଣ ହେବ।୨୮ ଏକର ଜାଗାରେ ଆରାଇଭାଲ ପ୍ଲାଜା ନିର୍ମାଣ କରାଯିବ। ନଦୀବନ୍ଧ ପାର୍ଶ୍ୱବର୍ତ୍ତୀ ସ୍ଥାନ ବିକାଶ କରାଯିବ। ଏହାକୁ ସାଧାରଣ ଲୋକ ସ୍ୱାଗତ ଯୋଗ୍ୟପଦକ୍ଷେପ ଭାବେ ଗ୍ରହଣ କରୁଛନ୍ତି। କିନ୍ତୁ ଏହି ହୋଟେଲ ନିର୍ମାଣ ପାଇଁ ୧୬୯୦ଟି ଗଛ କଟାଯିବ ଶୁଣି ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। ଗଛକଟାକୁ ନେଇ ପରିବେଶବିତ୍ ମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ବୁର୍ଲା ସହରରୁ ନଦୀବନ୍ଧର ପାୱାର ରାସ୍ତାରେ ଆରାଇଭାଲ ପ୍ଲାଜ ନିର୍ମାଣ ପାଇଁ ୨୮ ଏକର ଯାଗା ଚିହ୍ନଟ ହୋଇଛି। ଏଥିପାଇଁ ୧୬୯୦ ଗଛ କଟାଯିବ। ଏବେ ଠାରୁ ଶହ ଶହ ଗଛ କାଟିବା ଆରମ୍ଭ ହୋଇସାରିଛି। ପୂର୍ବରୁ ଜଙ୍ଗଲ ସୃଷ୍ଟି ପାଇଁ ଏହି ସ୍ଥାନରେ ମୂଲ୍ୟବାନ ଗଛ ମଧ୍ୟ ଲଗାଯାଇଥିଲା। ଏହା କେବଳ ଗୋଟାଏ ସ୍ଥାନର ଘଟଣା। ହୀରାକୁଦ ପର୍ଯ୍ୟଟନ କରିଡ଼ର ଲାଗି ହଜାର ହଜାର ଗଛ କଟାଯିବ ବୋଲି ସୂଚନା ରହିଛି। ଏହି ଗଛ ଗୁଡ଼ିକ ନଦୀବନ୍ଧର ମାଟିକୁ ଜାବୁଡ଼ି ରଖିଛନ୍ତି। ଯଦି ବିକାଶ ଆଳରେ ସବୁ ଗଛ କଟାଯାଏ ତାହାଲେ ଆଗକୁ ନଦୀବନ୍ଧ ଉପରେ ପ୍ରଭାବ ପଡିବ ବୋଲି ଆଶା କରାଯାଉଛି। ତେଣୁ ସରକାର ଏଥି ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।

# ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ୍ ଉଦ୍‌ଘାଟିତ





ସମ୍ବଲପୁର, ୨।୧୨ (ସମିସ):ସମ୍ବଲପୁରଠାରେ ୩୦ତମ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ୍ -୨୦୨୫ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହା ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ସିଏଫ୍‌ଆଇ) ଅଧିନରେ ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଦ୍ୱାରା ଚାମ୍ପିଅନସିପ ଆୟୋଜନ କରାଯାଉଛି। ଏହାପାଇଁ ଓଡ଼ିଶା ସରକାର ଓ ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ଣ୍ଣ ସହଯୋଗ ଯୋଗାଇ ଦିଆଯାଉଛି। ଉଦ୍‌ଘାଟନୀ ଉତ୍ସବରେ ଉତ୍ତରାଞ୍ଚଳ ରେଞ୍ଜ ପୋଲିସ ଆଇଜି ହିମାଂଶୁ ଲାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ସଚିବ ମନିନ୍ଦର ପାଲ ସିଂହ, ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଅଧ୍ୟକ୍ଷା ମିନତୀ ମହାପାତ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପ୍ରାୟ ହଜାରରୁ ଉର୍ଦ୍ଧ୍ୱ ସାଇକଲ ଚଳାଳୀ (ରାଇଡର୍ସ) ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି, ଯେଉଁଥିରେ ପ୍ରାୟ ଚାରି ଶହ ଜଣ ମହିଳା ପ୍ରତିଯୋଗୀ ଅଛନ୍ତି। ଦେଶର ସିନିଅର, ଜୁନିଅର ଓ ସବ୍‌ଜୁନିଅର ଖେଳାଳିମାନେ ଅଂଶଗ୍ରହଣ କରୁଛନ୍ତି। ରେସ୍ ସମ୍ପାଦନା ପାଇଁ ଏନ୍‌ଏଚ୍-୫୫ର ମା' ବାଟମଙ୍ଗଳା ଛକରୁ ମାନେଶ୍ୱର ପର୍ଯ୍ୟନ୍ତ ୧୦ କିମି. ରାସ୍ତାରେ ରେସ୍ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ପୁରୁଷ ବର୍ଗ (୨୩ ବର୍ଷରୁ କମ) ଟାଇମ୍ ଟ୍ରାଏଲ୍ -୪୦ କିମି, ସବ୍‌ଜୁନିଅର୍ ବାଳକ ଟାଇମ୍ ଟ୍ରାଏଲ୍-୨୦ କିମି, ସବ୍‌ଜୁନିଅର୍ ବାଳିକା ଟାଇମ୍ ଟ୍ରାଏଲ୍-୧୫ କିମି, ମହିଳା (ଡବ୍ଲୁଇ) ଟାଇମ୍ ଟ୍ରାଏଲ୍-୩୦ କିମି, ପୁରୁଷ ବର୍ଗ ଟାଇମ୍ ଟ୍ରାଏଲ୍-୪୦କିମି, ଯୁବ ବାଳକ ଟାଇମ୍ ଟ୍ରାଏଲ୍-୧୫ କିମି, ଯୁବ ବାଳିକା ଟାଇମ୍ ଟ୍ରାଏଲ୍-୧୦ କିମି ବର୍ଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି।





ଉଦ୍‌ଘାଟନୀ ଉତ୍ସବରେ ଅର୍ଜୁନ ପୁରସ୍କାରପ୍ରାପ୍ତ ପ୍ରଥମ ଓଡ଼ିଆ ତଥା ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍ ଅଧ୍ୟକ୍ଷା ମିନତୀ ମହାପାତ୍ର ତାଙ୍କ ବକ୍ତବ୍ୟରେ ଦ୍ୱିତୀୟଥର ପାଇଁ ଓଡ଼ିଶାରେ, ତାହା ପୁଣି ସମ୍ବଲପୁରରେ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ୍ ଆୟୋଜିତ ହେବା ଆମପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ପ୍ରକାଶ କରିଥିଲେ। ଦେଶର ୩୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ସାଇକ୍ଲିଷ୍ଟ ପ୍ରତିଯୋଗିତାରେ ଭାଗ ନେଉଥିବା ସୂଚନା ଦେବାସହ ସମସ୍ତ ପ୍ରତିଯୋଗୀଙ୍କ ସଫଳ ପ୍ରଦର୍ଶନ ନିମନ୍ତେ ମା' ସମଲେଶ୍ୱରୀଙ୍କ ପାଖରେ ପ୍ରାର୍ଥନା କରିଥିଲେ। ସାଇକ୍ଲିଂ ଫେଡେରେସନ୍ ଅଫ୍ ଇଣ୍ଡିଆ ସଚିବ ମନିନ୍ଦର ପାଲ ସିଂହ ଚାମ୍ପିଅନସିପ ସକାଶେ ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଓଡ଼ିଶା ସରକାରଙ୍କ ଆତିଥ୍ୟ, ପରିଚାଳନା ଏବଂ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଥିଲେ ଯେ, ପ୍ରଥମଥର ପାଇଁ ସମ୍ବଲପୁରରେ ଜାତୀୟ ରୋଡ୍ ସାଇକ୍ଲିଂ ଚାମ୍ପିଅନସିପ ଆୟୋଜିତ କରି ଆମେ ନିଜକୁ ବହୁତ ଗର୍ବିତ ଅନୁଭବ କରୁଛୁ। ଏହି ଆୟୋଜନ ରାଜ୍ୟ ଏବଂ ଦେଶର ଯୁବ ପ୍ରତିଭାମାନଙ୍କୁ ନୂଆ ଉତ୍ସାହ ଏବଂ ପ୍ରେରଣା ଦେବ। ମା'ସମଲେଶ୍ୱରୀ ମନ୍ଦିର, ହୀରାକୁଦ ଡ୍ୟାମ ତଥା ସମ୍ବଲପୁର ବିଭିନ୍ନ କଳା ସଂସ୍କୃତି,ହସ୍ତତନ୍ତର ନୂଆ ଅନୁଭୂତି ନେବାକୁ ସମସ୍ତଙ୍କୁ ଜିଲ୍ଲାପାଳ ନିବେଦନ କରିଛନ୍ତି।ଏହି ଅବସରରେ ସାଇକ୍ଲିଂ ନାମ ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ଶେଷରେ ଓଡ଼ିଶା ସାଇକ୍ଲିଂ ଆସୋସିଏସନ ସମ୍ପାଦକ ପ୍ରସନ୍ନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସମସ୍ତ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଯୁବପିଢିଙ୍କ ମଧ୍ୟରେ କ୍ରୀଡା ମନୋଭାବକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କୁ ସୁସ୍ଥ ରହିବାକୁ ଉତ୍ସାହିତ କରିବାକୁ ଏହି ଚାମ୍ପିଅନସିପ ଲକ୍ଷ୍ୟ ରଖିଛି। ପ୍ରତିଯୋଗୀଙ୍କୁ ପ୍ରତିଯୋଗିତା ନକରି ସ୍ପୋର୍ଟ୍ସମ୍ୟାନ ସ୍ପିରିଟ ନିଜ ଭିତରେ ବଜାଇ ରଖିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜାତୀୟ ଶିକ୍ଷାନୀତି ୨୦୨୦ରେ ଖେଳ ଗୁରୁତ୍ୱପୂର୍ଣ୍ଣ ଅଂଶଗ୍ରହଣ କରିଛି।

ଏହି ନୀତିରେ ପିଲାମାନଙ୍କୁ ତୃଣମୂଳ ସ୍ତରରୁ ଆରମ୍ଭ କରି ଅଲିମ୍ପିକ ପର୍ଯ୍ୟନ୍ତ ଗୋଟିଏ ସୁଦୃଢ଼ ଭିତ୍ତିଭୂମି ପ୍ରଦାନ କରିବାର ଲକ୍ଷ୍ୟ ରହିଛି।ଏହି ପ୍ରତିଯୋଗିତା କେବଳ ସମ୍ବଲପୁରର ପରିଚୟ ବଢ଼ାଇବନି ବରଂ ଏହା ବିକଶିତ ଭାରତର ସଂକଳ୍ପ କୁ ମଜବୁତ କରିବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ମତ ରଖିଥିଲେ।

## ଲୋକମହୋତ୍ସବ ତାରିଖ ବଦଳକୁ ବିରୋଧ

ସମ୍ବଲପୁର, ୨।୧୨ (ସମିସ) : ଜିଲ୍ଲା ପ୍ରେକ୍ଷାଳୟ 'ତପସ୍ୱିନୀ'ରେ ଆଜି ସନ୍ଧ୍ୟାରେ ଆସନ୍ତା ସମ୍ବଲପୁର ଲୋକମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୋକମହୋତ୍ସବର ଆୟୋଜନ ତାରିଖକୁ ଜାନୁଆରୀ ୪ରୁ ୬ ତାରିଖ ବଦଳରେ ଜାନୁଆରୀ ୧୫ରୁ ୧୯ ତାରିଖ



ପର୍ଯ୍ୟନ୍ତ କରିବାକୁ ପ୍ରଶାସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ କଳାପ୍ରେମୀ ତଥା ସଙ୍ଗଠକ ମହଲରେ ତୀବ୍ର ବିରୋଧ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାରେ ପ୍ରଥମଥର ପାଇଁ ୧୯୯୭ରେ ଲୋକକଳା ଓ ଲୋକସଂସ୍କୃତିକୁ ନେଇ ସମ୍ବଲପୁରରେ ଆରମ୍ଭ ହୋଇଥିଲା ଲୋକ ମହୋତ୍ସବ। ପ୍ରଥମ ଉତ୍ସବର ନାମ ଥିଲା 'ଓଡ଼ିଶା ଲୋକ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ'। ସ୍ଥାନୀୟ ମ୍ୟୁନିସିପାଲିଟି ଛକସ୍ଥିତ ଗଙ୍ଗାଧର ମଣ୍ଡପରେ ଜାନୁଆରୀ ୪ରୁ ୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଆୟୋଜିତ କାର୍ଯ୍ୟକ୍ରମକୁ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଇଜେଡ୍‌ସିସି କଲିକତା ଓ ରାଜ୍ୟ ସଂସ୍କୃତି ବିଭାଗ ସହଯୋଗ କରିଥିଲେ। ସମନ୍ୱୟ କ୍ରମରେ ଝାରସୁଗୁଡ଼ା ଜିଲ୍ଲାରେ ଜାନୁଆରୀ ୧ରୁ ୩ ତାରିଖ ପର୍ଯ୍ୟନ୍ତ, ସମ୍ବଲପୁର ଜିଲ୍ଲାରେ ୪ରୁ ୬ ପର୍ଯ୍ୟନ୍ତ ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ୭ ଓ ୮ ତାରିଖ ମହୋତ୍ସବ ଆୟୋଜନ କରାଯାଇଥାଏ। ଲୋକ ମହୋତ୍ସବ କାର୍ଯ୍ୟକ୍ରମକୁ ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡ଼ିଆରେ ନକରି ରେମେଡ ନିକଟସ୍ଥ ପଡ଼ିଆରେ କରିବାକୁ ଉପସ୍ଥିତ କଳାକାର, କଳାପ୍ରେମୀ ଓ ସଙ୍ଗଠକ ନାପସନ୍ଦ କରିଥିଲେ।

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ, ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ଅତିରିକ୍ତ ଏସ୍‌ପି ଅଜୟ ମିଶ୍ର ଓ ଶ୍ରୀମନ୍ତ ବାରିକ, ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ଶ୍ରୀ ବୋନ୍ଦର ଗତବର୍ଷର ସମ୍ବଲପୁର ଲୋକମହୋତ୍ସବ ସମସ୍ତଙ୍କ ସହଯୋଗରେ ସଫଳ ହୋଇଥିଲା, ଚଳିତବର୍ଷ ମଧ୍ୟ ସଫଳ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଚଳିତବର୍ଷ ସମ୍ବଲପୁର ଲୋକମହୋତ୍ସବ ପାଞ୍ଚଦିନ ଧରି ଚାଲିବ ବୋଲି ସୂଚନା ଦେଇଥିଲେ। ଜିଲ୍ଲାପାଳ ଚଳିତବର୍ଷ ମହୋତ୍ସବରେ ଛାତ୍ରଛାତ୍ରୀଙ୍କୁ ସାମିଲ କରିବାକୁ ଚେଷ୍ଟା କରାଯାଉଛି ବୋଲି ସୂଚନା ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଶ୍ରୀ ଭାମୁ ଲୋକମହୋତ୍ସବ ଜରିଆରେ ଆମେ ଆମର ସ୍ୱତନ୍ତ୍ର ସଂସ୍କୃତିକୁ ଲୋକଙ୍କୁ ଦେଖାଇବା ସହ ଦେଶବାସୀଙ୍କୁ ଜଣାଇବାର ଏହା ଏକ ପ୍ରମୁଖ ଅବସର ଏବଂ ଏହାକୁ ନୂଆ ପରିଚୟ ଦେବାକୁ ଆମକୁ ଚେଷ୍ଟା କରିବାକୁ ହେବ ବୋଲି କହିଥିଲେ। ଚଳିତବର୍ଷ ଅନ୍ୟ ବର୍ଷ ଭଳି ବୈଠକରେ ମୁଖ୍ୟ ସଂଯୋଜକ ଏବଂ ବିଭିନ୍ନ କମିଟି ଆବାହକ ଚୟନ ନକରି ସମସ୍ତଙ୍କୁ ଗୋଟିଏ ଫର୍ମରେ ସେମାନେ ଇଚ୍ଛୁକ କମିଟିର ନାମ ଓ ସବିଶେଷ ତଥ୍ୟ ଦେବାକୁ କୁହାଯାଇଥିଲା।

## ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଜିଲ୍ଲାସ୍ତରୀୟ ଇସିସିଇ ପ୍ରସାରଣ କର୍ମଶାଳା

ସମ୍ବଲପୁର,୨।୧୨(ସମିସ) : ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ପକ୍ଷରୁ ଚାଇଲ୍ଡ ଇନ୍ ନିଡ୍ ଇନଷ୍ଟିଚ୍ୟୁଟ୍ (ସିଆଇଏନ୍‌ଆଇ) ଏବଂ ଜିଲ୍ଲା ପ୍ରଶାସନ ସହଯୋଗରେ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା



(ଇସିସିଇ) ଉପରେ ଏକ ଜିଲ୍ଲାସ୍ତରୀୟ ପ୍ରସାରଣ (ଡିସେମିନେସନ୍) କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ଜେଏସ୍‌ଡବ୍ଲୁ ପାର୍ଶ୍ୱବର୍ତ୍ତୀ ପରିଧିସ୍ଥ କ୍ଷେତ୍ରର ୧୨ଟି ଅଙ୍ଗନବାଡି କେନ୍ଦ୍ରରେ କାର୍ଯ୍ୟକାରୀ ହୋଇଥିବା ଇସିସିଇ ସଶକ୍ତୀକରଣ ପଦକ୍ଷେପର ପ୍ରଗତି, ପ୍ରମୁଖ ହସ୍ତକ୍ଷେପ ଏବଂ ଶିକ୍ଷା ଉପସ୍ଥାପନ କରାଯାଇଥିଲା। କର୍ମଶାଳା ଏକ ଆନୁଷ୍ଠାନିକ ସ୍ୱାଗତ ସହିତ ଆରମ୍ଭ ହୋଇ ପରେ ପ୍ରକଳ୍ପ ଉଦ୍ଦେଶ୍ୟ ଏବଂ ଫଳାଫଳର ସମୀକ୍ଷା କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ଜେଏସଡବ୍ଲୁ ଫାଉଣ୍ଡେସନର ମୁଖ୍ୟ ବିଶାଳ ରାଜ, ସିଆଇଏନ୍‌ଆଇ-ଇଣ୍ଡିଆ କାର୍ଯ୍ୟକ୍ରମ ମୁଖ୍ୟ ମେଘେନ୍ଦ୍ର ବାନାର୍ଜୀ, ଡିସିପିଓ ସୁଚିସ୍ମିତା ପଟ୍ଟନାୟକ ଏବଂ ଡିଏସ୍‌ଡବ୍ଲୁଓ ସଞ୍ଜୁକ୍ତା ସାହୁ ଅଂଶଗ୍ରହଣକାରୀଙ୍କୁ ଉଦବୋଧନ ଦେଇ ଇସିସିଇ ସେବାକୁ ସୁଦୃଢ଼ କରିବା ପାଇଁ ଜିଲ୍ଲା ସମନ୍ୱୟ ଏବଂ ସାମୂହିକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରକଳ୍ପ ସଫଳତା, ସାମୁଦାୟିକ ସମ୍ପୃକ୍ତି ପ୍ରୟାସ, କ୍ଷମତା-ନିର୍ମାଣ କାର୍ଯ୍ୟକଳାପ ଏବଂ କାର୍ଯ୍ୟାନ୍ୱୟନ ସମୟରେ ଗ୍ରହଣ କରାଯାଇଥିବା ଅଭିନବ ପଦ୍ଧତି ଉପରେ ଏକ ଉପସ୍ଥାପନା ପ୍ରଦର୍ଶିତ ହୋଇଥିଲା। କର୍ମଶାଳାରେ ୧୦ଟି ଆଇସିଡିଏସ୍ ପ୍ରକଳ୍ପର ୧୦ ଜଣ ସିଡିପିଓ ଏବଂ ପର୍ଯ୍ୟବେକ୍ଷକ, ରେଙ୍ଗାଲି ବ୍ଲକ ପ୍ରତିନିଧି, ଡିଏସଡବ୍ଲୁଓ ଅଧିକାରୀ ଏବଂ ଜେଏସଡବ୍ଲୁ ଫାଉଣ୍ଡେସନ ଏବଂ ସିଆଇଏନ୍‌ଆଇର ଦଳ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଅଧିବେଶନଟି ଖୋଲା ଆଲୋଚନା ଏବଂ ସମ୍ବଲପୁରରେ ଇସିସିଇ ପଦକ୍ଷେପଗୁଡ଼ିକୁ ବଜାୟ ରଖିବା ଏବଂ ସ୍କେଲିଂ କରିବା ପାଇଁ ମିଳିତ ପ୍ରତିବଦ୍ଧତାର ପୁନଃନିର୍ଦ୍ଦେଶ ସହିତ ଶେଷ ହୋଇଥିଲା।

## ଇ-ବର୍ଜ୍ୟବସ୍ତୁ ପରିଚାଳନା ଆଲୋଚନାଚକ୍ର



ସମ୍ବଲପୁର, ୨।୧୨ (ସମିସ) : ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଇକୋ ଏବଂ ଏନର୍ଜି କ୍ଲବର କାର୍ଯ୍ୟକ୍ରମ ଅନ୍ତର୍ଗତ ଇ- ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁମିତା ପତ୍ରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ), ବୁର୍ଲାର କମ୍ପ୍ୟୁଟର ବିଭାଗର ଆସୋସିଏଟ ପ୍ରଫେସର ଡଃ ସତ୍ୟବ୍ରତ ଦାସ ଯୋଗଦେଇ ଇ-ବର୍ଜ୍ୟବସ୍ତୁ କ'ଣ ଏବଂ ଏହାର ସଠିକ୍ ପରିଚାଳନା କିପରି କରାଯିବା ଆବଶ୍ୟକ ସେ ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଏହି କ୍ଲବ ଆନୁକୂଲ୍ୟରେ ବିଦ୍ୟାଳୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପ୍ରଫେସର ଦାସ ପୁରସ୍କୃତ କରିଥିଲେ। ସଭାକୁ ଶିକ୍ଷକ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ପ୍ରିନସ୍ମିତା ରାଣୀ ବିଶି ଧନ୍ୟବାଦ ଦେଇଥିଲେ।

# ରାସ୍ତାରୋକ ପରେ ମଣ୍ଡିରୁ ଉଠିଲା ଧାନ

ସମ୍ବଲପୁର, ୨।୧୨ (ସମିସ) : ସମ୍ବଲପୁର ଜିଲ୍ଲାରେ ଧାନ କିଣା ଆରମ୍ଭରୁ ଅଚଳାବସ୍ଥା ଦେଖାଦେଇଛି। ମିଲର୍ ମାନେ ଧାନ ନେବାକୁ ଅମଙ୍ଗ ହେବାସହ ୭ ଦଫା ଦାବିପୂରଣ ନହେଲେ ଏଗ୍ରିମେଣ୍ଟ କରିବେନି ବୋଲି ଜିଦ୍ ଧରିଲେ। ଧାନକିଣା ଆରମ୍ଭ ନହେବାରୁ ଗତକାଲି ଚାଷୀମାନେ ସିନ୍ଦୂରପଙ୍କ ଡୁମ୍ରେସିଂହା ଛକରେ ଅର୍ଥନୈତିକ ଅବରୋଧ କରିଥିଲେ। ଏହାପରେ ଆଜିଠାରୁ ବିଭିନ୍ନ ମଣ୍ଡିରେ ଧାନ ଉଠିବା ଆରମ୍ଭ କରିଛି। ମଣ୍ଡିମାନଙ୍କରେ ପି-ପାସ ଦେଇ ଧାନସଂଗ୍ରହ ଆରମ୍ଭ ହୋଇଥିବାବେଳେ କେତେକ ମଣ୍ଡିରେ ଆଇରିସ-ସ୍କାନିଂ ଆରମ୍ଭ ହୋଇନାହିଁ। ଧାନ କିଣାବିକା ଗୋଟିଏ ମାସ ବିଳମ୍ବରେ ଚାଲିଥିବାବେଳେ ଚାଷୀଙ୍କ ଟୋକନ ଆସିନଥିବା ନୂତନ ସମସ୍ୟା ଭାବେ ଦେଖାଦେଲାଣି। ଚଳିତବର୍ଷ କଟ୍‌ନିଛଟ୍‌ନି ବ୍ୟାପକ ହୋଇପାରେ ବୋଲି ଚାଷୀ ମହଲରେ ଆଶଙ୍କା ପ୍ରକାଶ ପାଉଛି।



ସମ୍ବଲପୁର ଜିଲ୍ଲାରେ ଚାଷୀମାନେ ଗତ ଏପ୍ରିଲରେ ପଞ୍ଜୀକରଣ ସମୟରେ ନଭେମ୍ବର ୧ ତାରିଖରୁ ଧାନ ବିକ୍ରୟ କରିବେ ବୋଲି ଉଲ୍ଲେଖ କରିଥିଲେ। ଧାନକିଣା ବିଳମ୍ବ ହୋଇଥିବାରୁ ଡିଏଲପିସି ବୈଠକରେ ଚାଷୀ ୨୦ରେ ଧାନ କ୍ରୟ ଆରମ୍ଭ କରିବାକୁ ଦାବି କରିଥିଲା। କିନ୍ତୁ ତାହାକୁ ପ୍ରଶାସନିକ ନିଷ୍ପତ୍ତି ଅନୁଯାୟୀ ନଭେମ୍ବର ୨୮ କରାଗଲା। ତେବେ ବି ମିଲର ଧାନ ନେବାକୁ ଅମଙ୍ଗ ହେବାରୁ ଧାନ କିଣାବିକାରେ ଅଚଳାବସ୍ଥା ଦେଖାଦେଲା। ଏହାକୁ ନେଇ ଗତକାଲି ଚାଷୀମାନେ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଏନ୍‌ଏଚ୍-୫୩ ଓ ଏନ୍‌ଏଚ୍-୫୫ର ସଂଯୋଗସ୍ଥଳୀ ସିନ୍ଦୂରପଙ୍କ ଡୁମ୍ରେସିଂହା ଛକରେ ଅର୍ଥନୈତିକ ଅବରୋଧ କରିଥିଲେ। ଉଭୟ ପାର୍ଶ୍ୱରେ ଗୋଟିଏ ପଟେ ରେମେଡ ଛକ ଓ ଅନ୍ୟପଟେ ଜୟନ୍ତପୁର ଛକ ପର୍ଯ୍ୟନ୍ତ ଶହ ଶହ ସଂଖ୍ୟାରେ ଭାରୀଯାନ ଅଟକି ରହିଥିଲା। ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାରଠାରୁ ଧାନକ୍ରୟ ସ୍ୱାଭାବିକ ହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବାପରେ ଅବରୋଧ ହଟିଥିଲା।

ଚଳିତବର୍ଷ ଆଗୁଆ ମୌସୁମୀ ଯୋଗୁଁ ଚାଷୀମାନେ ଗତ ଅକ୍ଟୋବର ଦ୍ୱିତୀୟ ପକ୍ଷରୁ ଧାନ ଅମଳ ଆରମ୍ଭ କଲେଣି। ଚାଷୀମାନଙ୍କ ଧାନ ଗଚ୍ଛିତ ରଖିବାକୁ ଜାଗା ନଥିବାବେଳେ ବାରମ୍ବାର ବାତ୍ୟା, ଲଘୁଚାପ ବର୍ଷା ଆଦି ବାଧକ ସାଜୁଛି। ମଙ୍ଗଳବାର ସମ୍ବଲପୁର ଜିଲ୍ଲାର ବିଭିନ୍ନ ମଣ୍ଡିରେ ସମବାୟ ସମିତି ଜରିଆରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ଅନ୍‌ଲାଇନ୍‌ରେ ପି-ପାସ ସଂଯୋଗ କରିବାସହ କେତେକ ମଣ୍ଡିରେ ଆଇରିସ-ସ୍କାନିଂ ମଧ୍ୟ କରାଯାଇଛି। ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଂଗଠନ ସମ୍ପାଦକ ଦେବେନ୍ଦ୍ର ପଧାନ କହିଛନ୍ତି, ମଣ୍ଡିମାନଙ୍କରେ ଧାନ ସଂଗ୍ରହ ଆରମ୍ଭ ହୋଇଛି। ତେବେ, ପ୍ରାୟ ୨୦ ହଜାର ଚାଷୀଙ୍କ ଟୋକନ ଆସିନାହିଁ। ଏହା ଶୀଘ୍ର ନଆସିଲେ ଚାଷୀର ଧାନ ବିକ୍ରୟରେ ସମସ୍ୟା ସୃଷ୍ଟି ହେବ। ଅନ୍ୟପକ୍ଷରେ ଯେଉଁ ଚାଷୀ ମାନଙ୍କ ଟୋକନ ଆସିଛି ତାହା ପ୍ରଥମ ପର୍ଯ୍ୟାୟ ୭୫ କ୍ୱିଣ୍ଟାଲ ବିକ୍ରୟ ପାଇଁ ଆସିଛି, ବାକି ଧାନ ପାଇଁ ଟୋକନକୁ ଚାଷୀ ଅପେକ୍ଷା କରିଛି।

### ଚାଷୀଙ୍କ ଆନ୍ଦୋଳନ ସରକାର ବିଫଳତାର ସ୍ପଷ୍ଟ ପ୍ରମାଣ : ରୋହିତ

ସମ୍ବଲପୁର:ଚଳିତ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ହିଁ ବିଧ୍ୱସ୍ତ।ଚାଷୀଙ୍କୁ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ସରକାରଙ୍କ ଅବ୍ୟବସ୍ଥା ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ କରିଦେଇଛି। ବିଭାଗୀୟ ମନ୍ତ୍ରୀ ଧାନ ସଂଗ୍ରହ ପ୍ରକ୍ରିୟାରେ କୌଣସି ସମସ୍ୟା ନାହିଁ ବୋଲି କହୁଥିବା ବେଳେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ରେଜିଷ୍ଟ୍ରେସନ ପାଇଁ, ମଣ୍ଡି ଖୋଲିବାରେ ଅହେତୁକ ବିଳମ୍ବ ପାଇଁ ଚାଷୀ ଅସନ୍ତୋଷ ବହୁ ପୂର୍ବରୁ ଦେଖାଦେଉଛି। ଏଥିରୁ ସରକାରଙ୍କ ନୀତଗତ ଧାନ ସଂଗ୍ରହ ପକ୍ରିୟାର ବିଫଳତାକୁ ସ୍ପଷ୍ଟ ବାରି ହେଉଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ କହିଛନ୍ତି। ସେ କହିଛନ୍ତି, ମିଲର୍, ପ୍ରଶାସନ ଏବଂ ସରକାରଙ୍କ ସମନ୍ୱୟର ଅଭାବ ଯୋଗୁଁ ଆଜି ଚାଷୀ ପ୍ରତାଡ଼ିତ ହେଉଛି। ମଣ୍ଡିଗୁଡ଼ିକରେ ଲିଫ୍ଟିଂର ଅହେତୁକ ବିଳମ୍ବ ଏବଂ ତା ଉପରେ ଅଦିନିଆ ବର୍ଷା ଚାଷୀଙ୍କ ଉପରେ ଦାଉ ସାଜୁଛି। ଟୋକନ୍ ଆବଣ୍ଟନ ମଧ୍ୟ ଚାଷୀଙ୍କୁ ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ରହିଛି। କାଗଜ କଲମରେ ସରକାର ଘୋଷଣା କରି ଚାଷୀଙ୍କୁ ସାନ୍ତ୍ୱନା ଦେଉଛନ୍ତି, କିନ୍ତୁ ଗ୍ରାଉଣ୍ଡ ସ୍ତରରେ କୌଣସି ସମାଧାନ ହେଉନାହିଁ। ବିଜେପି ଶାସିତ ସରକାର ବର୍ତ୍ତମାନ ଯେଉଁ ଚାଷୀଙ୍କୁ ବାଧ୍ୟ ବାଧକତାର ସହ ଯେଉଁ ଇନ୍‌ପୁଟ ସବ୍‌ସିଡି ଦେଉଛନ୍ତି ତାହାର ବଦଳରେ ଦୁଇଗୁଣ ପ୍ରତାରଣା ମଧ୍ୟ କରୁଛନ୍ତି ମନେହେଉଛି। ଏହି ସବୁ ଘଟଣାକୁ ଅନୁମାନ କଲେ ଜଣା ପଡୁଛି ଯେ ସରକାର ଚାହୁଁଛନ୍ତି କିଭଳି ଭାବରେ କମ୍ ପରିମାଣର ଧାନ କିଣିବେ।ଇଂ ପୂଜାରୀ ଦାବି କରିଛନ୍ତି ଯେ ସରକାର ତତ୍କାଳ ବିଶେଷ ପଦକ୍ଷେପ ଗ୍ରହଣ କରି ଧାନ ସଂଗ୍ରହ ପ୍ରକ୍ରିୟାର ସୁପରିଚାଳନାକୁ ନିଶ୍ଚିତ କରନ୍ତୁ, ମଣ୍ଡିରେ ପଡ଼ିଥିବା ଧାନ କିଭଳି ଅବିଳମ୍ବେ ଲିଫ୍ଟିଂ ହେବ ସେଥିପ୍ରତି ମନିଟରିଂ କରାଯାଉ, ଆନ୍ଦୋଳନରେ ଚାଷୀ ମାନଙ୍କ ଦାବି ଗୁଡ଼ିକୁ କେବଳ କାଗଜ କଲମରେ ସୀମିତ ନ ରଖାଯାଇ ପ୍ରକୃତ ସମାଧାନ ସହ ଧାନ ସଂଗ୍ରହ ହେଉ। ସରକାର ଯଦି ଏହି ଅବ୍ୟବସ୍ଥା ଦୂର କରିବାରେ ବିଫଳ ରହୁଛନ୍ତି ଜିଲ୍ଲା ସ୍ତରୀୟ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## କଫ ସିରପ୍ ଜବତ, ଜଣେ ଗିରଫ



ସମ୍ବଲପୁର, ୨।୧୨ (ସମିସ) : ସମ୍ବଲପୁର ବୁର୍ଲା ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଗାନ୍ଧିପଡ଼ା କଲ୍ୟାଣ ମଣ୍ଡପ ପାଖରେ କଫସିରପ ବିକ୍ରୟ କରୁଥିବା ନେଇ ଖବର ପାଇ ଚଢ଼ଉ କରିଥିଲା। ପୁଲିସ ଅଭିଯୁକ୍ତକୁ ଧରିବାସହ ତା'ଠାରୁ ଅପମିଶ୍ରିତ କଫସିରପ, ୧୦ ବୋତଲ ଏସ୍‌କଫ୍ କଫସିରପ୍, ୧୫ ବୋତଲ ଠିପି ଖୋଲା କଫସିରପ, ୩ଟି ଖାଲି ବୋତଲ, ଗୋଟିଏ ଷ୍ଟ୍ରିପ୍ ନିଶା ବଟିକା, ୨୨ଟି ମଦ ପାଉଚ ଆଦି ଜବତ କରିଛି। ପୁଲିସ ବୁର୍ଲା ଥାନା ଗାନ୍ଧିପଡ଼ାର ସନ୍ତୋଷ ସାହୁ (୩୩) କୁ ଗିରଫ କରି କୋର୍ଟଚାଲାଣ କରିଛି।

## ରୋଟାରୀ କ୍ଲବ୍ ଅଫ୍ ସମ୍ବଲପୁର ଗ୍ରେଟର ପକ୍ଷରୁ 'ଜୟ ଅଫ୍ ଗିଭିଂ'



ସମ୍ବଲପୁର, ୨।୧୨ (ସମିସ) : ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟର ପ୍ରତିବର୍ଷ ନଭେମ୍ବର ମାସକୁ 'ଜୟ ଅଫ୍ ଗିଭିଂ' ମାସ ଭାବେ ପାଳନ କରୁଛି। ଏହି ଅବସରରେ କ୍ଲବ ପକ୍ଷରୁ ରୁକ୍ମିଣୀ ଲାଠ ବାଲ ନିକେତନରେ କିଡ୍‌ଜି ଧନୁପାଲିଙ୍କ ସହଯୋଗରେ ବିଶେଷ ସମାଜସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କିଡ୍‌ଜି ପକ୍ଷରୁ ଆଶ୍ରମର ପ୍ରତ୍ୟେକ ଶିଶୁ ପାଇଁ ବିଭିନ୍ନ ପ୍ରକାର ସାମଗ୍ରୀ ଉପହାର ରୂପେ ପ୍ରଦାନ କରାଯାଇଥିଲା। ଶିଶୁମାନଙ୍କ ସହ ଅନୁଭବିତ ସମ୍ପର୍କ, ସେମାନଙ୍କ ହସ ଓ ଖୁସିରେ ସମସ୍ତଙ୍କ ହୃଦୟ ଓ ମନ ସନ୍ତୁଷ୍ଟିରେ ଭରିଯାଇଥିଲା। କ୍ଲବ ପକ୍ଷରୁ କିଡ୍‌ଜି ଡାଇରେକ୍ଟର ଇଶା ପାଢ଼ୀ, କିଡ୍‌ଜି ଧନୁପାଲିର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଶିଶୁମାନଙ୍କୁ ଅଭିନନ୍ଦନ ଜଣାଯାଇଛି। ଏହାସହ ରୋଟାରିଆନ ସୁମିତ ନାୟକଙ୍କ ଅବଦାନକୁ ସ୍ମରଣ କରାଯାଇଛି। ଅତି ଅଳ୍ପ ବୟସରୁ ଏପରି ଦାନଶୀଳତାର ଅଭ୍ୟାସ ଗଢ଼ି ଉଠୁଥିବା ପାଇଁ ଇଶା ପାଢ଼ୀ ଓ ସୁମିତ ନାୟକଙ୍କ ଉତ୍କୃଷ୍ଟ ଶିକ୍ଷା ଓ ସଂସ୍କାର ପ୍ରଶଂସାଯୋଗ୍ୟ। ରୋଟାରୀ କ୍ଲବ ସଦସ୍ୟମାନେ ସହଯୋଗ କରିଥିଲେ। ରୋଟାରୀ କ୍ଲବ ସଦସ୍ୟ ସୁମିତ ନାୟକ, ପ୍ରଶାନ୍ତ ରଥ, ସଞ୍ଜୟ ମିତ୍ତଲ, ବିଲାଲ ମଲ୍ଲିକ, ଲିପିକା ଦାସ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସନ୍ତୋଷ ସିଲାରାଓ ପ୍ରମୁଖ ସହଯୋଗ କରିଥିଲେ। ରୋଟାରୀ କ୍ଲବ ସମ୍ବଲପୁର ଗ୍ରେଟର ପକ୍ଷରୁ ସମାଜ ପ୍ରତି ସେବା ଓ ଦାୟିତ୍ୱବୋଧ ଆଗାମୀଦିନରେ ଏହିଭଳି ଅବ୍ୟାହତ ରହିବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି।

## ୫ରେ ରାମେଶ୍ୱରମ-ମଦୁରାଇ ବରିଷ୍ଠ ନାଗରିକ ତୀର୍ଥଯାତ୍ରା

**ସମ୍ବଲପୁର, ୨।୧୨ (ସମିସ):** ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆଗାମୀ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ନିମନ୍ତେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିଜ ଦାୟିତ୍ୱ ସୂଚାରୁରୂପେ ନିର୍ବାହ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଯାତ୍ରା ପାଇଁ ତୀର୍ଥଯାତ୍ରୀଙ୍କ ପ୍ରତି ସୁବିଧା ଓ ସୁରକ୍ଷା ନଜରରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧିନରେ ଆସନ୍ତା ୫ ତାରିଖରେ ସମ୍ବଲପୁର ସମେତ ଅନ୍ୟ ୭ଟି ଜିଲ୍ଲାରୁ ମୋଟ ୭୭୫ ଜଣ ବରିଷ୍ଠ ନାଗରିକ, ରାମେଶ୍ୱରମ-ମଦୁରାଇ ପବିତ୍ର ତୀର୍ଥସ୍ଥାନ ଅଭିମୁଖେ ଯାତ୍ରା କରିବେ। ସେମାନେ ୧୦ ତାରିଖରେ ସମ୍ବଲପୁରକୁ ଫେରିବେ। ସମ୍ବଲପୁର ଜିଲ୍ଲାରୁ ୮୯ ଜଣ ସହିତ ଅନୁଗୋଳ ଜିଲ୍ଲାରୁ ୧୦୯ ଜଣ, ବରଗଡ଼ ଜିଲ୍ଲାରୁ ୧୨୭ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୫୦ ଜଣ, ସୁନ୍ଦରଗଡ଼ ଜିଲ୍ଲାରୁ ୧୮୦ ଜଣ, ସୁବର୍ଣ୍ଣପୁର ଜିଲ୍ଲାରୁ ୫୨ ଜଣ, ଦେବଗଡ଼ ଜିଲ୍ଲାରୁ ୨୭ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧୪୧ ଜଣ ଯାତ୍ରୀଙ୍କୁ ଏହି ତୀର୍ଥଯାତ୍ରା ପାଇଁ ମନୋନୀତ କରାଯାଇଛି। ଆସନ୍ତା ୪ ତାରିଖ ବିଭିନ୍ନ ଜିଲ୍ଲାରୁ ଆସି ସମ୍ବଲପୁରରେ ପହଞ୍ଚିବେ। ଯାତ୍ରୀମାନଙ୍କ ସକାଶେ ସମ୍ବଲପୁରରେ ଅସ୍ଥାୟୀ ରହଣୀ ବ୍ୟବସ୍ଥା, ଖାଦ୍ୟ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ସୁବିଧା କରାଯାଇଛି। ସମ୍ବଲପୁରର ପାନ୍ଥନିବାସ, ମାରୱାଡି ପଞ୍ଚାୟତି ଧର୍ମଶାଳା, ରେଲୱେ କମ୍ୟୁନିଟି ହଲ, ମାରୱାଡି ସେବାସଦନ ଆଦିରେ ଯାତ୍ରାର ପୂର୍ବଦିନ ଆସି ଆଶ୍ରୟ ନେବାକୁ ବ୍ୟବସ୍ଥା ହୋଇଛି। ତୀର୍ଥଯାତ୍ରୀ ମାନଙ୍କୁ ବିଶେଷ ବସ୍ ମାଧ୍ୟମରେ ସମ୍ବଲପୁର ରେଳଷ୍ଟେସନକୁ ପହଞ୍ଚାଇବେ। ଜିଲ୍ଲା ପ୍ରଶାସନ ପକ୍ଷରୁ ତୀର୍ଥଯାତ୍ରାକୁ ସୁଚାରୁ ଭାବେ ପରିଚାଳନା ପାଇଁ ଏକ ନୋଡାଲ୍ ଅଧିକାରୀ ନିୟୋଜିତ ହୋଇଛନ୍ତି।

## ଓଡ଼ିଶା ଡ୍ରାଇଭର ମହାସଂଘର ସାଂଗଠନିକ ବୈଠକ

**କୁଚିଣ୍ଡା, ୨।୧୨(ସମିସ):** ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ରେଙ୍ଘାପଡ଼ା ଠାରେ ଓଡ଼ିଶା ଡ୍ରାଇଭର ମହାସଂଘର ସାଂଗଠନିକ ବୈଠକରେ ନୂତନ ବ୍ଲକ କମିଟି ଗଠିତ ହୋଇଯାଇଛି। ସୂଚନା ଅନୁସାରେ ରେଙ୍ଘାପଡ଼ାରେ ଓଡ଼ିଶା ଡ୍ରାଇଭର ମହାସଙ୍ଘ ବାମରା ଶାଖା ପକ୍ଷରୁ ସାଙ୍ଗଠନିକ ବୈଠକ ଆୟୋଜିତ ହୋଇଥିଲା। ବୈଠକରେ ସଙ୍ଗଠନ କୁ ସୁଦୃଢ଼ କରିବା, ଆଗାମୀ କାର୍ଯ୍ୟପନ୍ଥା ଓ ଡ୍ରାଇଭରଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ନୂତନ କମିଟି ଗଠନ ହୋଇ ଥିଲା। ସଭାପତି ଭାବେ ବସନ୍ତ ମିଞ୍ଜ, ଉପ ସଭାପତି



ଗୌରାଙ୍ଗ ନାଏକ, ସମ୍ପାଦକ ସରୋଜ କିସାନ, ସହସମ୍ପାଦକ ଲୁକା ସାହୁ, କୋଷାଧ୍ୟକ୍ଷ ଗଣେଶ ନାଏକ, ସହ କୋଷାଧ୍ୟକ୍ଷ ପ୍ରଶାନ୍ତ ରଣା, ଉପଦେଷ୍ଟା ପରମଲ୍ କିସାନ ଓ ଦେବାନନ୍ଦ ସେଉଲଙ୍କୁ ସର୍ବସମ୍ମତିକ୍ରମେ ମନୋନିତ କରାଯାଇଛି। ଜିଲ୍ଲା ସଭାପତି ମହଭଞ୍ଜନ ମହାନା, ଉପସଭାପତି ସନାତନ ପରିଡ଼ା ଓ ଅମରେନ୍ଦ୍ର ଦୀକ୍ଷିତଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

## ବୟନଶିଳ୍ପ ବିଭାଗ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଉଦ୍‌ଘାଟିତ

**ସମ୍ବଲପୁର, ୨।୧୨ (ସମିସ):** ସମ୍ବଲପୁରରେ ବୟନଶିଳ୍ପ ବିଭାଗ ଉପନିର୍ଦ୍ଦେଶକଙ୍କ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଏହି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ରହିଛି। ଆଜି ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ ଭୋଇ, ବୟନଶିଳ୍ପ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦି, ଓରମାସ ଯୁଗ୍ମ ସିଇଓ ଶ୍ରୀମନ୍ତ ହୋତା, ଡିପିଏମ୍ ସଞ୍ଜୟ ମହାପାତ୍ର, ବୁଣାକାର, ସମ୍ବଲପୁରୀ ବସ୍ତ୍ରାଳୟର ପ୍ରତିନିଧି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ସମ୍ବଲପୁର, ୨।୧୨ (ସମିସ) :** ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମରେ ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ସମ୍ବଲପୁର ଜିଲ୍ଲା ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି।ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ବିଭିନ୍ନ ବୟସ ବର୍ଗର ସମଗ୍ର ଜିଲ୍ଲାରୁ ୧ ହଜାରରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ତଥା ଅଫିସିଆଲ ଭାଗ ନେଇଥିଲେ।ସୋମବାର ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା କ୍ରୀଡ଼ା ସଂଘ ସଭାପତି ତଥା ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ।

ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ସଂଘ ଉପସଭାପତି ତଥା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ମୁକେଶ କୁମାର ଭାମୁ ମୁଖ୍ୟଅତିଥି ଭାବରେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ଡଃ ପ୍ରମୋଦ ରଥ ଏବଂ ସୁଧୀର ବହିଦାର ଯୋଗ ଦେଇଥିଲେ। ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ କ୍ରୀଡ଼ା ସଂଘର ଆଥଲେଟିକ ସମ୍ପାଦକ ବିକାଶ କେଶର ମିଶ୍ର ପୌରୋହିତ୍ୟ କରିଥିବାବେଳେ କାଉନସିଲ ସଭ୍ୟ ସୁବୋଧ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ରାଜା ଚାନ୍ଦ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡ଼ା ସଂଘର ଉପସଭାପତି ତଥା ଓଡ଼ିଶା ଆଥଲେଟିକ ଆସୋସିଏସନ ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ, କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ, କ୍ରିକେଟ ସମ୍ପାଦକ ଅଭିନାଶ ନନ୍ଦ, ଫୁଟବଲ ସମ୍ପାଦକ ଅବଦୁଲ ଗଫର, ହକି ସମ୍ପାଦକ ବିନୋଦ ଟପ୍ପୋ, କ୍ରୀଡ଼ା ସମ୍ପାଦକ ରାଜେଶ ସେଠଙ୍କ ସମେତ କାଉନସିଲ ସଦସ୍ୟ ମନୋଜ ଭୋଇ, ପଦ୍ମନାଭ ନାଏକ, ବିଭୁତି ମିଶ୍ର, ଶାନ୍ତନୁ କୁମାର ନନ୍ଦ, ଲକ୍ଷ୍ମୀଚନ୍ଦ୍ର ମହାକୁଡ଼, କୁନ୍ଦନ ପ୍ରଧାନ, ମନୋଜ ପଣ୍ଡା, ମହମ୍ମଦ ଇସାକ ଏବଂ ରତିକାନ୍ତ ମହାନ୍ତି ତଥା ଜଗବନ୍ଧୁ ବେହେରା, ହର୍ଷବର୍ଦ୍ଧନ ସାହୁ, ଲକ୍ଷ୍ମଣ ନାଥ, ସୁବାଷ ରାଉତ, ସରିତା ନାଏକ, ରେଖା ଦେ, ରାଜା ଚାନ୍ଦ, ରମଣୀ ରଞ୍ଜନ ସାହୁ, ଶାନ୍ତ ରନବିଡା ପ୍ରମୁଖ ବହୁ କ୍ରୀଡ଼ା ସଙ୍ଗଠକ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ କୁଲୁଣ୍ଡି ଛାତ୍ରଛାତ୍ରୀଙ୍କ ସହାୟତାରେ ପ୍ରତିଯୋଗିତାକୁ ସଫଳତାର ସହ ପରିଚାଳନା କରାଯାଇଥିଲା।

## ସାଇବର ଠକେଇ ଅଭିଯୋଗରେ ୩ ଗିରଫ

**ସମ୍ବଲପୁର, ୨।୧୨(ସମିସ):** ଟାଉନ୍ ଥାନା ପୁଲିସ ଅନଲାଇନ ଠକେଇ ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗିର ସିନ୍ଦେକେଲା କୁଲୁଭଟାର ଚର୍ତୁଭୁଜ ଦୀପ(୨୧), ସମ୍ବଲପୁର ଟାଉନ ଥାନା ତମଲାପଡ଼ାର ରାହୁଲ ବାକୁଲ (୨୦) ଓ ଧୁଚରାପଡ଼ା ପ୍ରିଥିବୀ ଦୀପ(୧୯). ସେମାନଙ୍କ ପାଖରୁ ୩ ମୋବାଇଲ, ୧ ଲାପଟପ୍, ବିଭିନ୍ନ ବ୍ୟାଙ୍କ ପାସବୁକ୍, ପାନ କାର୍ଡ, ଆଧାର କାର୍ଡ ଓ ଏଟିଏମ ଜବତ କରିଛି। ଏହି



ଅଭିଯୁକ୍ତମାନେ ବିଭିନ୍ନ ସାଇବର ଅପରାଧରେ ସାମିଲ ଥିବା ନେଇ ସିଆଇଡି ସାଇବର ୱିଙ୍ଗରୁ ସୂଚନା ଆସିଥିଲା। ତେଣୁ ସମ୍ବଲପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଟାଉନ ପୁଲିସ ଟିମ୍ ଗଠନ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ମାନେ ସାଧାରଣ ଲୋକଙ୍କ ତଥ୍ୟ ନେଇ ବ୍ୟାଙ୍କ ଖାତା ଖୋଲିଥିଲେ। ଅନେକଙ୍କ ପାଖରୁ ଅନଲାଇନ ଠକେଇ ମଧ କରିଥିଲେ। ଜବତ ମୋବାଇଲରେ ବିଭିନ୍ନ ଲୋକଙ୍କ ପାଖରୁ ଠକିଥିବା ପୁଲିସ ସୂଚନା ପାଇଛି। କେବଳ ଓଡ଼ିଶା ଲୋକଙ୍କୁ ଠକି ନାହାନ୍ତି ଏହି ଅଭିଯୁକ୍ତମାନେ। ଦେଶର ବିଭିନ୍ନ ସ୍ଥାନରେ ଘଟିଥିବା ସାଇବର ଅପରାଧରେ ଜଡିତ ଥିବା ପୁଲିସ ସୂଚନା ପାଇଛି। ହେଲେ କେତେ ଟଙ୍କା ଠକିଛନ୍ତି ତାହା ଏବେ ସୂଚନା ମିଳି ପାରି ନାହିଁ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଗକୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରିବ ବୋଲି ସୂଚନା ରହିଛି।

## କପିଳେଶ୍ୱର ମନ୍ଦିର ପାଖରେ ମହୁମାଛି ଆତଙ୍କ

**ରେଢ଼ାଖୋଲ, ୨।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳ ପଞ୍ଚାୟତ ଖୁବେଲ ଗ୍ରାମରେ ଥିବା ବାବା କପିଳେଶ୍ୱର ମନ୍ଦିର ପାଖରେ ମହୁମାଛିଙ୍କ ଆତଙ୍କ ଦେଖିବାକୁ ମିଳିଛି। ସୂଚନା ଯୋଗ୍ୟ ଯେ ପ୍ରତିଦିନ ବାବା କପିଳେଶ୍ୱର ମନ୍ଦିର ରାସ୍ତାଦେଇ ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ କିଛିଦିନ ମଧ୍ୟରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ମହୁମାଛି ଆକ୍ରମଣରେ ଆହତ ହୋଇଥିବା ଜଣାପଡ଼ିଛି। ମନ୍ଦିର ପାଖରେ ଥିବା ଗୋଟିଏ ଗଛରେ ମହୁମାଛି ବସା କରିଛନ୍ତି। କିଛି ଦିନ ହେବ ମହୁମାଛିଙ୍କ ବସା ଉପରକୁ ଗୋଟିଏ ଚିଲ ଖୁମ୍ପୁଥିବା ଯୋଗୁଁ ମହୁମାଛି ଏଣେତେଣେ ଉଡ଼ି ଲୋକଙ୍କୁ ଆକ୍ରମଣ କରୁଛନ୍ତି। ଏଥିରେ ଜନସାଧାରଣ ଆହତ ହୋଇ ଚାରମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ କିଛି ଜନ ସାଧାରଣ ଗୁରୁତର ହୋଇ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି।ଏହି ସମସ୍ୟାକୁ ଅତି ଶୀଘ୍ର ସମାଧାନ କରିବାକୁ ଗ୍ରାମବାସୀ ଦାବି

## ସ୍ତ୍ରୀକୁ ମାଡ଼ମାରି ଲହୁ ଲୁହାଣ

**କୁଚିଣ୍ଡା, ୨।୧୨(ସମିସ):** ବାମରା ବ୍ଲକ ରବଗା ପଞ୍ଚାୟତ କିଚିଣ୍ଡାଗ୍ରାମରେ ସ୍ୱାମୀ ସ୍ତ୍ରୀକୁ ନିସ୍ତୁକ ମାଡ ମାରି ଲହୁଲୁହାଣ କରିଦେଇଥିବା ନେଇ ଗୋବିନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଗତ ଶନିବାର ରାତିରେ କିଚିଣ୍ଡାଗ୍ରାମର ବୁଦ ନାଏକ ଓ ସ୍ୱାମୀ ସୁରେନ୍ଦ୍ର ନାଏକଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ରାଗି ଯାଇ ସ୍ୱାମୀ ସୁରେନ୍ଦ୍ର ସ୍ତ୍ରୀଙ୍କ ଗୋଡହାତ ବାନ୍ଧି ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ଦେବାରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। କେତେକ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି ଗଡ଼ପୋଷ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଚିକିତ୍ସିତ ହେବା ପରେ ସେ ଗୋବିନ୍ଦପୁର ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ। ମାତ୍ରେ ସେଠାରେ ତାଙ୍କ ଶାଶୂ ଶଶୁର ପହଞ୍ଚି ତାଙ୍କୁ ବୁଝାସୁଝା କରିବା ପରେ ତାଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିବା ସୂଚନା ରହିଛି। ଏନେଇ ପୁଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଭୋଜପୁର ମାର୍କେଟ୍‌ୟାର୍ଡରେ ମଣ୍ଡିପୂଜା

**ଜମନକିରା, ୨।୧୨(ସମିସ):** ଜମନକିରା ବ୍ଲକ ଭୋଜପୁର ମାର୍କେଟୟାଡରେ ମଣ୍ଡି ପୂଜା ଅନୁଷ୍ଠିତ ହୋଇ ଯାଇଛି। ବିଜୟ ଲକ୍ଷ୍ମୀ କୃଷକ ସୁରକ୍ଷା ସଂଗଠନ ସଭାପତି ସିଦ୍ଧାର୍ଥ କୁମାର ପଟେଲଙ୍କ ନେତୃତ୍ୱରେ ପୁଝାରୀ ଜୟନ୍ତ ଶର୍ମା ମଣ୍ଡି ପୂଜା କରିଥିଲେ। ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗ, ସଂଗଠନ ସମ୍ପାଦକ ସରୋଜ କୁମାର ପ୍ରଧାନ, ଉପଦେଷ୍ଟା ଚିତ ରଞ୍ଜନ ଶର୍ମା, ରାଜସ୍ୱ ନିରୀକ୍ଷକ ସୀତାକାନ୍ତ ବାରିକ, ଲେମ୍ପ କର୍ମ ଚାରୀ, ଆରଏମସି କର୍ମ ଚାରି, ଚାଷୀ ପ୍ରଭୁତି ଯୋଗ ଦେଇ ଥିଲେ। ପ୍ରଥମ ଦିନ ୨୯ତାରିଖ ଦିନ୪୦ ଜଣ ଚାଷୀଙ୍କ ୪୨୭୭ ପ୍ୟାକେଟ ଧାନ ଓ ୨ତାରିଖ ଦିନ ୪୮ ଚାଷୀଙ୍କ ୩୫୧୧ ପ୍ୟାକେଟ ମୋଟ ୭୭୮୮ ପ୍ୟାକେଟ ଧାନ ୟାଡରେ ପଡ଼ି ରହିଛି। ଏହା ସହ ବର୍ତ୍ତମାନ ମାର୍କେଟ ୟାଡ଼ରେ ବିଭିନ୍ନ କାମ ଆରମ୍ଭ ହୋଇ ଯାଇଛି। ଯାହା ଫଳରେ ଧାନ ଫସଲ ରଖିବା ପାଇଁ ଅସୁବିଧା ହେବ।

## ବାମରା ବିଇଓଙ୍କୁ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

**କୁଚିଣ୍ଡା, ୨।୧୨(ସମିସ):** ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୨ ଦଫା ଦାବିପତ୍ର ବାମରା ବ୍ଲକ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟରେ ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ଗଣଶିକ୍ଷା ବିଭାଗ ଉଦ୍ଦେଶ୍ୟ ନେଇ ପ୍ରଦାନ କରାଇଥିବା ଉକ୍ତ ଦାବିପତ୍ରରେ ପ୍ରାଥମିକ ଶିକ୍ଷକମାନଙ୍କ ମୂଳ ପଦବୀକୁ ଅପଗ୍ରେଡ କରି ଲେବୁଲ ୯ ଅନୁସାରେ ଦରମା ପ୍ରଦାନ ଏବଂ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ଠିକା କାର୍ଯ୍ୟକାଳକୁ ମୂଳ ଚାକରି ଭାବେ ଗଣନା ଓ ଇନ୍‌କ୍ରିମେଣ୍ଟ ପ୍ରଦାନ ନେଇ ଦାବି କରାଯାଇଛି। ମହାସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରେ ବାମରା ଏବିଇଓ ହୃଦାନନ୍ଦ ପ୍ରଧାନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।ମହାସଙ୍ଘର ଜିଲ୍ଲା ସମ୍ପାଦକ ସଞ୍ଜୟ କୁମାର ପଟେଲ୍, ବ୍ଲକ ସଭାପତି ସୂଜଲ କିଶୋର ଭଇଁସା, କିଶୋର ଚନ୍ଦ୍ର ଗୋପାଲ, ବିନୋଦ ବିହାରୀ ସିଙ୍ଗ, ଦଶରଥ କୁମୂରା, ନିରୁପମା ଦାସ, ମନୋଜ ପ୍ରସାଦ ଓ ସୁରେନ୍ଦ୍ର ପଟେଲଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଦାବି ଜଣାଇଥିଲେ। ଦାବିପୂରଣ ନହେଲେ ଆସନ୍ତା ଶୁକ୍ରବାର ଠାରୁ ଆନ୍ଦୋଳନ କରିବାକୁ ସେମାନେ ଚେତାବନୀ ଦେଇଛନ୍ତି।

# ପ୍ରାଥମିକ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ଜମନକିରା, ୨।୧୨(ସମିସ):ଭାତପୁରା ପ୍ରାଥମିକ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ା ମହୋତ୍ସବ ପ୍ରଧାନଶିକ୍ଷକ ରତନ ଲାଲ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମିଳିତ ଭାବେ ହାଇ ପଡ଼ିଆରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିନ ଉଦ୍‌ଘାଟନୀ ଉତ୍ସବରେ ସମାଜସେବୀ ନୃପଲାଲ ପଲେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇ ବାର୍ଷିକ ଖେଳକୁଦର ଶୁଭାରମ୍ଭ କରିଥିଲେ। ଦ୍ୱିତୀୟ ଦିନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭରା ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ବିଶିଷ୍ଟ ସମାଜସେବୀ ରୁଦ୍ର ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ତଥା ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଖେଳ ଶିକ୍ଷକ ପ୍ରଦୀପ୍ତ କୁମାର ବାରିକ ଉଭୟ ବାଳକ ଓ ବାଳିକା ବର୍ଗରେ ବିଭିନ୍ନ ପ୍ରତିଯୋଗିତା କରାଇଥିଲେ। ଖେଳ ପରିଚାଳନାରେ ହାଇ ସ୍କୁଲର ସୁମନ୍ତ କୁମାର ମହାକୁଳ, ଖଗେଶ୍ୱର ନାଏକ, ସୁବ୍ରତ କୁମାର ପଣ୍ଡା, ମଧୁମିତା ବହିଦାର ତଥା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନୀରାମ ବେହେରା, ଗୀତାଞ୍ଜଳୀ ନାଏକ, ଜ୍ୟୋତି ମଞ୍ଜରୀ ନାଏକ, ସମ୍ବାରୁ ସିଂ, ସୁନୀତା ମାଝୀ ପ୍ରମୁଖ ସହଯୋଗ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯିବ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ କୀର୍ତ୍ତନ କିସାନ ଓ ଆଖ ପାଖ ଗ୍ରାମର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


# ଆଞ୍ଚଳିକ ପ୍ରଦୂଷଣ କାର୍ଯ୍ୟାଳୟ ପକ୍ଷରୁ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ





**ସମ୍ବଲପୁର, ୨।୧୨ (ସମିସ)**

ଡିସେମ୍ବର ୨ ତାରିଖରେ ପାଳିତ ହେଉଥିବା ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ୧୯୮୪ ମସିହାରେ ଭୋପାଳ ଗ୍ୟାସ ଦୁର୍ଘଟଣାକୁ ମନେ ପକାଇଥାଏ ଏବଂ ଶିଳ୍ପ ପ୍ରଦୂଷଣର ଗମ୍ଭୀର ପରିଣାମ ବିଷୟରେ ସଚେତନତା ସୃଷ୍ଟି କରିଥାଏ।

ଏହି ଅବସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ, ସମ୍ବଲପୁରର ଆଞ୍ଚଳିକ ଅଧିକାରୀ ଡଃ ସତ୍ୟ ନାରାୟଣ ନନ୍ଦଙ୍କ ତତ୍ତ୍ୱାବଧାନରେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲ, ଲେଡିଲୁଇସ ବାଳିକା ହାଇସ୍କୁଲ ଓ ଗୋପାଳଜୀ ସଂସ୍କୃତ ବିଦ୍ୟାଳୟଠାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବାପାଇଁ ଚିତ୍ରାଙ୍କନ, ବକ୍ତୃତା ଓ ପରିବେଶ ସଚେତନତା ରାଲି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ଗୁଡ଼ିକରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସତ୍ୟବ୍ରତ ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପଣ୍ଡା, ଲେଡିଲୁଇସ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହା, ସହକାରୀ ଶିକ୍ଷୟିତ୍ରୀ ଅନୁପମା ପଣ୍ଡା, ଗୋପାଳଜୀ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ଆଞ୍ଚଳିକ ପ୍ରଦୂଷଣ କାର୍ଯ୍ୟାଳୟର ପରିବେଶ ବୈଜ୍ଞାନିକ କୁସୁମ ମିଞ୍ଜ, ସହ ପରିବେଶ ବୈଜ୍ଞାନିକ ମନୋରଞ୍ଜନ ପ୍ରଧାନ, ସହକାରୀ ଯନ୍ତ୍ରୀ ରାକେଶ କୁମାର ପଣ୍ଡା ତଥା ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ବର୍ତ୍ତମାନ ସମୟରେ ବାୟୁ, ଜଳ ଓ ମୃତ୍ତିକା ପ୍ରଦୂଷଣର ମାତ୍ରା ବୃଦ୍ଧିକୁ ହ୍ରାସ କରିବା, ନବୀକରଣ ଯୋଗ୍ୟ ସମ୍ବଳ ବ୍ୟବହାର କରିବ, ପୁନଃ ବ୍ୟବହାର କରାଯାଉଥିବା ସାମଗ୍ରୀ ବ୍ୟବହାର କରିବା ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ପ୍ଲାଷ୍ଟିକ-ମୁକ୍ତ ପିକ୍‌ନିକ ଅଭିଯୋଗରେ ଯୋଗଦେବା ତଥା ଓଡ଼ିଶାର ପିକ୍‌ନିକ ସ୍ଥଳ ଗୁଡ଼ିକୁ ସଫା ଓ ସବୁଜ ରଖିବା ପାଇଁ ସାମୂହିକ ପ୍ରୟାସ କରିବାକୁ ଆଞ୍ଚଳିକ ଅଧିକାରୀ ଡ. ନନ୍ଦ ଆହ୍ୱାନ ଦେଇଥିଲେ। ସେହିପରି ହିଣ୍ଡାଲକୋ, ହୀରାକୁଦ, ଶ୍ୟାମ ମେଟାଲିକ୍ସ, ଲପଙ୍ଗା, ଭୂଷଣ ପାୱାର ଓ ଷ୍ଟିଲ କାରଖାନା ପରିସରରେ ମଧ ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଇଥିଲା।



# ସମ୍ପାଦକୀୟ



ମତାମତ ଜ୍ଞାନ ଓ ଅଜ୍ଞାନ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରେ।

-ପ୍ଲାଟୋ

ସକାଳ THE SAKALA

## କୀର୍ତ୍ତିରେ କଳଙ୍କ ନ ଲାଗୁ

ଶ୍ରୀକ୍ଷେତ୍ର ପୁରୀରେ ମୋଗଲ୍ ଅମଳରେ ଲାଗୁ ହୋଇଥିବା ତୀର୍ଥଯାତ୍ରୀ କରର ଆଂଶିକ ସଂସ୍କରଣ ପୁଣି ଥରେ କାର୍ଯ୍ୟକାରୀ ହୋଇଥିବା ଅଭିଯୋଗ ହୋଇଛି। ଶ୍ରୀମନ୍ଦିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ ଦେୟମୁକ୍ତ ରହିଥିଲେ ହେଁ ବେଢ଼ା ଭିତରେ ଥିବା କୋଇଲିବୈକୁଣ୍ଠ, ରୋଷଘର, ରୋହିଣୀକୁଣ୍ଡ, ନୀଳାଚଳ ଉପବନ ଆଦି ଦର୍ଶନ ପାଇଁ ଟିକେଟ୍ ବ୍ୟବସ୍ଥା କରାଯାଇଛି। ସେହିପରି ଶ୍ରୀମନ୍ଦିର ବେଢ଼ା ବାହାରେ ଥିବା ନରେନ୍ଦ୍ର ପୁଷ୍କରିଣୀ, ବେଡ଼ି ହନୁମାନ, ଲକ୍ଷ୍ମୀଙ୍କ ବାପଘର ମନ୍ଦିର, ଚକ୍ର ନୃସିଂହ ମନ୍ଦିର ଭଳି ଏକାଧିକ ଧାର୍ମିକ ଓ ତୀର୍ଥ ସ୍ଥାନ ଦର୍ଶନ ପାଇଁ ଦର୍ଶନାର୍ଥୀଙ୍କ ପିଛା ୧୦ ଟଙ୍କା ଲେଖାଏଁ ଦେବାକୁ ପଡୁଛି। ଦୀର୍ଘ ଛଅ ବର୍ଷ ପରେ ଖୋଲିବାକୁ ଥିବା ଗୁଣ୍ଡିଚା ମନ୍ଦିର ପାଇଁ ମଧ୍ୟ ଦର୍ଶନାର୍ଥୀ ପିଛା ୧୦ ଟଙ୍କାର ଟିକେଟ୍ ବ୍ୟବସ୍ଥା ହୋଇଥିବା ଘୋଷଣା ହୋଇଛି। ଗତ ୧ ତାରିଖରୁ ଏହି ବ୍ୟବସ୍ଥା ଆରମ୍ଭ ହେବାକୁ ଥିଲେ ମଧ୍ୟ ଅନିର୍ଦ୍ଦିଷ୍ଟ କାରଣ ପାଇଁ ସ୍ଥଗିତ ରହିଛି।

ଟିକେଟ୍ ପରିମାଣ ଅଧିକ ନ ହେଲେ ମଧ୍ୟ ଏହି ପରମ୍ପରା ଜଗନ୍ନାଥ ସଂସ୍କୃତିର ପରିପନ୍ଥୀ ବୋଲି ଅଭିଯୋଗ ହୋଇଛି। ମୋଗଲ୍ ଶାସନ କାଳରେ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀଙ୍କ ଉପରେ ଏଭଳି ଟିକସ ଲଦା ଯାଉଥିବା ବେଳେ ବ୍ରିଟିଶ୍ ଅମଳରେ ଊନବିଂଶ ଶତାବ୍ଦୀରେ ଏହାକୁ ଉଚ୍ଛେଦ କରାଯାଇଥିଲା। ତେଣୁ ଶ୍ରୀକ୍ଷେତ୍ରର ଧାର୍ମିକ ପରମ୍ପରା ପୁଣି ଥରେ ପ୍ରାକ୍ ବ୍ରିଟିଶ୍ ଅମଳକୁ ଚାଲିଯିବ ନାହିଁ ତ ବୋଲି ସ୍ଥାନୀୟ ଅଞ୍ଚଳ ଓ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି ଏବଂ ଉଦ୍‌ବେଗ ପ୍ରକାଶ ପାଇଛି। ଏପରିକି ଶ୍ରୀମନ୍ଦିର ଓ ଜଗନ୍ନାଥ ସଂସ୍କୃତିର ବଜାରୀକରଣ କରାଯିବାର ଉପକ୍ରମ ଆରମ୍ଭ ହୋଇଛି ବୋଲି ଅଭିଯୋଗ ଉଠିଛି।

ଜଗତର ନାଥ ଜଗନ୍ନାଥ ବିଶ୍ୱନିୟନ୍ତା। ତାଙ୍କ ପାଖରେ ଧନୀ-ଗରିବର ସ୍ଥାନ ନାହିଁ। ତେଣୁ ତ ଶ୍ରୀଜଗନ୍ନାଥ ସଂସ୍କୃତି ଅନନ୍ୟ, ପବିତ୍ର ଓ ସର୍ବୋତ୍ତମ। ଶ୍ରୀକ୍ଷେତ୍ରରୁ କେବେ କେହି ଭୋକରେ ଫେରେନାହିଁ। ଭାରତର ପ୍ରାୟ ମନ୍ଦିର ଓ ତୀର୍ଥସ୍ଥଳରେ ଟିକେଟ୍ ବ୍ୟବସ୍ଥା ରହିଥିଲେ ମଧ୍ୟ କୋଟିଏ ରାଜାର ମଉଡ଼ମଣି ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରରେ ତେଣୁ କେବେ ସରକାର କିମ୍ବା ପ୍ରଶାସନ ଶ୍ରଦ୍ଧାଳୁଙ୍କଠାରୁ ପାଉଣା ଆଦାୟ କରିବାର ଉପକ୍ରମ କରିନାହାନ୍ତି। ଅଥଚ ଦୀର୍ଘବର୍ଷ ପରେ ଏହି ମହାନ ପରମ୍ପରା ଭାଙ୍ଗିବାକୁ ଯାଉଛି। ମନ୍ଦିର ଓ ଧାର୍ମିକ ସ୍ଥଳରେ ଟିକେଟ୍ ବ୍ୟବସ୍ଥା ଥିବା ରାଜ୍ୟମାନେ ଓଡ଼ିଶା ତୁଳନାରେ ଧନାଢ଼୍ୟ। ଓଡ଼ିଶା ଦାରିଦ୍ର୍ୟର କଷାଘାତ ସହି ଆସୁଥିଲେ ମଧ୍ୟ ଅତିଥି, ଆଗନ୍ତୁକ କିମ୍ବା ତୀର୍ଥଯାତ୍ରୀଙ୍କଠାରୁ ଅର୍ଥ ଆଦାୟ କରିନାହିଁ। କିନ୍ତୁ ରାଜ୍ୟ ପ୍ରଶାସନ ଏବେ ଯେଉଁ ପରମ୍ପରା ଆରମ୍ଭ କରିଛନ୍ତି ତାହା ଶ୍ରୀଜଗନ୍ନାଥ ସଂସ୍କୃତିର ପରିପନ୍ଥୀ ବୋଲି ମତ ପ୍ରକାଶ ପାଉଛି।

ଆମର ଅନୁରୋଧ, ଶ୍ରୀମନ୍ଦିର ପ୍ରଶାସନ ଏଭଳି ଉଦ୍ୟମରୁ ବିରତ ରୁହନ୍ତୁ। ତୀର୍ଥସ୍ଥଳୀ ଓ ଦର୍ଶନୀୟ ସ୍ଥାନଗୁଡ଼ିକର ବିକାଶ ଦାୟିତ୍ୱ ଘରୋଇ ସଂସ୍ଥା ହାତକୁ ଟେକି ଦେଇଥିବାରୁ ସେମାନେ ତୀର୍ଥଯାତ୍ରୀଙ୍କଠାରୁ ଅର୍ଥ ଆଦାୟ କରୁଛନ୍ତି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏଥିପାଇଁ ପ୍ରତ୍ୟକ୍ଷ ଭାବେ ଦାୟୀ ନ ହେଲେ ମଧ୍ୟ ପରୋକ୍ଷ ଉତ୍ତରଦାୟିତ୍ୱମୁକ୍ତ ହୋଇପାରିବେ ନାହିଁ। ଏହି ପରମ୍ପରା ହୁଏତ ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇଁ କାର୍ଯ୍ୟକାରୀ ହୋଇପାରେ। ସମ୍ପ୍ରତି ପାରମାଣବିକ ଦର୍ଶନ ବ୍ୟବସ୍ଥା ରହିଛି ସତ; କିନ୍ତୁ ସାର୍ବଜନିନ ଦର୍ଶନ ଦେୟମୁକ୍ତ ରହିଛି ଏବଂ ତାହା ବଳବତ୍ତର ରହିବା ବାଞ୍ଛନୀୟ। ଏହାର ବ୍ୟତିକ୍ରମ ଘଟିଲେ କୀର୍ତ୍ତିରେ କଳଙ୍କ ଲାଗିବ। ଶ୍ରୀଜଗନ୍ନାଥ କୀର୍ତ୍ତି ଓ ସଂସ୍କୃତି ସଦା ଅମଳିନ ରହୁ। ଜଗନ୍ନାଥଙ୍କ ଓଡ଼ିଶାର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ଉଭୟ ଶାସନ ଓ ପ୍ରଶାସନର ଦାୟିତ୍ୱ ଓ କର୍ତ୍ତବ୍ୟ ●

## ଯାନ ନିରାପତ୍ତାର ନୂଆ ମାନଦଣ୍ଡ

ସଡ଼କ ସୁରକ୍ଷା ନିଶ୍ଚିତ କରିବା ସହିତ ଦୁର୍ଘଟଣା ସଂଖ୍ୟା ଯଥାସମ୍ଭବ ହ୍ରାସ କରିବା ଲାଗି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ନିକଟରେ 'ଭାରତ ନ୍ୟୁ କାର ଆସେସ୍‌ମେଣ୍ଟ ପ୍ରୋଗ୍ରାମ୍(ଭାରତ ଏନ୍‌ସିଏପି)-୨୦୨୩'ର ସଂଶୋଧିତ ଚିଠା ପ୍ରସ୍ତାବ ଜାରି କରିଛନ୍ତି। ଏହା ଆଇନରେ ପରିଣତ ହେଲେ କାର ନିରାପତ୍ତା ସର୍ତ୍ତାବଳୀ କଡ଼ା ହେବ। କାର ନିର୍ମାତା ଏବଂ ଆମଦାନୀକାରୀମାନେ 'ଅଟୋମେଟିଭ୍ ଇଣ୍ଡଷ୍ଟ୍ରି ଷ୍ଟାଣ୍ଡାର୍ଡ(ଏଆଇଏସ୍)୧୯୭' ଅନୁଯାୟୀ ନିରାପତ୍ତା ବ୍ୟବସ୍ଥା ନିଶ୍ଚିତ କରିବାକୁ ବାଧ୍ୟ ହେବେ।

ଭାରତ ଏନ୍‌ସିଏପି ଲାଗୁ ହେଲେ ସୁରକ୍ଷା ବ୍ୟବସ୍ଥା ଆଧାରରେ କାରଗୁଡ଼ିକୁ ସୁରକ୍ଷା ମାନଦଣ୍ଡ ଆଧାରରେ ଏକତାରକାରୁ ଆରମ୍ଭ କରି ସର୍ବୋତ୍ତମ ପାଞ୍ଚତାରକା ପର୍ଯ୍ୟନ୍ତ ଚିହ୍ନିତ କରାଯିବ। ପୁନେସ୍ଥିତ 'ସେଣ୍ଟ୍ରାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରୋଡ୍ ଟ୍ରାନ୍ସପୋର୍ଟ' କର୍ତ୍ତୃପକ୍ଷ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରି ଉପରୋକ୍ତ ତାରକା ଚିହ୍ନିତ କରିବେ। ପ୍ରଚଳିତ ସୁରକ୍ଷା ମାନଦଣ୍ଡ ତୁଳନାରେ ଏହା ଆହୁରି ଅଧିକ ଉତ୍ତମ। ବିଶ୍ୱର ଅନେକ ବିକଶିତ ରାଷ୍ଟ୍ର ଏନ୍‌ସିଏପି ବହୁପୂର୍ବରୁ କାର୍ଯ୍ୟକାରୀ କରିସାରିଥିବାରୁ ଭାରତ ପାଇଁ ଏହା ଏକ ଅପରିହାର୍ଯ୍ୟ ଆବଶ୍ୟକତା ଥିଲା। ଏନ୍‌ସିଏପି ୨୦୨୩ରେ 'ଆଡଲ୍ଟ ଅକ୍ୟୁପାଣ୍ଟ ପ୍ରୋଟେକ୍‌ସନ୍(ଏଓପି) ବା ବରିଷ୍ଠଙ୍କ ପାଇଁ ସୁରକ୍ଷା', 'ଚାଇଲ୍ଡ ଅକ୍ୟୁପାଣ୍ଟ ପ୍ରୋଟେକ୍‌ସନ୍(ସିଓପି) ବା ଶିଶୁଙ୍କ ପାଇଁ ସୁରକ୍ଷା' ଏବଂ 'ସେଫ୍ଟି ଆସିଷ୍ଟ ଟେକ୍‌ନୋଲଜି(ଏସ୍‌ଏଟି) ବା ବୈଷୟିକ ସୁରକ୍ଷା ବ୍ୟବସ୍ଥା' ଯାଞ୍ଚ କରାଯାଉଥିଲା। ସଂଶୋଧିତ ଚିଠା ପ୍ରସ୍ତାବରେ ଏଥିସହିତ ଅତିରିକ୍ତ ଭାବେ ସୁରକ୍ଷିତ ଗାଡ଼ିଚାଳନା, ଦୁର୍ଘଟଣା ନିବାରଣ, ଆନୁଷଙ୍ଗିକ ସୁରକ୍ଷା, ଖରାପ ସଡ଼କ ଜନିତ ଗାଡ଼ିଚାଳନାର ସୁରକ୍ଷା, ଦୁର୍ଘଟଣା ପରବର୍ତ୍ତୀ ସୁରକ୍ଷା ବ୍ୟବସ୍ଥା ଆଦି ଯାଞ୍ଚ କରାଯିବ। ଏଥିସହିତ ଅନ୍ୟାନ୍ୟ ବୈଷୟିକ ମାନଦଣ୍ଡ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। ସେହିଭଳି ପଦଚାରୀଙ୍କୁ ସୁରକ୍ଷା ଦେବାକୁ ମଧ୍ୟ କାରଗୁଡ଼ିକରେ ଆପତ୍‌କାଳୀନ ବୈଷୟିକ ଜ୍ଞାନକୌଶଳ ବାଧ୍ୟତାମୂଳକ କରାଯାଇଛି।

ଭାରତ ଏନ୍‌ସିଏପି ଅନେକଦୃଷ୍ଟିରୁ ସ୍ୱାଗତଯୋଗ୍ୟ ହେଲେ ମଧ୍ୟରେ ଏଥିରେ ବିକଟାଳ ହର୍ଣ୍ଣକୁ ନିରୁତ୍ସାହିତ କରିବା ପାଇଁ ସର୍ତ୍ତାବଳୀ ଉଦ୍ଦିଷ୍ଟ ନାହିଁ। ଅନେକ ସମୟରେ ଜନଗହଳିପୂର୍ଣ୍ଣ ସ୍ଥାନରେ ବିକଟାଳ ଓ ଉଚ୍ଚଶବ୍ଦଯୁକ୍ତ ହର୍ଣ୍ଣ ମଧ୍ୟ ଦୁର୍ଘଟଣାର କାରଣ ହେଉଛି। ତେଣୁ ସୁରକ୍ଷା ମାନଦଣ୍ଡରେ ଏ ବିଷୟକୁ ସ୍ଥାନିତ କରାଯିବା ଆବଶ୍ୟକ। ଏହାପୂର୍ବରୁ କେନ୍ଦ୍ର ସରକାର ପଥଚାରୀଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ଚିଠା ନିୟମ ଜାରି କରିଥିଲେ। ଆମ ମତରେ ସଡ଼କ ସୁରକ୍ଷା ସମ୍ବନ୍ଧିତ ବିଭିନ୍ନ ନିୟମ ଓ କଟକଣାକୁ ସମନ୍ୱିତ କରାଯିବାର ଆବଶ୍ୟକତା ରହିଛି। ●

# ଖାଦ୍ୟବାହିତ ବ୍ୟାଧି ଓ ଜୀବନ ସୁରକ୍ଷା

ବିଦ୍ୟାଧର ମହାରଣା

ଆମେ କ୍ଷୁଧା ନିବାରଣ ଏବଂ ଶରୀରର ପୁଷ୍ଟିସାଧନ ପାଇଁ ନିୟମିତ ବିଭିନ୍ନ ପ୍ରକାରର ଖାଦ୍ୟ ଖାଉ। ଏହି ଖାଦ୍ୟ ଆମେ ନିଜେ କ୍ଷେତରେ ଉତ୍ପାଦନ କରୁ କିମ୍ବା ବଜାରରୁ କିଣିଥାଉ। ଉତ୍ପାଦନ କିମ୍ବା କ୍ରୟ ପରଠାରୁ ଖାଦ୍ୟପ୍ରସ୍ତୁତ କରି ଖାଇବା ପର୍ଯ୍ୟନ୍ତ ବିଭିନ୍ନ ବ୍ୟାଧି ସୃଷ୍ଟି କରୁଥିବା କବକ କିମ୍ବା ବୀଜାଣୁ ଦ୍ୱାରା ଆମ ଶରୀର ଆକ୍ରାନ୍ତ ହୋଇ ବହୁସମୟରେ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ; ଏପରିକି ପ୍ରାଣଘାତୀ ମଧ୍ୟ ସାବ୍ୟସ୍ତ ହୋଇପାରେ। ଏଣୁ ବର୍ତ୍ତମାନ ନିରାପଦ ଖାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଭାରତରେ ଖାଦ୍ୟ ଅପମିଶ୍ରଣ ହେବାର ମୁଖ୍ୟ କାରଣ ହେଉଛି ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ବ୍ୟବଧାନ। ଅସାଧୁ ବ୍ୟବସାୟୀ ଅଧିକ ଲାଭ ଆଶାରେ ଏବଂ ଖାଦ୍ୟ ସୁରକ୍ଷା ଆଇନ୍‌ର ଦୁର୍ବଳ ରୂପାୟନ ଅଭାବର ଫାଇଦା ନେଇ ବହୁ ଅପମିଶ୍ରଣ ପାଇଁ ଲାଳାୟିତ ହେଉଛନ୍ତି। ଏହାଦ୍ୱାରା ଅଧିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ସହିତ ଆର୍ଥିକ ଚାପ ମଧ୍ୟ ପଡ଼ିଥାଏ। ରାସ୍ତାକଡ଼ରେ ବିକ୍ରି ହେଉଥିବା ଚଟ୍‌ପଟି ଖାଦ୍ୟରେ ବିଭିନ୍ନ ରଙ୍ଗ ଓ ଅପମିଶ୍ରଣ କରାଯାଏ, ଯାହାକି ଆମ ଶରୀର ପାଇଁ ବିପଦପୂର୍ଣ୍ଣ।

ଖାଦ୍ୟ ବାହିତ ବ୍ୟାଧି ତିନୋଟି ଉପାୟରେ ଘଟିଥାଏ। ପ୍ରଥମଟି ହେଉଛି ଜୈବିକ ସଂଦୂଷଣ। ଖାଦ୍ୟରେ କେତେକ ବ୍ୟାକ୍ଟେରିଆ, କବକ ଇତ୍ୟାଦି ହାନିକାରକ ତତ୍ତ୍ୱ ମିଶିବା ଫଳରେ ଖାଦ୍ୟ ସଙ୍କଟ ସୃଷ୍ଟି ହୁଏ। ଦ୍ୱିତୀୟଟି ହେଉଛି ରାସାୟନିକ ସଂଦୂଷଣ। କୀଟନାଶକ, ଭାରିଧାତୁ, ମାଇକ୍ରୋଟକ୍ସିନ ଇତ୍ୟାଦି ଖାଦ୍ୟରେ ରହିଲେ ଏହା ବିପଦପୂର୍ଣ୍ଣ ହୋଇଥାଏ। ତୃତୀୟଟି ହେଉଛି ଭୌତିକ ସଂଦୂଷଣ। କେତେକ ବାହ୍ୟ ପଦାର୍ଥ ଖାଦ୍ୟ ସହ ମିଶିଲେ ସେଗୁଡ଼ିକ ଖାଦ୍ୟ ଉପଯୋଗୀ ହୋଇ ନଥାଏ। କେତେକ କ୍ଷତିକାରକ ବ୍ୟାକ୍ଟେରିଆ ଅପମିଶ୍ରଣ ଯୋଗୁଁ ଜ୍ୱର, ମୁଣ୍ଡବ୍ୟଥା, ବାନ୍ତି ଓ ତରଳ ଝାଡ଼ା ରୋଗ ହୋଇଥାଏ। ଖାଦ୍ୟରେ ଭୂତାଣୁ ସଂକ୍ରମଣ ହେଲେ ଆମାଶୟ ରୋଗ ହୋଇଥାଏ। ରାସାୟନିକ ଦ୍ରବ୍ୟ ସଂକ୍ରମଣ ଯୋଗୁଁ ଶରୀରରେ ଦୀର୍ଘ ସମୟ ଧରି ଅସୁସ୍ଥତା ଲାଗି ରହେ ଏବଂ କର୍କଟ ପରି ରୋଗ ମଧ୍ୟ ହୋଇପାରେ।

ପ୍ରାୟ ସବୁପ୍ରକାରର ଖାଦ୍ୟ ଅପମିଶ୍ରିତ ହୋଇପାରେ। ବର୍ତ୍ତମାନ ସବୁଠାରୁ ବେଶୀ ଅପମିଶ୍ରିତ ହେଉଛି କ୍ଷୀର। ଏଥିରେ ପାଣି, ଡିଟରଜେଣ୍ଟ ଗୁଣ୍ଡ, ଉଉରିଆ, ଷ୍ଟାର୍ଚ ଇତ୍ୟାଦି ମିଶାଯାଉଥିବାରୁ ଏହା ବୃକକ୍ ପାଇଁ କ୍ଷତିକାରକ ଏବଂ ଅଗ୍ନାଶୟ ରୋଗ ସୃଷ୍ଟି କରେ। ଲଙ୍କା ଓ ହଳଦୀ ପରି ମସଲା ଗୁଣ୍ଡରେ ଚାଉଳ ଗୁଣ୍ଡ, ଇଟା ଗୁଣ୍ଡ, ସୀସା, କ୍ରୋମେଟ ଓ ଇଥିଲିନ ଅକ୍ସାଇଡ ମିଶା ଯାଉଥିବାରୁ ଏହା ବହୁତ ଦୁରାରୋଗ୍ୟ ସୃଷ୍ଟି କରେ। ଖାଇବା ତେଲରେ ଆର୍ଜେମୋନ କିମ୍ବା ମିନେରାଲ ତୈଳ ମିଶ୍ରିତ ହେଉଥିବାରୁ ଏହା ଶରୀର ପ୍ରତି ବିଶେଷ କ୍ଷତିକାରକ। ଚାଉଳ ଓ ଡାଲିରେ ଗୋଡ଼ି, ମାଟି ମିଶାଇବା ସହିତ କୃତ୍ରିମ ଭାବରେ ଚିକ୍କଣ କରାଯାଏ। ମିଠା ପ୍ରସ୍ତୁତ ପାଇଁ ବ୍ୟବହୃତ ଛେନାରେ କାଗଜ ଇତ୍ୟାଦି ମିଶାଯାଏ। ଜିରାରେ ମାଟି, ଚାହା ଗୁଣ୍ଡରେ ଅନ୍ୟାନ୍ୟ ଗୁଣ୍ଡ ସହଜରେ ମିଶାଯାଉଥିବା ଯୋଗୁଁ ବହୁ ସମସ୍ୟା ଦେଖାଯାଉଛି। ଫଳ ଓ ପନିପରିବା ସତେଜ ରଖିବାକୁ ରାସାୟନିକ ପଦାର୍ଥରେ ଉପଚାର କରାଯାଉଛି। ଆମ୍ବ ଓ କଦଳୀ ପଚାଇବା ପାଇଁ ନିଷିଦ୍ଧ କ୍ୟାଲସିୟମ୍ କାର୍ବାଇଡ ମଧ୍ୟ ବ୍ୟବହାର କରାଯାଉଛି। ପୋଟଳ, କଲରା ଓ କାକୁଡ଼ି ସତେଜ ରଖିବାକୁ କପର ସଲଫେଟ୍ ଦ୍ରବଣ ବ୍ୟବହାର କରାଯାଉଛି। ଏପରି ଅପମିଶ୍ରିତ ଖାଦ୍ୟ ଖାଇଲେ ବାନ୍ତି, ଝାଡ଼ା ଓ ବିଷକ୍ରିୟା ଶରୀରରେ ଦେଖାଯାଏ। କ୍ରମାଗତ ଏପରି ଅପମିଶ୍ରିତ ଖାଦ୍ୟ ଖାଇଲେ ଯକୃତ ଓ ବୃକକ କ୍ଷତିଗ୍ରସ୍ତ ହୋଇଥାଏ। କର୍କଟ, ହୃଦରୋଗ, ସ୍ନାୟୁ ରୋଗ ଆଦି ସୃଷ୍ଟି ହୁଏ। ବଜାରରେ ମିଳୁଥିବା ମିଠା ଓ ଝିଲାପି ଇତ୍ୟାଦିରେ ବିପଦପୂର୍ଣ୍ଣ ରଙ୍ଗ ବ୍ୟବହାର କରାଯାଏ, ଯାହାକି ଆମ ସ୍ୱାସ୍ଥ୍ୟ ପ୍ରତି ବିପଦପୂର୍ଣ୍ଣ।

ଭାରତରେ ଖାଦ୍ୟ ଅପମିଶ୍ରଣ ନିୟନ୍ତ୍ରଣ କରିବା ପାଇଁ ଖାଦ୍ୟ ସୁରକ୍ଷା ଓ ମାନକ ଆଇନ୍ (ଏଫ୍.ଏସ୍.ଏସ୍.ଏ) ୨୦୦୬ କାର୍ଯ୍ୟକାରୀ ହେଉଛି। ଆଗରୁ ପ୍ରଚଳିତ ଖାଦ୍ୟ ଅପମିଶ୍ରଣ ନିରାକରଣ ଆଇନ୍ ୧୯୫୪ ସହିତ ଏହା କାର୍ଯ୍ୟ କରୁଛି। ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ ( ଏଫ୍.ଏସ୍.ଏସ୍.ଏ.ଆଇ) ନାମକ ସରକାରୀ ସଂସ୍ଥା ଦ୍ୱାରା ଏହା କାର୍ଯ୍ୟକାରୀ ହେଉଛି। ଏହାସତ୍ତ୍ୱେ ଏତେବଡ଼ ଦେଶରେ ଏହାକୁ କାର୍ଯ୍ୟକାରୀ କରିବା ନିଶ୍ଚିତ କଷ୍ଟକର। ଏଣୁ ନାଗରିକମାନେ କେତେକ ସାଧାରଣ ନିୟମ ପାଳନ କରିବା ଆବଶ୍ୟକ। ପ୍ରଥମରେ ବିଶ୍ୱସନୀୟ ସଂସ୍ଥାଠାରୁ ଖାଦ୍ୟ କିଣିବା ଆବଶ୍ୟକ। ଫାସାଇ ପ୍ରମାଣିତ ଲେବୁଲ ଦେଖି ଖାଦ୍ୟ ପଦାର୍ଥ କିଣିବା ସହିତ କେତେକ ଛୋଟ ଛୋଟ ପରୀକ୍ଷା ମଧ୍ୟ କରାଯାଇପାରେ। ଫାସାଇ ଅନୁମୋଦିତ କେତେକ ପରୀକ୍ଷା ଘରେ କରାଯାଇ ପାରିବ। ଉଦାହରଣ ସ୍ୱରୂପ ମହୁ ପାଣିରେ ପକାଇଲେ ଏହା ଯଦି ମିଳାଇ ଯାଏ ତେବେ ମହୁ ଅପମିଶ୍ରିତ ବୋଲି ଜଣାପଡ଼େ। ସତେଜ ଦେଖା ଯାଉଥିବା ପନିପରିବା ଓ ଫଳ ପାଣିରେ ବୁଡ଼ାଇଲେ ରଙ୍ଗ ବାହାରିଲେ ଏହା ରଙ୍ଗ ମିଶ୍ରିତ ବୋଲି ଜଣାପଡ଼େ।

ଖାଦ୍ୟ ବାହିତ ରୋଗ ନିରାକରଣ ପାଇଁ ନିୟମିତ ଆମକୁ ସଜାଗ ରହିବାକୁ ହେବ। ପ୍ରଥମରେ ପରିଷ୍କାର ଓ ପରିଚ୍ଛନ୍ନ ପ୍ରତି ବେଶି ଗୁରୁତ୍ୱ ଦେବାକୁ ହେବ। ରୋଷେଇବାସନଗୁଡ଼ିକ ସର୍ବଦା ସଫା ରଖିବା ଆବଶ୍ୟକ। ଫଳ ଓ ପନିପରିବା ବ୍ୟବହାର କରିବା ପୂର୍ବରୁ ଭଲଭାବେ ପାଣିରେ ଧୋଇବା ଜରୁରୀ। ସର୍ବଦା ରୋଷେଇ କରିବା ପୂର୍ବରୁ ଓ ଖାଇବା ପୂର୍ବରୁ ହାତକୁ ସାବୁନ୍ ପାଣିରେ ଧୋଇ ପରିଷ୍କାର କରିବା ବିଧେୟ। ଦ୍ୱିତୀୟରେ ତଟକା ଓ ରନ୍ଧା ଖାଦ୍ୟକୁ ଅଲଗା ରଖିବା ଆବଶ୍ୟକ। କାରଣ ଏହି ଦୁଇପ୍ରକାର ଖାଦ୍ୟ ଏକାଠି ମିଶିଲେ ପରସ୍ପର ସଂକ୍ରମଣ ହୁଏ। ତୃତୀୟରେ ଖାଦ୍ୟକୁ ରୋଷେଇ କଲା ବେଳେ ନିୟନ୍ତ୍ରିତ ତାପମାତ୍ରାରେ ରୋଷେଇ କରିବା ଆବଶ୍ୟକ। ବଳକା ଖାଦ୍ୟ ପୁନରାୟ ଖାଇବା ପୂର୍ବରୁ ଗରମ କରିବା ନିହାତି ଜରୁରୀ। କାରଣ ଏହାଦ୍ୱାରା ଅପକାରୀ ଅଣୁଜୀବ ନଷ୍ଟ ହୋଇଯାଆନ୍ତି। ଚତୁର୍ଥରେ ପଚନଶୀଳ ଫଳ ଓ ପନିପରିବା ଦୁଇଘଣ୍ଟା ମଧ୍ୟରେ ଫ୍ରିଜ୍ ମଧ୍ୟରେ ସାଇତି ରଖିବା ଆବଶ୍ୟକ। ଏହାଦ୍ୱାରା ଏଥିରେ ଅଣୁଜୀବ ରହିବେ ନାହିଁ ଏବଂ ଖାଦ୍ୟ ଗୁଣ ସୁରକ୍ଷିତ ରହିବ। ଖାଦ୍ୟ ପଦାର୍ଥ ବାହାରୁ କିଣିବା ବେଳେ ଏଗୁଡ଼ିକ କେତେଦୂର ସୁରକ୍ଷିତ, ତାହାକୁ ପରୀକ୍ଷା କରି କିଣନ୍ତୁ।

ଖାଦ୍ୟ ପଦାର୍ଥ ବ୍ୟବହାର କରିବା ପୂର୍ବରୁ ଭଲ ଭାବରେ ହାତକୁ ପରିଷ୍କାର କରିବା ଉଚିତ। ଅନ୍ତତଃ ପକ୍ଷେ ୨୦ ସେକେଣ୍ଡ ଦୁଇହାତକୁ ସାବୁନ୍ ପାଣିରେ ପରିଷ୍କାର କରାଯିବା କଥା। ପଚନଶୀଳ ଫଳ ଓ ପନିପରିବା ଫ୍ରିଜ୍ ମଧ୍ୟରେ ରଖିବାକୁ ହେଲେ ତାପମାତ୍ରା ୪ ଡିଗ୍ରୀରୁ ବିୟୁକ୍ତ ୧୮ ଡିଗ୍ରୀ ସେଲସିୟସ ମଧ୍ୟରେ ରଖିବା ଆବଶ୍ୟକ। ରନ୍ଧା ଖାଦ୍ୟ ସହିତ ମାଛ, ମାଂସ ଏକାଠି ରଖିଲେ ପରସ୍ପର ସଂକ୍ରମଣ ହେବାର ଆଶଙ୍କା ଥିବାରୁ ଏଗୁଡ଼ିକ ଅଲଗା ଭାବରେ ସାଇତି ରଖିବା ଭଲ। ରୋଷେଇ କଲାବେଳେ ମାଛ, ମାଂସରୁ କ୍ଷତିକାରକ ବ୍ୟାକ୍ଟେରିଆ ବିନାଶ କରିବା ପାଇଁ ମାଂସ ପାଇଁ ୭୧ ଡିଗ୍ରୀ, କୁକୁଡ଼ା ପାଇଁ ୭୪ ଡିଗ୍ରୀ ଓ ମାଛ ପାଇଁ ୬୩ ଡିଗ୍ରୀ ସେଲସିୟସ ତାପମାନରେ ରୋଷେଇ କରିବା ଉଚିତ। ବଜାରରୁ ଆଣିଥିବା ଫଳ ଓ ପନିପରିବା ଖାଇବା ସୋଡ଼ା ବା କ୍ଲୋରିନ୍ ପାଣିରେ ଧୋଇବା ପରେ ପରିଷ୍କାର ପାଣିରେ ଧୋଇ ବ୍ୟବହାର କରିବା ଆବଶ୍ୟକ। ବନ୍ଧାକୋବି କାଟିବା ପୂର୍ବରୁ ଉପର ପତ୍ର ବାହାର କରିଦେବା ଭଲ। ସେଓ ଉପରେ ମହମ ଆବରଣ ଦିଆଯାଉ ଥିବାରୁ ଏହାକୁ ଗରମ ପାଣିରେ ଧୋଇବା ପରେ ଚୋପା ବାହାର କରି ଖାଇବା ଉଚିତ। ବଜାରରୁ ଅଦିନିଆ ଫଳ କିଣିବାଠାରୁ ବିରତ ରହିବା ଆବଶ୍ୟକ। ଏହିସବୁ ନିୟମ ପାଳନ କଲେ ଆମେ ଖାଦ୍ୟ ବାହିତ ବ୍ୟାଧିରୁ ମୁକ୍ତି ପାଇପାରିବା। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ନୀତି ବିହୀନ ରାଜନୀତି

ଭଗବାନ ଦାଶ

ଆମ ଦେଶରେ ଗଣତନ୍ତ୍ରର ଶାସନ। ଲୋକପ୍ରତିନିଧି ହିଁ ଶାସନ କର୍ତ୍ତା। ଏଠି ସରକାର ଲୋକଙ୍କ ଦ୍ୱାରା ବଛାଯାଏ। ପ୍ରତ୍ୟେକ ଲୋକର ସମାନ ଭୋଟ ଅଧିକାର। କିନ୍ତୁ ପାର୍ଥକ୍ୟ ଏତିକି ଥରେ ବାଛିଲେ ଆଉ ପାଞ୍ଚବର୍ଷ ପର୍ଯ୍ୟନ୍ତ ବଦଳାଇ ପରିବାର ବ୍ୟବସ୍ଥା ନାହିଁ। ତେଣୁ ଥରେ ଭୋଟ ହାତେଇ ପାରିଲେ ଦଳମାନେ ପାଞ୍ଚବର୍ଷ ଯାଏଁ ସ୍ଥିତିକୁ ସୁଦୃଢ଼ କରିଥା'ନ୍ତି। ମୋହର ବାଡ଼େଇବା ବେଳେ ହେଉ କିମ୍ବା ମେସିନରେ ଟିପ ଦବାଇବା ବେଳେ ସତରେ ଲୋକ ସ୍ୱାଧୀନ। ତା' ହାତକୁ କେହି ଟାଣି ଧରନ୍ତିନି। କିନ୍ତୁ ଭୋଟ କେନ୍ଦ୍ରକୁ ଗଲା ବେଳେ ସେ ପ୍ରଭାବିତ ନୁହେଁ ତ? ଯଦି ହଁ, ତେବେ ସ୍ୱାଧୀନ ଭୋଟର କିପରି କହିବା?

ଭୋଟ ଦେଲା ପୂର୍ବରୁ ବିଭିନ୍ନ ଦଳ ବିଭିନ୍ନ ପ୍ରକାର ପ୍ରଭାବ ନିଜ ଆଡ଼କୁ ଆକର୍ଷିତ କରିବାକୁ ଭୋଟରଙ୍କ ଉପରେ ପକାନ୍ତି। ଭୋଟ ନ ଦେବାକୁ ଚାହୁଁଥିଲେ ବି ସେ ଦିନର ପାରିଶ୍ରମିକ ଆକାରରେ କିଛି ଦେବାର ବ୍ୟବସ୍ଥା ଦେଖିବାକୁ ମିଳେ। ଯାତାୟାତର ବ୍ୟବସ୍ଥା ମଧ୍ୟ ଦେଖି ଚାହିଁ କରା ଯାଇଥାଏ। ଆଉ ଶାସକ ଦଳ କଥାଟା ଟିକିଏ ନିଆରା। ଅନ୍ୟ ଦଳର ସମତୁଲ ପ୍ରଭାବ ବ୍ୟତୀତ ସରକାରୀ ପ୍ରଲୋଭନ ଦେଖାଇ ବୁଝାଇ ଶୁଝାଇ ଏପରିକି ପରିସ୍ଥିତି ଦେଖି ଡରାଇ ଥରାଇ ଆପଣାର କରିବାର ସମସ୍ତ କୌଶଳ ଆପଣେଇ ନିଅନ୍ତି। ଏ ସବୁ ଉତ୍ତର, ଦକ୍ଷିଣ, ପୂର୍ବ, ପଶ୍ଚିମ ଭିତରେ ଭୋଟରଟି ପେଷି ହୋଇଯାଇ ଭୋଟ ଦେବାକୁ ଯାଏ। ମାନସିକ ଅସ୍ଥିରତାରେ ସେ ବିଚାର କରିପାରେନି। ସବୁ ଦିଗକୁ ଦେଖେ। ନିଜର ସ୍ଥିତିକୁ ବିପଦ ମାଡ଼ି ନ ଆସୁ, ଏହା ଥାଏ ତା'ର ପ୍ରଥମ ପସନ୍ଦ। ପରେ ଦେଶର ପ୍ରଗତିର କଥା। ଏହାରି ଭିତରେ ସେ ଭୋଟ ଦିଏ।

ଭୋଟଦାନ ପରେ ଫଳାଫଳ ବାହାରେ। ଜିତିଥିବା ପ୍ରାର୍ଥୀ ତାଙ୍କ ଶୋଭାଯାତ୍ରା କରି ସମସ୍ତଙ୍କୁ ଧନ୍ୟବାଦ ଜଣାନ୍ତି। ସେତିକି ପରେ ଆଉ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପ୍ରାର୍ଥୀ ଦେଖାଦେଲେ ଭଲ ନ ଦେଲେ ବି ବିଶେଷ ଅସୁବିଧା ନ ଥାଏ। ଯାହା ଦୁଆରେ ଭୋଟ ବେଳେ ଦିନକୁ ତିନିଥର ଦେଖା ଦେଉଥିଲେ, ସେମାନେ ତାଙ୍କ ଦୁଆରକୁ ତିରିଶ ଥର ଗଲେ ବି ଥରେ ଦେଖା ମିଳିବା ସାତସପନ ହେଇଯାଏ। ବଡ଼ ବିଚିତ୍ର କଥା। ଏଠି ପ୍ରାୟ ସବୁ ନେତାଙ୍କ ଭାଷଣରେ ସେମାନେ ଆସିଲେ ରାମରାଜ୍ୟ ହେବାଟା ସାର। କିନ୍ତୁ ରାମରାଜ୍ୟ କ'ଣ ତାଙ୍କର ଜାଣିବା କ'ଣ ଦରକାର? ରାମରାଜ୍ୟରେ ରାଜ୍ୟ, ରାଜ୍ୟବାସୀ ରାମଙ୍କ ପାଇଁ ପରିବର୍ତ୍ତନୀୟ ନ ଥିଲେ। ତେଣୁ ବଞ୍ଚିଥିବା ଯାଏଁ ସେମାନଙ୍କ ପାଇଁ କିଛି ହିଁ କରିବାକୁ ପଡ଼ିବ। ଏହି ଚିନ୍ତା ସଦାସର୍ବଦା ମନରେ ଥାଏ। କିନ୍ତୁ ଅବଧି ମାତ୍ର ପାଞ୍ଚ ବର୍ଷ। ପରେ ଶାସନ ଆସିବ କି ନାହିଁ। ବହୁ ଅର୍ଥ ବ୍ୟୟରେ ପଦଟି ମିଳିଛି। ତେଣୁ ତା'ର ସଦୁପଯୋଗ କରାଯିବ ନାହିଁ କାହିଁକି?

ଆଗେ ନିଜର ଯାହା ସମ୍ଭବ ଉନ୍ନତି କରିବାରେ ପ୍ରୟାସୀ ହେବାକୁ ପଡ଼ିବ। ଏହା ରହେ ପ୍ରମୁଖ ଚିନ୍ତାଧାରା। ସେ ଦଳ ହେଉ ବା ବ୍ୟକ୍ତି ବିଶେଷ; ବ୍ୟବସ୍ଥା ବା କାର୍ଯ୍ୟଶୈଳୀ - ସେହି ଢାଞ୍ଚାରେ ବଢ଼େ। ଶାସନରେ ସୁଶାସନ, ପକ୍ଷପାତବିହୀନ ବିଚାର, ଆବଶ୍ୟକଭିତ୍ତିକ କାର୍ଯ୍ୟାବଳୀ ପ୍ରାୟ ଦେଖାଯାଏ ନାହିଁ। ଶାସନ ଯେଉଁ ଦଳର, ସେହି ଦଳର ପ୍ରଭାବ ଅଧିକାଂଶ ସ୍ଥାନରେ, ବିଶେଷକରି ସେମାନେ ଆସିଥିବା ସ୍ଥାନମାନଙ୍କରେ ପରିଲକ୍ଷିତ ହୁଏ। ଭୁଲିଯାନ୍ତି ସେ ସମସ୍ତଙ୍କର ନିର୍ବାଚିତ ପ୍ରତିନିଧି। ଫଳରେ କଲ୍ୟାଣମୂଳକ କାର୍ଯ୍ୟଗୁଡ଼ିକ ଗୋଷ୍ଠୀକୈନ୍ଦ୍ରିକ ବା ଦଳଭିତ୍ତିକ ସଦୃଶ ଅନୁଭୂତ ହୁଏ। ଶିକ୍ଷା, ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରଗତି ମଧ୍ୟ ପ୍ରଭାବିତ ହୁଏ। ସମୟେସମୟେ ପୂର୍ବ ଶାସନ କାର୍ଯ୍ୟକୁ ସମୀକ୍ଷା କରାଯାଇ ସୁଧୁରାଯିବା ପରିବର୍ତ୍ତେ ତାହା ଭଲ ଥିଲେ ମଧ୍ୟ ବଦଳାଇ ଦିଆଯାଏ। ଯୋଜନାର ନାମ ପରିବର୍ତ୍ତନ କରାଯାଏ। ଆଉ ସାମାନ୍ୟ ବ୍ୟତିକ୍ରମ ବି ଦେଖାଯାଏ।

ସରକାରକୁ ଯିଏ ବି ଆସୁ ଯଦି ବିକାଶର ସ୍ୱପ୍ନ ଦେଖାନ୍ତା ଏବଂ କିଛିଟା ଆଖିଦୃଶିଆ ଭାବେ କାର୍ଯ୍ୟକାରୀ କରନ୍ତା, ତେବେ ସେ ଦଳମତ ନିର୍ବିଶେଷରେ ସମସ୍ତଙ୍କର ଆଦରର ପାତ୍ର ସାଜନ୍ତା। କିନ୍ତୁ ଆମ ଦେଶର ଶାସକଙ୍କର କାର୍ଯ୍ୟ ପ୍ରଣାଳୀ ଭିନ୍ନ। ଆଗେଇବା ଅପେକ୍ଷା ପଛେଇବାର ମୁଖ୍ୟ କାରଣ ପୂର୍ବ ଶାସନର ଅବହେଳା କହି ନିଜର ସମୟଟା ସଜାଡ଼ିବାରେ ଚାଲି ଯାଉଛି ବୋଲି ଦର୍ଶାନ୍ତି। ଜିତିଥିବା ପ୍ରାର୍ଥୀଟି ସମଗ୍ର ଅଞ୍ଚଳର। ସମସ୍ତଙ୍କୁ ସେବା ଦେବା ତା'ର କାମ୍ୟ। ତଥାପି ସେ କେତେକଙ୍କର - ଏଇ ଭାବନା ବଳବତ୍ତର ରହେ। ଦଳୀୟ ମନୋଭାବ ଭିତରେ ଗଣତନ୍ତ୍ର ଲୁଚିଯାଏ। ଅନ୍ୟମାନେ ଅବହେଳିତ ହୁଅନ୍ତି। ଦେଶର ସମୂହ ବିକାଶ ସ୍ୱପ୍ନ ହୋଇ ରହିଯାଏ। ଗୋଦର ଗୋଡ଼ଟି ଯେତେ ମୋଟା ହେଲେ ବି ଏହା ସୁନ୍ଦର ସ୍ୱାସ୍ଥ୍ୟର ପରିଚାୟକ କି? ସେହି ଦଶା ପଡ଼େ। ନେତା ସମସ୍ତଙ୍କୁ ନିଜର ଆପଣାର କରିପାରନ୍ତିନି। ବରଂ ମନରେ ବିଦ୍ରୋହ ଭାବର ମଞ୍ଜି ବୁଣି ହେଇଯାଏ। ନିଜ ନିଜ ଭିତରେ ଅସନ୍ତୋଷର ବହ୍ନି ଜଳେ। ଆଉ ଆମ ଦେଶରେ ସରକାରଙ୍କ ଶାସନରେ ପୁଲିସ ନିରପେକ୍ଷ ରହିପାରେନା। ସରକାରୀ ଦଳର ପ୍ରଭାବରେ ବିଶେଷ ପ୍ରଭାବିତ ହୁଏ। ଭାଇଚାରା ପରିବର୍ତ୍ତେ କନ୍ଦଳର ପରିସର ବଢ଼େ। ସ୍ୱାର୍ଥାନ୍ୱେଷୀ କୁଜିନେତା ମାନେ ଏ ସବୁରୁ ଫାଇଦା ଉଠାନ୍ତି। ସରକାରୀ ଅନୁଦାନ ବିତରଣରେ ପାତରଅନ୍ତର କରନ୍ତି। ଅସାଧୁ କର୍ମଚାରୀମାନେ ଲାଞ୍ଚ ନେଇ ହାତ ଚିକ୍କଣ କରନ୍ତି। ଅନ୍ୟାୟ ବଢ଼ିଚାଲେ।

ଖୁବ କମ ନେତା ଥା'ନ୍ତି, ଯେଉଁମାନେ ଦୂର ଦୃଷ୍ଟିସମ୍ପନ୍ନ। ସେମାନେ ମଧ୍ୟ ଉପରିସ୍ଥ ଦଳୀୟ ନେତାଙ୍କ ପ୍ରଭାବରେ ନିଜସ୍ୱ ହରାନ୍ତି। ନିଜ ରକ୍ଷଣ ପାଇଁ ବଦଳି ଯା'ନ୍ତି। ତଳୁ ହେଉ ବା ଉପରୁ ସବୁଦିଗରୁ ଚାପ ପଡ଼ି ନେତାଙ୍କ ଗତିପଥ ବଦଳି ଯାଏ। ପରିଶେଷରେ ଲୋକମାନେ ସରକାରୀ ସୁବିଧା ସୁଯୋଗରୁ ଆପେ ଆପେ ଅନ୍ୟ ଦଳୀୟ ହୋଇଥିଲେ ପ୍ରତାରିତ ହୁଅନ୍ତି। ତେଲିଆ ମୁଣ୍ଡରେ ତେଲପରି ଅବସ୍ଥା ହୁଏ। ନିରପେକ୍ଷ ଶାସନ, ସୁଶାସନ ସ୍ୱପ୍ନ ହୁଏ। ଅପେକ୍ଷା ରହେ ଆଗାମୀ ନିର୍ବାଚନକୁ। କିନ୍ତୁ କ'ଣ ହେବ। ଅଭାବୀ ଲୋକର ସ୍ୱାଧୀନତା କେତେ ଯେ, ସେ ସ୍ୱାଧୀନଭାବରେ ଭୋଟ ଦେବ। ସାମୟିକ କିଣା ହୋଇ ପୁଣି 'ଯଥା ପୂର୍ବଂ ତଥା ପରଂ' ପରି ନୂଆ ସରକାର ଗଢ଼ି ଚାଲେ। ସମସ୍ତେ ଭାବନ୍ତି ନୂଆ ସରକାରରେ ନୂଆ ସୂର୍ଯ୍ୟାଲୋକର ସ୍ପର୍ଶ ମିଳିବ। କିନ୍ତୁ ମିଳେ ତଦ୍ରୂପରି ଅସ୍ୱାଭାବିକତା। ଅପେକ୍ଷା ପରେ ଅପେକ୍ଷା।

ଟିକେ ନିରେଖି ଦେଖିଲେ ଜଣାପଡ଼ିବ ସରକାରୀସ୍ତରରେ ଥିବା ସଂରକ୍ଷଣ ବ୍ୟବସ୍ଥା। ଥିଲା କେତେ ବର୍ଷ ପାଇଁ, କିନ୍ତୁ ବଢ଼ି ଚାଲିଛି। ସଂରକ୍ଷଣ ଲୋକଙ୍କ ପାଇଁ ଯେତିକି ଆବଶ୍ୟକ ନୁହେଁ, ତା' ଠାରୁ ଅଧିକ ଶାସନକୁ ହାତେଇବା ପାଇଁ ଦଳୀୟ ଲୋକ ବା ନେତାଙ୍କର ନିହାତି ଦରକାର। ରାଜନୀତି ରାଜ୍ୟକୁ ସୁଚାରୁ ରୂପେ ଚଳାଇବା ପାଇଁ ଉଦ୍ଦିଷ୍ଟ ହେଲେ ସୁଶାସନ ଅପହଞ୍ଚ ରହନ୍ତାନି। କିନ୍ତୁ ନୀତି ଗର୍ହିତ ହୋଇ କଳୁଷିତ ହେଲେ ଏହାର କ'ଣ କିଛି ଅନ୍ତ ଥାଏ? ●

ପୁରୀ, ମୋ: ୮୨୪୯୦୮୨୪୦୦

# ମହାପ୍ରଭୁଙ୍କ ସୁନାବାଲା ବନ୍ଧକ ପ୍ରସଙ୍ଗ

ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଦିନେ ସକାଳେ ଦାନ୍ତଘସା ନୀତି ବଢ଼ିବା ପରେ ମହାପ୍ରଭୁଙ୍କ ମନକୁ ଏକ ଅଦ୍ଭୁତ ଖିଆଲ ଆସିଲା। ସେ ଭାବିଲେ ଯେ ସବୁଦିନ ବିମ୍ବସ୍ନାନ କରିକରି ବିରକ୍ତ ଲାଗିଲାଣି। ଆଜି ଯାଇ ଗଙ୍ଗାସ୍ନାନ କରି ଆସିଲେ ଭଲ ହୁଅନ୍ତା। ତା' ପରେ ଭାଇ, ଭଉଣୀ ଓ ଭାରିଯାଙ୍କୁ କିଛି ନ କହି ବାହାରି ଗଲେ ଗଙ୍ଗା କୂଳରେ ଅବସ୍ଥିତ ବଙ୍ଗପ୍ରଦେଶର ମାହେଶ ଗ୍ରାମକୁ। ଏହି ଗ୍ରାମର ଏକ ଅତି ପ୍ରଚୀନ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ଆରାଧିତ ହେଉଛନ୍ତି ଏବଂ ଚୈତନ୍ୟ ମହାପ୍ରଭୁ ସେ ପୀଠକୁ 'ନବନୀଳାଚଳ' ନାମରେ ନାମିତ କରିଥିଲେ। ସେଠାରେ ପହଞ୍ଚି ମହାପ୍ରଭୁ ବ୍ରାହ୍ମଣ ବେଶ ଧାରଣ କରି ଗଙ୍ଗା ନଦୀରେ ମନ ଭରି ସ୍ନାନ କଲେ। ଗାଧୋଇ ସାରି ପାଣିରୁ ଉଠି ଆସୁ ଆସୁ ତାଙ୍କୁ ପ୍ରବଳ ଭୋକ ଲାଗିଲା। ଖାଉଟିଆ ଠାକୁରଙ୍କୁ ସୁଦୂର ବଙ୍ଗ ପ୍ରଦେଶରେ ଛପନ ଭୋଗ ରାନ୍ଧି ବାଢ଼ି ଦେବ ବା କିଏ? ଭୋକ ବିକଳରେ ଏପଟ ସେପଟ ହେଉ ହେଉ ଗୋଟେ ଛୋଟ ଜଳଖିଆ ଦୋକାନରେ ପହଞ୍ଚିଲେ। ଦୋକାନର ମାଲିକ କାଳୀଶଙ୍କର ଗୋଟେ ପତ୍ର ଠୋଲାରେ କିଛି ସନ୍ଦେଶ ଓ ଲଡୁ ରଖି ବ୍ରାହ୍ମଣଙ୍କୁ ଦେଲେ। ସେ ବାବଦ ପଇସା ମାଗିବାରୁ ମହାପ୍ରଭୁ କହିଲେ, 'ସକାଳୁ ଉଠି ଗଙ୍ଗାସ୍ନାନ ପାଇଁ ଚାଲିଆସିଲି। ତେଣୁ ପଇସା ଆଣିପାରିନାହିଁ। ମୋର ସୁନା ବାଲା ଦୁଇଟି ବନ୍ଧା ରଖି, ମୋତେ ମିଠାତକ ଦିଅ। ମୁଁ କାଲିଆଡ଼କୁ ଆସି ପଇସା ଦେଇ ମୋ ବାଲା ନେଇ ଯିବି।' ଦୋକାନୀ ରାଜି ହେବାରୁ ମହାପ୍ରଭୁ ବାଲା ଦୁଇଟି ବନ୍ଧା ପକେଇ ମିଠା ଖାଇଲେ ଓ ଗଙ୍ଗାଜଳ ପିଇ କ୍ଷେତ୍ରକୁ ଫେରିଗଲେ।

ତା'ପର ଦିନ ସକାଳେ ସେବକମାନେ ବେଶ ମଇଲମ କଲା ବେଳେ ଦେଖିଲେ ଯେ ମହାପ୍ରଭୁଙ୍କର ସୁନାବାଲା ଦୁଇଟି ନାହିଁ। କଥା ଯାଇ ବଡ଼ପଣ୍ଡାଙ୍କ କାନରେ ପଡ଼ିଲା। ବାଲା ଚୋରି କଥା ରାଜା ଜାଣିଲେ ଦଣ୍ଡ କ'ଣ ମିଳିବ ସେ ଜାଣିଥିଲେ। ସେ ମହାପ୍ରଭୁଙ୍କ ପାଖରେ ଗୁହାରିଆ ପଡ଼ିଲେ। ମହାପ୍ରଭୁ ତାଙ୍କୁ ସବୁକଥା କହିଦେଲେ। ବଡ଼ପଣ୍ଡା ଏହା ଶୁଣି ପାଞ୍ଚଜଣ ବଛାବଛା ସେବକଙ୍କୁ ମାହେଶ ପଠାଇଲେ। ସେମାନେ ସେଠାରେ ପହଞ୍ଚି ସେ ଦୋକାନ ଖୋଜୁଖୋଜୁ ଏକ ଅଲୌକିକ କଥା ଦେଖିଲେ - ଗୋଟିଏ ନିମ ଗଛରେ ଚମ୍ପା ଫୁଲ ଫୁଟିଥିଲା। ସେମାନେ ଜାଣିଗଲେ ଯେ ସେହି ଗଛମୂଳରେ ବସି ଠାକୁର ମିଠା ଖାଇଥିଲେ। ତା' ପାଖରେ ଗୋଟେ ମିଠା ଦୋକାନ ଥିଲା। ସମସ୍ତେ ସେ ଦୋକାନକୁ ଯାଇ ପଚାରିଲେ- 'ତମେ କାଲି ମହାପ୍ରଭୁ ଜଗନ୍ନାଥଙ୍କୁ ମିଠା ଖାଇବାକୁ ଦେଇ ତାଙ୍କ ସୁନାବାଲା ବନ୍ଧକ ରଖିଛ କି?'। କାଳୀଶଙ୍କର କହିଲେ, 'ଜଗନ୍ନାଥ କିଏ ମୁଁ ଜାଣେନି। କାଲି ଜଣେ କାଳିଆ ବ୍ରାହ୍ମଣ ତାଙ୍କ ସୁନା ବାଲା ବନ୍ଧା ଦେଇ ମିଠା ଖାଇଲେ। ଆଜି ଆସି ପଇସା ଦେଇ ବାଲା ନେଇ ଯିବା କଥା। କାହିଁ ଏତେବେଳ ଯାଏଁ ଆସି ନାହାନ୍ତି ତ!' ସେବକମାନେ ବାଲା ଦି ପଟ ଚିହ୍ନି କହିଲେ- 'ସେ ଦି ପଟ ଆମ ସାଆନ୍ତ ମହାପ୍ରଭୁ ଜଗନ୍ନାଥଙ୍କର। ଆମେ ଆସିଛୁ ପଇସା ଦେଇ ସେ ଦିଇଟା ମୁକୁଳେଇ ନେବୁ। ଆମେମାନେ ତାଙ୍କ ସେବକ।' କିନ୍ତୁ ବାଲା ଯାହାର ସେ ଆସି ପଇସା ନ ଦେଲେ ବାଲା ବନ୍ଧକମୁକ୍ତ କରିବେ ନାହିଁ ବୋଲି କାଳୀଶଙ୍କର ରୋକଠୋକ୍ ଜଣାଇ ଦେଲେ। ସେଇଠୁ ସେବକମାନେ କହିଲେ, 'ଯଦି ଆମକୁ ବିଶ୍ୱାସ ନ କରୁଛ, ଆମ ସାଙ୍ଗରେ ଆସ। ସେଇଠି ମହାପ୍ରଭୁଙ୍କୁ ତାଙ୍କ ବାଲା ଫେରେଇ ଦେବ।'

କାଳୀଶଙ୍କର ସେମାନଙ୍କ କଥାରେ ରାଜି ହେଲେ। ବାଲା ଫେରେଇବାକୁ ହେବ, ସେହି ବାହାନାରେ ସହଜ ଦର୍ଶନ ମିଳିଯିବ। ସେବକମାନଙ୍କ ସହ ସେ ଯାଇ ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ଗର୍ଭଗୃହରେ ପ୍ରବେଶ କରି ମହାପ୍ରଭୁଙ୍କୁ ପ୍ରାର୍ଥନା କରି କହିଲେ- 'ମହାପ୍ରଭୁ! ଦି ଦିନ ତଳେ ଜଣେ କାଳିଆ ହୃଷ୍ଟପୁଷ୍ଟ ବ୍ରାହ୍ମଣ ତାଙ୍କ ବାଲା ବନ୍ଧା ଦେଇ ମୋ ଦୋକାନରୁ ମିଠା ଖାଇଲେ। ତା' ପର ଦିନ ପଇସା ଦେଇ ବାଲା ନେବେ ବୋଲି କହିଥିଲେ। ହେଲେ ଆପଣଙ୍କ ସେବକମାନେ କହୁଛନ୍ତି ଯେ ଆପଣ ବାଲା ବନ୍ଧା ଦେଇ ମିଠା ଖାଇ ଥିଲେ। ତାଙ୍କୁ ବିଶ୍ୱାସ ନ କରି ମୁଁ ନିଜେ ଆପଣଙ୍କୁ ଫେରେଇବି ବୋଲି ଆସିଛି। ଯଦି ସେ ବାଲା ଆପଣଙ୍କର ତେବେ ନିଜ ହାତରେ ସେ ବାଲା ଦିଟା ଗ୍ରହଣ କରନ୍ତୁ। ଏତିକି ବେଳେ ରତ୍ନସିଂହାସନରୁ ଦୁଇଟି ବଳିଷ୍ଠ ହାତ ଲମ୍ବି ଆସିଲା। କାଳୀଶଙ୍କର ବାଲା ଦୁଇଟି ମହାପ୍ରଭୁଙ୍କ ଶ୍ରୀଭୁଜରେ ଲାଗି କଲେ ଓ ଲମ୍ବ ହୋଇ ପୋଖରୀଆରେ ପଡ଼ିଗଲେ। ●

(ଆଧାର-'ବଙ୍ଗଭୂମିରେ ଶ୍ରୀଜଗନ୍ନାଥ'- କୃଷ୍ଣଚନ୍ଦ୍ର ଭୂୟାଁ)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବିଧାନସଭାରୁ

### ପ୍ରବାସୀ ସମସ୍ୟା ସମାଧାନ ପାଇଁ ଟାସ୍କଫୋର୍ସ କରିଛି ୩ ବୈଠକ

ଭୁବନେଶ୍ୱର, ୨ା୧୨(ସମିସ): ଦୁରବସ୍ଥାରେ ଥିବା ପ୍ରବାସୀ ଶ୍ରମିକଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରାଯାଇଛି । ଇତିମଧ୍ୟରେ ଟାସ୍କଫୋର୍ସର ବିଭିନ୍ନ ବିଭାଗ ସହ ତିନିଗୋଟି ବୈଠକ କରାଯାଇଛି । ଶ୍ରମିକଙ୍କୁ କିପରି ନିଜ ଗାଁରେ ବିକଳ୍ପ ଜୀବିକା ଯୋଗାଇ ଦେଇହେବ, ସେ ଦିଗରେ ପଦକ୍ଷେପ ନିଆଯାଉଛି ବୋଲି ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଏକ ପ୍ରଶ୍ନରେ ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି । ମଙ୍ଗଳବାର ବିଧାନସଭାରେ ଏକ ଲିଖିତ ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଜିଲ୍ଲାସ୍ତରରେ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବା ସର୍ତ୍ତ) ଅଧିନିୟମ, ୧୯୭୯ ଅନୁଯାୟୀ ଠିକାଦାରମାନେ ଅନଲାଇନ୍ ଆବେଦନ ଜରିଆରେ ବାହାର ରାଜ୍ୟରେ ଶ୍ରମିକ ନିୟୋଜନ ନିମନ୍ତେ ଲାଇସେନ୍ସପ୍ରାପ୍ତ ହୋଇଥାନ୍ତି । ଚଳିତବର୍ଷ ଜିଲ୍ଲାସ୍ତରରେ ୧,୧୦୭ ଜଣ ଠିକାଦାରଙ୍କୁ ବାହାର ରାଜ୍ୟରେ ୭୦, ୩୭୦ ଜଣ ପ୍ରବାସୀ ଶ୍ରମିକଙ୍କ ନିଯୁକ୍ତି ନିମନ୍ତେ ଲାଇସେନ୍ସ ପ୍ରଦାନ କରାଯାଇଛି ।

■ ପଶୁ-ମଣିଷ ଲଢ଼େଇ

### ୧୦ବର୍ଷରେ ୧,୩୯୮ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର,୨ା୧୨(ସମିସ): ପଶୁ-ମଣିଷଙ୍କ ଲଢ଼େଇ କାରଣରୁ ଗତ ୧୦ ବର୍ଷରେ ୧,୩୯୮ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଏଥିପାଇଁ ସରକାରଙ୍କ ଦ୍ୱାରା ୬୧୬୪.୬୮ ଲକ୍ଷ ଟଙ୍କାର କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି ବୋଲି ମଙ୍ଗଳବାର ଗୃହରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ତଥ୍ୟ ରଖିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ ସମାନ ଅବଧି ମଧ୍ୟରେ ୫,୬୦୯ ସଂଖ୍ୟକ ବନ୍ୟପ୍ରାଣୀ ମଧ ମୃତ୍ୟୁବରଣ କରିଛନ୍ତି । ମୃତ୍ୟୁ ସଂଖ୍ୟାରେ ରୋକ୍ ଲଗାଇବା ପାଇଁ ବିଭାଗ ପକ୍ଷରୁ ବନ୍ୟପ୍ରାଣୀଙ୍କ ବାସସ୍ଥଳୀର ସୁରକ୍ଷା ଓ ସମୃଦ୍ଧି, ଖାଦ୍ୟ ଉପଯୋଗୀ ବୃକ୍ଷରୋପଣ, ଚାରଣ ଭୂମିର ବିକାଶ, କୃତ୍ରିମ ଜଳାଶୟ ସୃଷ୍ଟି କରାଯାଉଛି । ସେହିପରି ଜଙ୍ଗଲନିଆଁରୁ ରକ୍ଷା, ଶିକାର ନିରୋଧକ ଶିବିର, ପକ୍ଷୀ ସୁରକ୍ଷା ଶିବିର, ଜଙ୍ଗଲରେ ପଇଁତରା, ବୈଷୟିକ ଜ୍ଞାନକୌଶଳର ଉପଯୋଗିତା ଦ୍ୱାରା ବନ୍ୟପ୍ରାଣୀ ଓ ଶିକାରୀଙ୍କ ଗତିବିଧି ନିରୀକ୍ଷଣ, ଆଣ୍ଟି ପୋଚିଂ ସ୍କ୍ୱାଡର ମୁତୟନ, ଜନ ସଚେତନତା ଇତ୍ୟାଦି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ୨ ବର୍ଷରେ ରାଜ୍ୟରେ ୩୭ ଲକ୍ଷ ତାଳ ଚାରାରୋପଣ

ଭୁବନେଶ୍ୱର,୨ା୧୨(ସମିସ): ବଜ୍ରପାତରୁ ଜୀବନରକ୍ଷା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୨ ବର୍ଷରେ ରାଜ୍ୟରେ ମୋଟ ୩୭ ଲକ୍ଷ ତାଳ ଚାରା ରୋପଣ କରାଯାଇଛି । ବିଧାନସଭାରେ ଏନେଇ ତଥ୍ୟ ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ସେ କହିଛନ୍ତି ଯେ ବଜ୍ରପାତ ରୋକିବାରେ ତାଳଗଛ ଅନ୍ୟତମ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ତାଳଚାରା ରୋପଣ ପାଇଁ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ୭.୫୯ କୋଟି ଅର୍ଥରାଶି ମଞ୍ଜୁର ହୋଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ୫.୯୪କୋଟି ଅର୍ଥରାଶି ମଞ୍ଜୁର ହୋଇଛି । ଆଗାମୀ ବର୍ଷ ପାଇଁ ତାଳଗଛ ରୋପଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତାବ ଆଗତ ଓ ମଞ୍ଜୁରପ୍ରାପ୍ତ ହେଲେ ସମଗ୍ର ରାଜ୍ୟରେ ତାଳ ଚାରାରୋପଣ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

### ଶୀଘ୍ର ଭଙ୍ଗା ହେବ କଟକର ସମସ୍ତ ବିପଦସଙ୍କୁଳ କୋଠା

ଭୁବନେଶ୍ୱର, ୨ା୧୨(ସମିସ): କଟକର ସମସ୍ତ ବିପଦସଙ୍କୁଳ କୋଠାଗୁଡ଼ିକୁ ଶୀଘ୍ର ଭଙ୍ଗା ଯିବ । ମଙ୍ଗଳବାର ବିଧାନସଭାରେ ଏନେଇ ସୂଚନା ରଖିଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର । ବିପଦସଙ୍କୁଳ କୋଠା ଚିହ୍ନଟ ପାଇଁ ବିଶେଷଜ୍ଞ କମିଟି ଗଠନ ହୋଇଛି । କଟକ ମହାନଗର ନିଗମର ସବୁ ୱାର୍ଡରେ କମିଟିର ସଦସ୍ୟମାନେ ସର୍ଭେ କରୁଛନ୍ତି । ସର୍ଭେ ପରେ ଚିହ୍ନଟ ବିପଦସଙ୍କୁଳ କୋଠା ମାଲିକଙ୍କୁ ନୋଟିସ୍ ଦିଆଯିବ । ନିୟମାନୁସାରେ ଭାଙ୍ଗିବା ପାଇଁ ପ୍ରଶାସନ ବିହିତ ପଦକ୍ଷେପ ନେବ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

### ୫୦୦୮ ରାଜସ୍ୱ ଓ ପଡ଼ା ଗ୍ରାମକୁ ଏବେ ବି ସବୁଦିନିଆ ରାସ୍ତା ନାହିଁ

ଭୁବନେଶ୍ୱର,୨ା୧୨(ସମିସ): ରାଜ୍ୟର ୫୦୦୮ ରାଜସ୍ୱ ଓ ପଡ଼ା ଗ୍ରାମକୁ ଏବେ ବି ସବୁଦିନିଆ ରାସ୍ତା ନାହିଁ । ଯେତେ କମ ସମୟରେ ସମ୍ଭବ ସମସ୍ତ ରାଜସ୍ୱ ଗ୍ରାମ ଓ ପଡ଼ାଗ୍ରାମଗୁଡ଼ିକରେ ସବୁଦିନିଆ ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ । ବିଧାୟକ ଅରୁଣ କୁମାର ସାହୁଙ୍କ ଏକ ଅଣତାରକା ପ୍ରଶ୍ନରେ ମନ୍ତ୍ରୀ କହିଛନ୍ତି ଯେ ଗ୍ରାମସଭା ଓ ପଞ୍ଚାୟତ ସମିତି ଅଧିକାରୀଙ୍କ ଦ୍ୱାରା ସର୍ବେକ୍ଷଣ କରାଯାଇ ଅସଂଯୋଜିତ ରାଜସ୍ୱ ପଡ଼ା ଗ୍ରାମଗୁଡ଼ିକୁ ଚିହ୍ନଟ କରାଯାଉଛି । ରାଜସ୍ୱ ଗ୍ରାମ ଓ ପଡ଼ା ଗ୍ରାମଗୁଡ଼ିକରେ ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ଯଥା ବିକଶିତ ଗାଁ, ବିକଶିତ ଓଡ଼ିଶା, ଏସ୍ଏଫ୍ସି ମାଧ୍ୟମରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି । ଯେତେ କମ୍ ସମୟରେ ସମ୍ଭବ ସମସ୍ତ ରାଜସ୍ୱ ଗ୍ରାମ ଓ ପଡ଼ା ଗ୍ରାମଗୁଡ଼ିକରେ ସବୁଦିନିଆ ରାସ୍ତା ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ଅପରପକ୍ଷେ ଚଳିତ ଆର୍ଥିକ ବର୍ଷରେ ୨୬୪୩ କି.ମି. ରାସ୍ତା ସରକାର ନିର୍ମାଣ କରିଛନ୍ତି ବୋଲି ମନ୍ତ୍ରୀ ଉତ୍ତର ରଖିଛନ୍ତି ।

### କ୍ଷତିରେ ଚାଲୁଛି ୪୧ ଇକୋ ଟୁରିଜିମ ପ୍ରକଳ୍ପ

ଭୁବନେଶ୍ୱର, ୨ା୧୨(ସମିସ): ରାଜ୍ୟର ୫୧ଟି ବନଖଣ୍ଡ ଅଧୀନରେ ୫୧ଟି ଇକୋ ଟୁରିଜିମ ପ୍ରକଳ୍ପ ସ୍ଥାପନ କରାଯାଇଛି । ତନ୍ମଧ୍ୟରୁ ୧୦ଟି ଲାଭରେ ଚାଲୁଥିବା ବେଳେ ବାକି ସବୁ କ୍ଷତିରେ ଚାଲୁଛି । ମଙ୍ଗଳବାର ପ୍ରଶ୍ନକାଳରେ ଉପରୋକ୍ତ ତଥ୍ୟ ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ । ରାଜ୍ୟରେ ବିଭିନ୍ନ ସ୍ଥାନରେ ଇକୋ-ଟୁରିଜିମ୍ ପ୍ରକଳ୍ପ ସ୍ଥାପନ ପାଇଁ ମଙ୍ଗଳବାର ପ୍ରଶ୍ନକାଳରେ ଏକାଧିକ ବିଧାୟକ ଦାବି ଉଠାଇଥିଲେ । ଏନେଇ ଉତ୍ତର ରଖିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ । ବିଧାୟକମାନେମାନେ ବିଭାଗକୁ ଏନେଇ ଲିଖିତ ଭାବେ ଦିଅନ୍ତୁ । ବିଭାଗର ବୈଷୟିକ ଟିମ୍ ପ୍ରସ୍ତାବଗୁଡ଼ିକର ଫିଜିବିଲିଟି ସର୍ଭେ କରିବ । ପ୍ରକଳ୍ପ ପାଇଁ ସ୍ଥାନ ଉପଯୁକ୍ତ ହୋଇଥିଲେ ସରକାର ଏନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଥିଲେ । ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ ଯେ ରାଜ୍ୟ ସରକାର ପର୍ଯ୍ୟଟନର ବିକାଶକୁ ଗୁରୁତ୍ୱ ଦେଉଛନ୍ତି । ଗତବର୍ଷ ଏଥିନିମନ୍ତେ ୮୦ କୋଟି ଖର୍ଚ୍ଚ ହୋଇଥିବା ବେଳେ ଚଳିତ ଅତିରିକ୍ତ ବଜେଟରେ ମଧ ୮୦ କୋଟି ରଖାଯାଇଛି । ମୂଳ ପ୍ରଶ୍ନକର୍ତ୍ତା ଉପାସନା ମାହାପାତ୍ର ପ୍ରବାସୀ ପକ୍ଷୀଙ୍କ ସୁରକ୍ଷା ପାଇଁ ନଳବଣ ଓ ସାତପଡ଼ାରେ ଉନ୍ନତ ଜ୍ଞାନକୌଶଳ ସମ୍ପନ୍ନ ୱାଚ୍ ଟାୱାର୍ ନିର୍ମାଣ କରିବାକୁ ଦାବି କରିଥିଲେ । ବିଧାୟକ ଗୌତମବୁଦ୍ଧ ଦାସ ଉଦୟପୁର ଓ ତାଳସାରୀରେ ନାଲି କଙ୍କଡ଼ାଙ୍କ ସଂଖ୍ୟା କମୁଥିବା ବେଳେ ଏହାର ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ ।

### ନଷ୍ଟ ହେଉଛି ଭିତରକନିକା ଜୈବ ବିବିଧତା

ଭୁବନେଶ୍ୱର,୨ା୧୨(ସମିସ): କେନ୍ଦ୍ରାପଡ଼ା ବୈତରଣୀ ନଦୀପଠାର ନଳିତାପାଟି ଆନିକଟ ନିକଟବର୍ତ୍ତୀ ଶାରଦାପ୍ରସାଦ ଗ୍ରାମରେ ବେଆଇନ ଖନନ କରାଯାଇ ହୋଟେଲ ନିର୍ମାଣ ଚାଲିଛି । ଫଳରେ ଭିତରକନିକାର ଜୈବବିବିଧତା ନଷ୍ଟ ହେଉଛି । ବିଭାଗୀୟ ମନ୍ତ୍ରୀ ଏନେଇ ତଦନ୍ତ ଆଦେଶ ଦେଇଥିବା ବେଳେ ବେଆଇନ ନିର୍ମାଣକୁ ସ୍ୱୀକାର କରିଛନ୍ତି । ମାତ୍ର ଏହି ବେଆଇନ ନିର୍ମାଣ ଏଯାବତ୍ ବନ୍ଦ ହୋଇନାହିଁ । ଏହା କେବେ ବନ୍ଦ ହେବ ବୋଲି ମଙ୍ଗଳବାର ପ୍ରଶ୍ନକାଳରେ ପ୍ରଶ୍ନ କରିଥିଲେ ବିଜେଡି ବିଧାୟକ ଧ୍ରୁବଚରଣ ସାହୁ । ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଥିଲେ ଯେ ଘଟଣାର ତଦନ୍ତ ହୋଇଛି । ଜିଲ୍ଲା ପ୍ରଶାସନ ବେଆଇନ ନିର୍ମାଣ ବନ୍ଦ କରିଛନ୍ତି । ଆଗକୁ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ, ସେ ଦିଗରେ ବିଭାଗ ଖୁବ୍ ଶୀଘ୍ର ନିଷ୍ପତ୍ତି ନେବ ବୋଲି ସେ ଗୃହରେ ଉତ୍ତର ରଖିଥିଲେ ।

# ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବଙ୍କୁ ହାଇକୋର୍ଟଙ୍କ ପୁଲିସ ନୋଟିସ୍

କଟକ, ୨ା୧୨(ସମିସ): ଏକ ଅଦାଲତ ଆଦେଶ ଅବମାନନା ମାମଲାରେ କେନ୍ଦୁଝରସ୍ଥିତ ଧରଣୀଧର ବିଶ୍ୱବିଦ୍ୟାଳୟ କୁଳପତି ଓ କୁଳସଚିବଙ୍କୁ ପୁଲିସ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ । ପ୍ରତିପକ୍ଷଙ୍କୁ ପୁଲିସ ମାଧ୍ୟମରେ ଏହି ନୋଟିସ୍ ପ୍ରଦାନ କରାଯିବ ବୋଲି ନାରାୟଣଚନ୍ଦ୍ର ସାମଲଙ୍କ ତରଫରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଡିସେମ୍ବର ୧୫ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

ମାମଲାରୁ ପ୍ରକାଶ ଯେ ଧରଣୀଧର ବିଶ୍ୱବିଦ୍ୟାଳୟରେ ଏମ୍‌ବିଏ, ଏମବିଏ (ଏଫଏମ) ଓ ବିବିଏ ବିଭାଗରେ ଅଧ୍ୟାପକ ନିଯୁକ୍ତି କ୍ଷେତ୍ରରେ ବ୍ୟାପକ ଅନିୟମିତା ହୋଇଥିବା ଅଭିଯୋଗ ହୋଇଥିଲା । ଆବେଦନକାରୀ ଏହି ପଦରେ ନିଯୁକ୍ତି ପାଇଁ ଦରଖାସ୍ତ ଦାଖଲ କରିଥିଲେ । ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥିବା ପ୍ରାର୍ଥୀଙ୍କୁ ଚୟନ ତାଲିକାରେ ସ୍ଥାନ ଦିଆଯାଇଥିବା ଅଭିଯୋଗ ହୋଇଥିଲା । ଆବେଦନକାରୀଙ୍କ ସ୍ମାରକପତ୍ର ଉପରେ ୮ ସପ୍ତାହ ଭିତରେ ନିଷ୍ପତ୍ତି ନେବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ, ଏହି ନିର୍ଦ୍ଦେଶ ପାଳନ କରାଯାଇନଥିଲା । ଏହି ପ୍ରସଙ୍ଗରେ ନିର୍ଦ୍ଦେଶ ଉଲ୍ଲଂଘନ ଅଭିଯୋଗ ନେଇ ଆବେଦନକାରୀ ଉପରୋକ୍ତ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ । ଆବଦେନକାରୀଙ୍କ ତରଫରୁ ଆଇନଜୀବୀ ସପନ କୁମାର ପାଲ ମାମଲା ପରିଚାଳନା କରୁଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶେଷରେ ରାଜିହେଲେ...

ଆଲୋଚନା କରିବାକୁ ନିଷ୍ପତ୍ତି ହୋଇଥିଲା । ନିଷ୍ପତ୍ତି ଅନୁଯାୟୀ 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ୮ ତାରିଖରେ ଲୋକସଭାରେ ୧୦ ଘଣ୍ଟା ଆଲୋଚନା ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଲୋଚନାର ଆରମ୍ଭ କରିବେ । ଏହାର ପରବର୍ତ୍ତୀ ଦିନ ଅର୍ଥାତ୍ ୯ ତାରିଖରେ ଏସ୍ଆଇଆର୍ ଉପରେ ଲୋକସଭାରେ ଆଲୋଚନା କରାଯିବ । ଏଥିପାଇଁ ମଧ ୧୦ ଘଣ୍ଟା ସମୟ ଦିଆଯାଇଛି । ତେବେ ଗୃହ ଚାହିଁଲେ ଆଲୋଚନା ସମୟ ବଢ଼ାଇପାରିବ । ସର୍ବଦଳୀୟ ବୈଠକରେ ସବୁ ଦଳର ନେତା ଆଲୋଚନା ଏବଂ ସମୟକୁ ନେଇ ସହମତି ପ୍ରକାଶ କରିଥିଲେ । ଏବେ ସଂସଦ କାର୍ଯ୍ୟରେ ପୂର୍ଣ୍ଣ ରୂପେ ସହଯୋଗ କରିବା ଲାଗି ସଂସଦୀୟ ବ୍ୟାପାର ମନ୍ତ୍ରୀ ସମସ୍ତ ସଭ୍ୟଙ୍କୁ ଅନୁରୋଧ କରିଥିଲେ । ସେ କହିଥିଲେ ଯେ ଗଠନମୂଳକ ଆଲୋଚନା ଗଣତନ୍ତ୍ର ଓ ସଂସଦୀୟ ବ୍ୟବସ୍ଥାକୁ ସମୃଦ୍ଧ କରିବ । ସୂଚନାଯୋଗ୍ୟ ଯେ ପ୍ରଥମ ପର୍ଯ୍ୟାୟରେ ବିହାରରେ ଏସ୍ଆଇଆର୍ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲିଛି । ଭୋଟର ତାଲିକା ସଂଶୋଧନ ନାମରେ ଅନେକ ଯୋଗ୍ୟ ଭୋଟରଙ୍କ ନାମ କାଟି ଦିଆଯାଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଥିବା ବେଳେ ନିର୍ବାଚନ କମିସନ ଏହାକୁ ଅସ୍ୱୀକାର କରିଛନ୍ତି । ତେବେ ଏବେ ଯେଉଁ କଥାଟି ବେଶି ବ୍ୟଥିତ କରିଛି, ତାହାହେଲା ଏସ୍ଆଇଆର୍ ପ୍ରକ୍ରିୟାରେ ନିୟୋଜିତ ବୁଥ ସ୍ତରୀୟ ଅଧିକାରୀ ବା ବିଏଲ୍ଓଙ୍କ ମୃତ୍ୟୁ । ଭୋଟର ତାଲିକା ସଂଶୋଧନ ପାଇଁ ଘର ଘର ବୁଲି ସେମାନେ ଫର୍ମ ପୂରଣ କରୁଛନ୍ତି । କାର୍ଯ୍ୟ ଚାପ ଯୋଗୁଁ ଅନେକ ବିଏଲଓ ଆତ୍ମହତ୍ୟା କରିଥିବା ବେଳେ କେତେକ ବିଏଲଓଙ୍କର ହୃଦଘାତରେ ମୃତ୍ୟୁ ଘଟୁଛି । ଏଭଳି ୭୦ରୁ ଅଧିକ ବିଏଲଓଙ୍କ ମୃତ୍ୟୁକୁ ନେଇ ବିରୋଧୀ ଦଳ ଉଦବେଗ ପ୍ରକାଶ କରିଛନ୍ତି । ଏହିସବୁ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଦାବି କରିଥିବା ବେଳେ ସରକାର ରାଜି ହେଉନଥିଲେ । ସରକାରଙ୍କର ଯୁକ୍ତି ଥିଲା ଯେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ନିର୍ବାଚନ କମିସନଙ୍କ ପ୍ରଶାନିକ ମାମଲା ହୋଇଥିବାରୁ ସରକାର କିଛି କରିପାରିବେ ନାହିଁ ।

### ପ୍ରଧାନମନ୍ତ୍ରୀଙ୍କ ବାସଭବନ...

ଏହି ପରିବର୍ତ୍ତନ ପ୍ରଶାସନିକ ନୁହେଁ, ବରଂ ସାଂସ୍କୃତିକ । ସୂଚନା ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସାଉଥ ବ୍ଲକରୁ ବାହାରି ସେବା ତୀର୍ଥ ନାମରେ ନାମିତ ନୂଆ ଆଡଭାନ୍ସ କ୍ୟାମ୍ପସକୁ ସ୍ଥାନାନ୍ତର ହେବାକୁ ଯାଉଛି । ଏହି ପରିବର୍ତ୍ତନ 'ସେଣ୍ଟ୍ରାଲ ଭିଷ୍ଟା ରି ଡେଭଲପମେଣ୍ଟ ପ୍ରୋଜେକ୍ଟ'ର ଅଂଶବିଶେଷ । ଅକ୍ଟୋବର ୧୪ରେ କ୍ୟାବିନେଟ ସଚିବ ଟି.ଭି ସୋମନାଥନ ସେବା ତୀର୍ଥ-୨ରେ ସେନା ମୁଖ୍ୟଙ୍କ ସହ ଉଚ୍ଚସ୍ତରୀୟ ବୈଠକ କରିଥିଲେ । ପିଏମଓ ସେବା ତୀର୍ଥ-୧ରୁ କାମ କରିବ । ସେବା ତୀର୍ଥ-୨ରେ କ୍ୟାବିନେଟ ସଚିବାଳୟ ରହିବ । ସେବା ତୀର୍ଥ-୩ ଏନଏସଏଙ୍କ କାର୍ଯ୍ୟାଳୟ ହେବ । ଏହା ପୂର୍ବରୁ କେନ୍ଦ୍ର ସରକାର ରାଜପଥର ନାମ ବଦଳାଇ କର୍ତ୍ତବ୍ୟ ପଥ କରିଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କ ଆନୁଷ୍ଠାନିକ ବାସଭବନକୁ ରେସ କୋର୍ସ ରୋଡ କୁହାଯାଉଥିଲା । ୨୦୧୬ରେ ଏହାର ନାମ ବଦଳା ଯାଇ ଲୋକ କଲ୍ୟାଣ ମାର୍ଗ କରାଯାଇଥିଲା ।

### ଆଉ ଜେଲ୍ ଯିବେନି...

ବିରୋଧୀ ବିଜେଡି ପକ୍ଷରୁ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ବିଲକୁ ବିରୋଧ କରିଛନ୍ତି । ଜୁଆ ଖେଳ ଦଣ୍ଡ ହ୍ରାସ ଓ ମହୁଲ ଫୁଲ ପାନୀୟ ଉପରେ ଦଣ୍ଡ ବୃଦ୍ଧିକୁ ସେ ସମାଲୋଚନା କରିଛନ୍ତି । ସେହିପରି ବିଦ୍ୟୁତ୍ ଶୁଳ୍କ କ୍ଷେତ୍ରରେ କରାଯାଇଥିବା ପରିବର୍ତ୍ତନ କମ୍ପାନୀ ଗୁଡ଼ିକୁ ମୁନଫାଖୋର୍ କରିବ ଓ ଏଭଳି ବିଲ ଆଣି ସରକାର ଜନସାଧାରଣଙ୍କୁ ଭୟଭୀତ କରିବାକୁ ଚାହୁଁଛନ୍ତି ବୋଲି ସେ କହିଛନ୍ତି । ସେହିପରି ଧ୍ରୁବ ସାହୁ ଏହି ବିଲ ଗୃହୀତ ହେଲେ ସାମାଜିକ ଶୃଙ୍ଖଳା ଭୁଶୁଡ଼ି ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି । ଜୁଆ ଖେଳ ସମାଜର ଏକ ବ୍ୟାଧି । ଏହି ଆଇନ ଦ୍ୱାରା ମାତ୍ର ୫ ହଜାର ଦେଇ ଜୁଆ ଖେଳ ହୋଇପାରିବ ବୋଲି ବ୍ୟବସ୍ଥା ହୋଇଛି । ଦେଶୀ ମଦ ବେପାରୀଙ୍କ ପାଇଁ ମଧ ଜୋରିମାନା ବ୍ୟବସ୍ଥା କରାଯାଇଛି । ସେମାନେ ଜୋରିମାନା ଦେଲେ ତାଙ୍କୁ ଛାଡ଼ିଦିଆଯିବ । ଏଥିପାଇଁ ଗାଁ ଗଣ୍ଡାରେ ପରିବାର ଉଜୁଡ଼ି ଯିବ ବୋଲି ଧ୍ରୁବ କହିଛନ୍ତି । ଅନୁରୂପ ଭାବରେ କଂଗ୍ରେସ ବିଧାୟକ ସିଏସ୍ ରାଜନ୍ ଏକ୍କା କହିଛନ୍ତି ଯେ ଜୁଆ ଖେଳ ସର୍ବଦା ବର୍ଜନୀୟ । ମାତ୍ର ବିଲ୍‌ରେ କେବଳ ଫାଇନ ବ୍ୟବସ୍ଥାଥିବାରୁ ଏହା ଲୋକଙ୍କ ଭୟ ହ୍ରାସ କରିବ ଓ ମହୁଲ ଫୁଲ ସଂକ୍ରାନ୍ତରେ ବିଲ୍‌ରେ ନୂତନ ବ୍ୟବସ୍ଥା ଆଦିବାସୀଙ୍କ ଅଧିକାର କ୍ଷୁର୍ଣ୍ଣ କରିବ ବୋଲି ରାଜନ୍ କହିଛନ୍ତି ।

ବିଧାୟକ ଗୌତମ ବୁଦ୍ଧ ଦାସ ବିଲକୁ ବିରୋଧ କରି ଦିଲ୍ଲୀରୁ ଏହି ବିଲର ନକ୍ସା ପ୍ରସ୍ତୁତ ହୋଇଛି ଓ ଧନୀ ଲୋକଙ୍କ ପାଇଁ ଏହି ବିଲ ପ୍ରସ୍ତୁତ କରାଯାଇଛି । । ଶିଳ୍ପ ସଂସ୍ଥା ପାଇଁ ପଥ ପରିଷ୍କାର ହେଉଛି । ଜନପ୍ରତିନିଧି ଭାବେ ଆମେ ଚୁପ୍ ରହିଲେ ଇତିହାସ ଆମକୁ କ୍ଷମା ଦେବନି ବୋଲି ସେ କହିଛନ୍ତି । ସେହିଭଳି ବିଧାୟକ ଗଣେଶ୍ୱର ବେହେରା ବିଲକୁ ବିରୋଧ କରିବା ସହ ଦେଶର ୧୯ ଟି ରାଜ୍ୟ ଏହାକୁ ଗ୍ରହଣ କରି ନାହାନ୍ତି ବୋଲି କହିଛନ୍ତି । ଏଥିରେ ବିଜେପି ଶାସିତ ରାଜ୍ୟମନେ ମଧ ଅଛନ୍ତି; କିନ୍ତୁ ଓଡ଼ିଶା ସରକାର ଏହି ବିଲ ପରିତ କରିବା ପାଇଁ କାହିଁକି ତରବର ହେଉଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ବିଧାୟିକା ସୋଫିଆ ଫିର୍ଦ୍ଦୋସ ବିଲରେ ଅପରାଧିକ ମାମଲା ପାଇଁ ଜରିମାନା ବ୍ୟବସ୍ଥା କରିବାକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ୫ ହଜାର ଜରିମାନା ଦ୍ୱାରା ଲୋକେ ଖୁସିରେ ଜୁଆ ଖେଳିବେ । ଶାସକ ଦଳ ପକ୍ଷରୁ ବିଲ ସପକ୍ଷରେ ଯୁକ୍ତି ବାଢ଼ି ବିଧାୟକ ଇରାଶିଷ ଆଚାର୍ଯ୍ୟ କହିଛନ୍ତି, ଏହି ବିଲ କେବଳ ଇଜ୍ ଅଫ ଡୁଇଂ ବିଜନେସ ନୁହେଁ ଲୋକଙ୍କ ଜୀବନରେ ମଧ ପରିବର୍ତ୍ତନ ଆଣିବ । ପୂର୍ବରୁ ଏଭଳି ମାମଲାରେ ମାତ୍ର ଦୁଇ ରୁ ତିନି ମାସ ଜେଲ ଦଣ୍ଡ ଥିବାରୁ ତାକୁ ଲୋକମାନେ ଡ଼ରୁ ନ ଥିଲେ । ୫୦୦୦ ଟଙ୍କା ଜରିମାନା ଦ୍ୱାରା ସେମାନେ ଡରିବେ ଆଉ ଜୁଆ ଖେଳରୁ ଦୂରେଇ ରହିବେ ବୋଲି ସେ କହିଛନ୍ତି । ଶାସକ ଦଳ ପକ୍ଷରୁ ଫକୀର ମୋହନ ନାୟକ, ବାବୁ ସିଂ, ସନ୍ତୋଷ ଖଟୁଆ, ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ବିଲ ସପକ୍ଷରେ ଯୁକ୍ତି ରଖିଥିଲେ ।

ବିଭାଗୀୟ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଆଇନ ସହ ସମନ୍ୱୟ ରକ୍ଷା କରି ଓଡ଼ିଶା ଜନ ବିଶ୍ୱାସ ବିଲ ପ୍ରସ୍ତୁତ କରାଯାଇଛି । କ୍ଷୁଦ୍ର ପ୍ରକ୍ରିୟାଗତ ଅପରାଧ ଅଧୀନରେ ଛୋଟ ଛୋଟ ଅପରାଧ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି । ୩ ମାସ ଜେଲ ଦଣ୍ଡ ଥିଲେ ୫ ରୁ ୨୫ ହଜାର ପର୍ଯ୍ୟନ୍ତ ଜରିମାନା, ୬ ମାସରୁ ୧ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡକୁ ୨୫ ରୁ ୧ ଲକ୍ଷ ପର୍ଯ୍ୟନ୍ତ, ୧ ରୁ ୩ ବର୍ଷ ଭିତରେ ୧ ରୁ ୨ ଲକ୍ଷ ଏବଂ ୩ ବର୍ଷରୁ ଅଧିକ ଜେଲ ଦଣ୍ଡକୁ ଉଚ୍ଚ ସ୍ତରୀୟ ଜରିମାନା ବ୍ୟବସ୍ଥା କରାଯାଇଛି । ଏହାଦ୍ୱାରା ଅନାବଶ୍ୟକ ଅନୁପାଳନ ବୋଝ ହଟିବ । ଇଜ୍ ଅଫ ଡୁଇଂ ବିଜନେସକୁ ଗତି ମିଳିବ । ୯ ଟି ବିଭାଗର ୧୬ଟି ଆଇନକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ଅପରାଧକୁ କ୍ଷୁଦ୍ର ପ୍ରକ୍ରିୟାଗତ ଅପରାଧ ଓ ବୈଷୟିକ ଅପରାଧରେ ବିଭକ୍ତ କରାଯାଇଛି । ମନ୍ତ୍ରୀଙ୍କ ଉତ୍ତରରେ ବିରୋଧୀ ଅସନ୍ତୁଷ୍ଟ ହୋଇ କକ୍ଷ ତ୍ୟାଗ କରିଥିବା ବେଳେ ଏହି ବିଲ୍ ବିରୋଧୀଙ୍କ ଅନୁପସ୍ଥିତିରେ ଗୃହରେ ପାରିତ ହୋଇଛି । (ପ୍ରଦୀପ)

### ଶହେରୁ ୧ ରଖିଲେ...

ସେମାନେ ଛାତ୍ରଛାତ୍ରୀଙ୍କୁ ପାସ୍ କରିବା ପାଇଁ ସର୍ବନିମ୍ନ ୩୦ ମାର୍କ ରଖିବାରେ କିପରି ସହାୟତା କରିବେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ପୂର୍ବତନ ମୁଖ୍ୟ ସଚିବ ବିଜୟ ପଟ୍ଟନାୟକ କହିଛନ୍ତି ଯେ, ପାଠପଢ଼ିଲା ବେଳେ ପାସ୍ କରିବା ପାଇଁ ଯେପରି ସର୍ବନିମ୍ନ ମାର୍କର ଆବଶ୍ୟକ ହୋଇଥାଏ ଠିକ୍ ସେହିପରି ନିଯୁକ୍ତି ପରୀକ୍ଷାରେ ମଧ ନୂତନ ବ୍ୟବସ୍ଥା କରିବା ଆବଶ୍ୟକ । ସମନ୍ୱୟ ରଖିବା ପାଇଁ ସାଧାରଣ ବର୍ଗ ତୁଳନାରେ ଅନ୍ୟ ବର୍ଗଙ୍କ ମାର୍କ କମ୍ କରାଯାଇ ପାରେ, ହେଲେ ଏକ ଯୋଗ୍ୟତା ଅର୍ଜନ କରିବା ପାଇଁ ଏକ ବେଞ୍ଚମାର୍କ ଆବଶ୍ୟକ । ଏ ସମ୍ପର୍କରେ ଚିନ୍ତନ କରିବାର ସମୟ ଆସିଛି । ଏହାର ସମୀକ୍ଷା କରି ତ୍ୱରିତ ପଦକ୍ଷେପ ନିଆ ନଗଲେ ବ୍ୟବସ୍ଥା କ୍ରମାଗତ ଭାବେ ଭୁଷୁଡ଼ି ପଡ଼ିବ ବୋଲି ଶ୍ରୀ ପଟ୍ଟନାୟକ ଆଶଙ୍କା ପ୍ରକାଶ କରିଛନ୍ତି ।

### ନକଲି ଔଷଧର...

୨୫ରେ ୧୧ଟି ନକଲି ମେଡିସିନ ଓ ୮୦ଟି ନିମ୍ନମାନର ମେଡ଼ିସିନକୁ ସରକାର ଜବତ କରିଛନ୍ତି । ଏହି ମେଡ଼ିସିନଗୁଡ଼ିକ ମଧ୍ୟରେ ଟେଲ୍‌ମା ୪୦, ପାନ୍ ୪୦, ଜିରୋଡଲ ଏସ୍‌ପି, ରାନିଟିନ, ପାରାସିଟାମଲ, ପେଡିଆଟ୍ରିକ ସିରପ, ଆଲମୋକାଇଣ୍ଡ, ପାଣ୍ଟପ-୪୦, କ୍ଲାଭାମ ୬୨୫ ପରି ନାମିଦାମୀ ମେଡିସିନ ରହିଛି । ଗୃହ ବାହାରେ ପ୍ରତିକ୍ରିୟା ରଖି ଏନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ କ୍ଷତିକାରକ ମେଡିସିନ ଖାଇ ଲୋକେ ଯେ ରୋଗଗ୍ରସ୍ତ ନ ହୁଅନ୍ତୁ, ମୃତ୍ୟୁମୁଖରେ ନପଡ଼ନ୍ତୁ, ତାହା ଦେଖିବା ସରକାରଙ୍କ ଦାୟିତ୍ୱ । ସରକାର ଏନେଇ ତନଖି କଡ଼ାକଡ଼ି କରିବା ଆବଶ୍ୟକ । ସେହିପରି ଅନ୍ୟତମ ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ନକଲି ମେଡିସିନ ମାନେ ଲୋକେ ବିଷ ଖାଉଛନ୍ତି । ଯେଉଁମାନେ ଏହାକୁ ବ୍ୟବହାର କରୁଛନ୍ତି, ସେମାନେ ଏହା ନକଲି କି ଅସଲି ତାହା ଜାଣିପାରୁ ନାହାନ୍ତି । ତେଣୁ ସ୍ୱାସ୍ଥ୍ୟ ବିଭାଗ ଏହାପ୍ରତି ସର୍ବାଧିକ ସଚେତନ ରୁହନ୍ତୁ ବୋଲି ସେ କହିଛନ୍ତି । କଂଗ୍ରେସ ମଧ ନକଲି ଔଷଧ ନିର୍ମାତା ଏବଂ ବିକ୍ରେତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଶାସକ ଦଳ ବିଧାୟକମାନେ ମଧ ସମାନ କଥା ଦୋହରାଇଛନ୍ତି । ଶରୀରକୁ ଠିକ୍ କରିବା ପାଇଁ ଆମେ ଔଷଧ ଖାଉଥିବା ବେଳେ ପ୍ରକାରନ୍ତରେ ଅଜ୍ଞାତରେ ଶରୀରକୁ ଖରାପ କରୁଛନ୍ତି । ସରକାର ଅଧିକ ଏକ୍ଷେତ୍ରରେ ଯତ୍ନବାନ ହୋଇ ତ୍ୱରାନ୍ୱିତ ଭାବେ ଚଢଉ, ତନଖି କରିବାର ଆବଶ୍ୟକତା ରହିଛି ବୋଲି ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ କହିଛନ୍ତି ।

ଏନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟ ବିଭାଗ ବର୍ତ୍ତମାନ ଆକ୍ସନ ମୋଡ଼ରେ ଅଛି । ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ପକ୍ଷରୁ ନିୟମିତ ଚଢ଼ଉ କରାଯାଉଛି । ନକଲି ଔଷଧ ଜବତ କରାଯାଉଛି । ଆଗାମୀ ଦିନରେ ଏହାକୁ ବ୍ୟାପକ ସରକାର ଆହୁରି ବ୍ୟାପକ କରିବେ । ବିଭିନ୍ନ ସମୟରେ ନକଲି ମେଡ଼ିସିନ ବଜାରକୁ ଛାଡିକୁ ଚକ୍ରାନ୍ତ ହୋଇଥାଏ । ସ୍ୱାସ୍ଥ୍ୟ ବିଭାଗ,ଡ୍ରଗ୍ସ କଣ୍ଟ୍ରୋଲର ଓ ପୋଲିସ ବିଭାଗ ମିଳିତ ଭାବେ ଚଢଉ ସହ ଏହାର ଉତ୍ସକୁ ଖୋଜୁଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।


**JAI JAGANNATH HIGHER SECONDARY SCHOOL**
AT/PO-R.BADMAL ,DIST: SAMBALPUR 768105
Non- Govt. Aided H.S.School(662 Category)
Email id: jaijagannathcollege@gmail.com

WANTED LECTURER

Interested candidates having at least 55% of marks in PG level may apply with Biodata and Testimonials for the post of Lecturer in Sanskrit within 07(seven) days from the date of advertisement.

**NB: Women candidate may be given weightage .**

Sd- Principal I/C Cum Secretary
9861149632
93377 69885

**WALK-IN-INTERVIEW**

**REJUVENE URO NEPHRO HOSPITAL,** Mangalabag, Cuttack required GDMO (Negotiable Salary),OT Technician, OT Incharge, GNM ICU Incharge (15k TO 20K and above Negotiable) ANM, Receptionist, GJAY Executive, OPD Staff (12K TO 15K) and above Negotiable. Minimum Experience-2Yrs

1st walk in interview on 7th December 2025
2nd walk in interview on 27th December 2025
Walk in interview timing-10:30AM TO 2:30PM

Interview Venue- **REJUVENE URO NEPHRO HOSPITAL**
Ring Road, Mangalabag, Cuttack-753001, M-8763145837/ 9124948026, Mail ID-rejuveneuronephro@gmail.com


MM-328

**OFFICE OF THE DIVISIONAL FOREST OFFICER, ANGUL KENDU LEAVES DIVISION, ANGUL**
At/PO- Hakimpada, Dist.- Angul, Pin-759143, Phone No. 06764-234157
Email-dfoklangl@gmail.com
No.278 /1F (Acct.) Dt.29.11.2025

**NOTICE INVITING TENDER**

Bid Identification No.DFO-ANUGUL-KL-01 Online / 2025-26

| | The Divisional Forest Officer, Angul KL Division on behalf of Governor of Odisha invites percentage rate bids in Single cover system in ONLINE MODE | | |
|---|---|---|---|
| 1. | Nature of Works | : | Construction of Forester Quarters |
| 2. | No. of Works | : | 02 (Two). |
| 3. | Bid Cost | : | 6,000/- |
| 4. | Class of Contractor | : | "C" Class & "D" Class |
| 5. | Date & Time of availability of the bid documents in portal | : | From 10.00 A.M. of Date 04.12.2025 to 05.00 P.M. of Date 18.12.2025 |
| 6. | Last date & time of receipt of bids in portal | : | Up to 05.00 P.M. of Date 18.12.2025 |
| 7. | Date of opening of Bid | : | At 11.30 A.M. of Date 19.12.2025 |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website only. | | |

OIPR-08152/11/0001/2526

Sd/-
Divisional Forest Officer
Angul (KL) Division

### ଖୋର୍ଦ୍ଧା ଜିଲ୍ଲାରେ ୨୦୨୫-୨୬ (ରବି) ଆଳୁ ଚାଷ ନିମନ୍ତେ ବିଶେଷ ସୂଚନା

L-122 ଏତଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇଁ ଉନ୍ନତ କିସମର ବିହନ କୁଫ୍ରି ଜ୍ୟୋତି । କୁଫ୍ରି ପୋଖରାଜ । କୁଫ୍ରି ଖ୍ୟାତି । ନଭେମ୍ବର ମାସ ୧୪ ତାରିଖ ପରଠାରୁ ବର୍ତ୍ତମାନ ବିଭିନ୍ନ ବ୍ଲକସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଉନ୍ନତ ଆଳୁ ବିହନର ଦାମ କିଲୋ ପ୍ରତି ଟ.୪୨.୨୪ ଥିବାବେଳେ ଚାଷୀଙ୍କୁ କିଲୋପ୍ରତି ଟ. ୨୦.୦୦ ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ସମୟର ଜିଓ ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ୍‌କୁ କିଲୋପ୍ରତି ଟ.୧୦.୦୦ ହିସାବରେ ଅନୁଦାନ ରାଶି ଫେରସ୍ତ ଦିଆଯିବ । ହେକ୍ଟର ପ୍ରତି ୧୫ କୁଇଣ୍ଟାଲ୍ ଆଳୁ ମଞ୍ଜିର ଆବଶ୍ୟକତା ରହିଥିବାବେଳେ ଜଣଙ୍କୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କିଗ୍ରା ଓ ସର୍ବୋଚ୍ଚ ୦.୫ ହେକ୍ଟର ପାଇଁ ୭୫୦ କିଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଗଜା କରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ ।

ଅମଳ ପରବର୍ତୀ ପରିଚାଳନା ଅନ୍ତରଗତ ଆଳୁ ଅମଳ ପରେ ସୁଲଭ ଦରରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ଶୀତଳ ଭଣ୍ଡାର ମାନଙ୍କରେ ଚାଷୀ ମାନେ ଆଳୁ କୁ ସାଇତି ରଖିପାରିବାର ବ୍ୟବସ୍ଥା ରହିଅଛି ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇ ମାନେ ସେମାନଙ୍କ ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବ୍ଲକ୍‌ସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ସୌଜନ୍ୟ
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା

OIPR-01419/11/0004/2526


**AFFIDAVIT**

By virtue of an Affidavit before Notary Public, Malkangiri, **I, Irme Kabasi,** aged about 24 years, W/o.: Ajay Kumar Kabasi, D/o.: Padia Madi resident of Village: Koyagiri, PO.: Matapaka, P.S./Dist.: Malkangiri, Odisha, declare by this Affidavit No.: 1881/2025, Dated: 01.12.2025 that I have changed my name from **Irme Madi** to **Irme Kabasi.** Henceforth I shall be known as **Irme Kabasi** for all future purposes.

**AFFIDAVIT**

By Virtue of an affidavit C.F.No.- 7, Dated 01.12.2025 before the Executive Magistrate,Bhawanipatna At Sambhunagarpada, PO/PS- Bhawanipatna, Dist Kalahandi Odisha, I, Nityananda Panda have changed my name from Nityanand Panda to Nityananda Panda . Henceforth I Shall be Known as Nityananda Panda for all purposes.

Sd/- Nityananda Panda

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 02/12/2025. I, **Dasharatha Rana,** aged about 38 years, S/o- Kartika Rana, permanent resident of ATPO- Katarkela, PS- Titilagarh, Dist- Balangir, (Odisha), PIN-767033 now residing at the same place declare that I have changed my minor son's name from **Pusparaj Rana** (old name) to **Papu Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Papu Rana** (new name) for all future purposes.

**Dasharatha Rana**

**LOST**

I, **Tankadar Tandi,** S/o- Bhima Tandi, residence of AT/PO/PS: Titilagarh (Sargiguda), Dist: Balangir, PIN- 767033, Odisha do hereby declared that, on 24.10.2025 while I was roaming around the main road of Titilagarh somewhere my carry bag was misplaced, wherein I have kept the Migration Certificate of my son **Nikhil Kumar Tandi** issued by Revenshaw University, Cuttack on his completion of Graduate in BA (Hons.) Economics bearing Regd. No. 21 DEC-054 & others necessary documents. If anyone finds it kindly contact to my address & my mobile number: 8249803611.

**Tankadar Tandi**

**AFFIDAVIT**

I, Sagar Kumar Thatoi, aged about 27 years, S/o-sushanta Kumar Thatoi, resident of At-Juania (hadua), Po-Govindpur, Ps-Aul, Dist-Kendrapara, Odisha, Pin- 755061 declare by this affidavit No. 2432, dtd-01.12.2025, that now onwards I shall be known as **SAGAR THATOI** for all future purposes.

ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com

• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

# ଧନୁଯାତ୍ରାକୁ ଉଚ୍ଚକୋଟୀର କରିବାକୁ ରାଜଧାନୀରେ ପ୍ରସ୍ତୁତି

## ଅନୁଦାନ ରାଶି ୧ କୋଟି ୫୦ ଲକ୍ଷକୁ ବୃଦ୍ଧି



ବରଗଡ଼,୩୧୧୨(ସମିସ): ଆଉ ଅଳ୍ପ ଦିନରହିଲା ବିଶ୍ୱ ପ୍ରସିଦ୍ଧ ବିରାଟ ଧନୁଯାତ୍ରା ମହୋତ୍ସବ। ପ୍ରଥମେ ଶୁଭସ୍ତମ୍ଭ ସ୍ଥାପନା, ଆଜି କଲ୍ୟାଣ ମଣ୍ଡପ ଠାରେ କଳାକାରଙ୍କ ଆଖଡା ଶାଳାର ଆରମ୍ଭ ହୋଇଥିବା ବେଳେ ଭୁବନେଶ୍ୱରରେ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ୭୮ତମ ଧନୁଯାତ୍ରା ସମ୍ପର୍କିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅତାବିରା ବିଧାୟକ ନିହାରରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ ଗଡତିଆ ଏବଂ ରାଜ୍ୟ ସଂସ୍କୃତି ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଜିଲ୍ଲା ପ୍ରଶାସନର ପଦାଧିକାରୀ ଯୋଗ ଦେଇଥିଲେ। ଲକ୍ଷାଧିକ ଦର୍ଶକଙ୍କ ସମାଗମକୁ ଦୃଷ୍ଟିରେ ରଖି ମୁଖ୍ୟତଃ ଟ୍ରାଫିକ ବ୍ୟବସ୍ଥା କଡାକଡି କରାଯିବ, ମୀନାବଜାର ତଥା ମୁଖ୍ୟରାସ୍ତା, ସମସ୍ତ ଛକ ଭଳି ସହରର ବିଭିନ୍ନ ସ୍ଥାନରେ ସିସି କେମେରା ଲଗାଯିବ। ଗତବର୍ଷ ଜୀରା ନଦୀରେ ହୋଇଥିବା ପଲ୍ଲୀଶ୍ରୀ ମେଳା ଚଳିତ ବର୍ଷ ଗୋରୁ ମାର୍କେଟରେ ଅନୁଷ୍ଠିତ ହେବ। ସହର ସାରା ଏବେ ବିଭିନ୍ନ ଜାଗାରେ ୬ଟି ଆକର୍ଷଣୀୟ ତୋରଣ ନିର୍ମିତ ହୋଇଛି। ଆଜି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ହୋଇଥିବା ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ କହିଛନ୍ତି। ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାକୁ ଆହୁରି ଭବ୍ୟ ଓ ଆକର୍ଷଣୀୟ କରିବା ପାଇଁ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଅନୁଦାନ ରାଶିକୁ ୧ କୋଟି ୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ବରଗଡ଼ ଜିଲ୍ଲାବାସୀ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଆଖଡ଼ା ଶାଳା ଆରମ୍ଭ

ବରଗଡ଼,୩୧୧୨(ସମିସ): ବରଗଡ଼ ଶକ୍ତିନଗର ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ମଙ୍ଗଳବାର ବରଗଡ଼ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଧନୁଯାତ୍ରା ଆଖଡ଼ା ଶାଳାର ଶୁଭ ଉଦ୍‌ଘାଟନ କରିଛନ୍ତି। ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଆସନ୍ତା ୨୪ ତାରିଖରୁ ୨୦୨୬ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୧ଦିନ ଧରି ଚାଲିବ। ଏଥିପାଇଁ ଆଜି ଧନୁଯାତ୍ରା ଆଖଡ଼ା ଶାଳାର ଶୁଭାରମ୍ଭ ହେବା ସହ ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ ଆରମ୍ଭ ହୋଇଯାଇଛି। ଧନୁଯାତ୍ରା ମହୋତ୍ସବ ସମିତିର ସମ୍ପାଦକ ସୁରେଶର ଶତପଥୀ, କଳାକାର ସମନ୍ୱୟ ସମିତିର ସହ ଆବାହକ ଅଶୋକ ବେହେରା, ଗୋପାଳ କୃଷ୍ଣ ଦାଶ, ଆଇନଜୀବୀ ପୂର୍ଣ୍ଣ ଚନ୍ଦ୍ର ଦାଶ, ଶଙ୍କର ପଟ୍ଟନାୟକ, ପ୍ରଶାନ୍ତ ମହାପାତ୍ର, ଚୈତ୍ୟନ୍ ପାଇକ, ସୁଶିଲ ମହାପାତ୍ର, ନକୁଳ ବାଦି, ପ୍ରଭାସରଞ୍ଜନ ମହଲା, ସୁଗ୍ରିବର୍ ଭୋଇ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ। ନବାଗତ କଂସ ମହାରାଜ ସୁଶିଲ ମେହେର, ମହାମନ୍ତ୍ରୀ ଗୋଲାପ ଦାଶ, ସେନାପତି ମିତ୍ରଭାନୁ ସାହୁ, ଚାଣ୍ଡୁକ ହିମାଂଶୁ ସାହୁ, ମୁଷ୍ଟିକ ପ୍ରଭାସ ତ୍ରୀପାଠୀ, ସାତ୍ୱକି ଜଗବନ୍ଧୁ ମହାଲିଙ୍ଗ, ଅକ୍ରୁର ଜଗନ୍ନାଥ ସାହୁ, ରାଜା ଉଗ୍ରସେନ ଆର୍ତ୍ତତ୍ରାଣ ମହାପାତ୍ର, ରାଣୀ ଇନ୍ଦୁମତି ସନ୍ଧ୍ୟାରାଣୀ ଆଚାର୍ଯ୍ୟ, ଦେବକୀ ମୁଗ୍ଧା ଦାଶ, ବସୁଦେବ ମନୋଜ ସାହୁ, ନାରଦ କାମରାଜ ଭୋଇ, ପୂତନା ଇଶ୍ୱରି ବେହେରା, ମହାମନ୍ତ୍ରୀ ଅନାଦୃଷ୍ଟ ନନ୍ଦିଘୋଷ ମହାପାତ୍ରଙ୍କ ସମେତ ଅନେକ କଳାକାର ପ୍ରଥମ ଦିନରେ ଆଖଡା ଶାଳାରେ ଯୋଗ ଦେଇଥିଲେ।



# ଚିଚିଣ୍ଡା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ କଂସଙ୍କ ରୁଦ୍ରଶୂଳ ପ୍ରାପ୍ତି



ଭେଡେନ,୩୧୧୨(ସମିସ): ଭେଡେନ ବ୍ଲକ୍ ଅଧୀନ ଚିଚିଣ୍ଡା ଗାଁରେ ଚାଲୁଥିବା ଆଞ୍ଚଳିକ ବିରାଟ ଧନୁଯାତ୍ରା ମହୋତ୍ସବର ମଙ୍ଗଳବାର ଅଷ୍ଟମ ସନ୍ଧ୍ୟାର କାର୍ଯ୍ୟକ୍ରମ ହୋଇଛି। ଏଥିରେ ଗୋପପୁର ହୋଇଥିବା ବାଞ୍ଜିପାଲିରେ ଆଜି କୃଷ୍ଣ ବୁଢ଼ାନାବିକ ବେଶ ଧରି ରାଧାରାଣୀ ଓ ଗୋପ ବାଳିକା ମାନଙ୍କୁ ନାବରେ ଯମୁନା ପାରି କରି ନେବାବେଳେ ମଝି ନଦୀରେ ଧରିଛନ୍ତି ନିଜ ରୂପ। ଗୋପ ବାଳିକା ମାନେ ମଥୁରା ନଗରୀକୁ ଯାଇଛନ୍ତି ଦହି ବିକି। ଅପର ପକ୍ଷରେ ମଥୁରା ନରେଶ କଂସ ତାଙ୍କରି ଅନେକ ରଥି ମହାରଥୀ କୃଷ୍ଣ ବଳରାମ ହାତେ ନିହତ ହୋଇଥିବାରୁ ବିଚଳିତ, ପାତ୍ରମନ୍ତ୍ରୀଙ୍କ ସହ ଆଲୋଚନା, ରାଜ ଦରବାରରେ ଦେବର୍ଷି ନାରଦଙ୍କ ଆଗମନ ହୋଇଛି। ତାଙ୍କରି ନିର୍ଦ୍ଦେଶ କ୍ରମେ ମହାରାଜ କଂସ ଦେବଦେବ ମହାଦେବଙ୍କୁ ଆରାଧନା କରି ପ୍ରାପ୍ତ ରୁଦ୍ରଶୂଳ କରିଛନ୍ତି। ଗୋପପୁର କାର୍ଯ୍ୟକ୍ରମକୁ ଯଶୋବନ୍ତ ଦୀପ, ବସୁଦେବ ଭୋଇ, ପ୍ରକାଶ ହାତୀ, ରେବତୀ ହାତୀ ପ୍ରମୁଖ ପରିଚାଳନା କରୁଛନ୍ତି। ଆଜିରାଜ ଦରବାରରେ ସିଂହେନପାଲିର ଛୁମକୁଛୁମା ଦଳ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉମେଶ ମେଣ୍ଡଲୀ ସଭା ପରିଚାଳନା କରିଥିଲେ। ରାଜ ଦରବାରରେ ଅତିଥି ଭାବେ ସାମାଜିକ କର୍ମୀ ତଥା ବିଜେପିର ବରିଷ୍ଠ ବିଜେପି ନେତା ଲକ୍ଷ୍ମୀ ନାରାୟଣ ରଥ, ଗୌରଚନ୍ଦ୍ର ଦନ୍ତା, ବଳରାମ ମିଶ୍ର ଯୋଗ ଦେଇଥିଲେ।

# ଅବସର ପରେ ବି ଶିକ୍ଷାଦାନ ଜାରି ରଖିବେ ଶିକ୍ଷକ ନିଗମାନନ୍ଦ ମିଶ୍ର

ବରଗଡ଼,୩୧୧୨(ସମିସ): ଦେଓଗାଁ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ନିଗମାନନ୍ଦ ମିଶ୍ର ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ମାତ୍ର ସ୍କୁଲ ଓ ଛାତ୍ରଛାତ୍ରୀଙ୍କ ପ୍ରତି ଥିବା ଅନାବିଳ ସ୍ନେହ ପାଇଁ ଅବସର ପରେ ବି ସେ ଶିକ୍ଷା ଦାନ ଜାରି ରଖିଛନ୍ତି। ବିଦ୍ୟାଳୟର ସଭାପତି ହରିହର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦାୟ ସମ୍ବର୍ଦ୍ଧନା ସଭାରେ ସ୍ଥାନୀୟ ସିଆର୍‌ସିସି ପାର୍ବତୀ ସାହୁ ମୁଖ୍ୟ ଅତିଥି, ପ୍ରଧାନଶିକ୍ଷକ ପ୍ରଦୀପ ଦାଶ, ପ୍ରଧାନଶିକ୍ଷକ ଚୁଙ୍ଗିଲାଲ ସେଟ୍, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ କପିଳ ବାଗ, ରାଜ୍ୟ ସଂସ୍କୃତ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ର ମହାପାତ୍ର, ଦିଲ୍ଲୀପ ପଣ୍ଡା, ସଚ୍ଚିଦାନନ୍ଦ ପ୍ରଧାନ, ବିବେକାନନ୍ଦ ଜାଲ, ସଚ୍ଚିଦାନନ୍ଦ ପଣ୍ଡା, ପୁରୁଷୋତ୍ତମ ଠାକୁର, ଜଗଦାନନ୍ଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ରଙ୍କ ଅବସର ପରେ ବି ଶିକ୍ଷାଦାନ ଜାରି ରଖିବା ଭଳି ନିଷ୍ପତ୍ତିକୁ ଗ୍ରାମବାସୀ ସ୍ୱାଗତ କରିବା ସହ ତାଙ୍କୁ ପୁରାତନ ଛାତ୍ରଛାତ୍ରୀ ସ୍କୁଲ କମିଟି, ଶିକ୍ଷକ ଶିକ୍ଷୟିତ୍ରୀ ଓ ସଂସ୍କୃତ ଶିକ୍ଷକ ମହାସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶୋଭାଯାତ୍ରରେ ତାଙ୍କୁ ଗାଁ ପରିକ୍ରମା କରାଯାଇଥିଲା।

# ଆଞ୍ଚଳିକ ଉପନିର୍ଦ୍ଦେଶକଙ୍କ ପାର୍ବତୀ ଗିରି ମହାବିଦ୍ୟାଳୟ ପରିଦର୍ଶନ



ବରଗଡ଼,୩୧୧୨(ସମିସ): ସ୍ଥାନୀୟ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟକୁ ସମ୍ବଲପୁର ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ.ମୂରଲି ଧର ମାଝୀ ଆକସ୍ମିକ ପରିଦର୍ଶନ କରିଛନ୍ତି। ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଉପସ୍ଥିତି ଓ ସହଯୋଗିତାରେ ଡ.ମାଝୀ ଶ୍ରେଣୀ କକ୍ଷ ପରିଦର୍ଶନ କରିଥିଲେ। ସମସ୍ତ କ୍ଲାସ୍ ଓ ସମୟ ସାରଣୀ ସମ୍ପର୍କରେ ଛାତ୍ରୀ ମାନଙ୍କଠାରୁ ତଥ୍ୟ ନେଇଥିଲେ। ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ଭାବ ବିନିମୟ ସଭାରେ ଅନୁଷ୍ଠାନର ଗୁଣବତ୍ତାର ଅଭିବୃଦ୍ଧି ସହ ସାମଗ୍ରିକ ବିକାଶ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ତାଙ୍କ ପରିଦର୍ଶନ ସମୟରେ ଅଧ୍ୟାପକ ତୁଷାର କାନ୍ତି ତ୍ରିପାଠୀ, ରାଧାକାନ୍ତ ମିଶ୍ର, ଡ.ପୁଷ୍ପାଞ୍ଜଳି ପ୍ରଧାନ, ଡ.ଗାୟତ୍ରୀ ମିଶ୍ର, ଡ.ସଂଘମିତ୍ରା ମିଶ୍ର, ଡ.ସାୟଦା ବାନୁ, ଡ.ପ୍ରତାପ ମହାକୁଡ, ଡ.ଲକ୍ଷ୍ମୀବନ୍ତ ସାହୁ, ଅଧ୍ୟାପକ ଅମିତ ଭାର୍ଗବ, ଡ.ଚନ୍ଦ୍ରମଣି ଦେବତା ପ୍ରମୁଖ ଉପସ୍ଥିତ ଥିଲେ।

# ଅବସରପ୍ରାପ୍ତ କିରାଣିଙ୍କ ଦେହାନ୍ତ

ପଦ୍ମପୁର,୩୧୧୨(ସମିସ): ପଦ୍ମପୁର ଅଧୀନ ବରିଖେଳ ନିବାସୀ ତଥା ବର୍ତ୍ତମାନ ଗୋଶାଳା ନବୋଦୟ ବିଦ୍ୟାଳୟରେ ଲାଇବ୍ରେରୀରିଆନ ଭାବେ କାର୍ଯ୍ୟରତ ସୁରେଶ ସାହୁଙ୍କ ପିତା ଡୋଳାମଣି ସାହୁଙ୍କର ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ସୋମବାର ଦିନ ୮୨ ବର୍ଷ ବୟସରେ ପରଲୋକ ଘଟିଛି। ସେ ପଦ୍ମପୁର ଉପଖଣ୍ଡ ତହସିଲ ତଥା ସମ୍ବଲପୁର କଲେକ୍ଟର ଅଫିସରେ ସେ କିରାଣୀ ଭାବେ ଅବସର ଗ୍ରହଣ କରିଥିଲେ। ତାଙ୍କର ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ପଛରେ ଦୁଇ ନାତୁଣୀ ଓ ଝିଅ, ପୁତ୍ରବଧୂ ତଥା ବନ୍ଧୁଙ୍କୁ ସେ ଛାଡି ଚାଲି ଯାଇଛନ୍ତି। ସୁରେଶଙ୍କର ବନ୍ଧୁ ତଥା ଓଡ଼ିଶା ସରକାରଙ୍କର ସଂସଦୀୟ ବ୍ୟାପାର ତଥା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ ଖବର ପାଇ ଶୋକ ସନ୍ତପ୍ତ ବନ୍ଧୁ ଓ ପରିବାର ବର୍ଗଙ୍କ ସହ ଫୋନ୍ ଯୋଗେ କଥା ବାର୍ତ୍ତା ହୋଇ ସମବେଦନା ଦେବା ସହ ଗଭୀର ଶୋକ ପ୍ରକାଶ କରିଛନ୍ତି।



# କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର,୩୧୧୨(ସମିସ): ପଦ୍ମପୁର ଉପଖଣ୍ଡ ଅଧୀନ କନସିଂହା ସତ୍ୟସେବା ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗୋବର୍ଦ୍ଧନ ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବାଜା, ବାଣ, ନୃତ୍ୟ ସହିତ ଗ୍ରାମ ପରିକ୍ରମା କରାଇ ପାଦ ଧୋଇ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଏହାପରେ ଛାତ୍ରଛାତ୍ରୀ ନିଜ ଗୁରୁଙ୍କୁ ପଦ୍ମପୁର ସ୍ଥିତ ବାସ ଭବନକୁ ପାଛୋଟି ନେଇଥିଲେ। କାର୍ଯ୍ୟକ୍ରମରେ ରତ୍ନାକର ଶତପଥୀ, ଯାଦବ ସିଂ ବରିହା, ଉପେନ୍ ବାରିକ, ସଞ୍ଜୀବ ବାରିକ, ବିଭୁତି ବରିହା, ବୃନ୍ଦାବନ ଦାଶ, ସୁଶାନ୍ତ ବଢ଼େଇ, କେଦାର ଧରୁଆ, ଦୀପକ ସିଂ ବରିହା, ଶିଶିର ମିଶ୍ର, ପ୍ରସାଦ ସାହୁ, ନିରଞ୍ଜନ ଦାସ, ଅଶୋକ ସେଠ, ଅଶ୍ୱିନୀ ଧରୁଆ ସମେତ ପୁରାତନ ଛାତ୍ର ଛାତ୍ରୀ ସାମିଲ ଥିଲେ।

# ବିକାଶ ହାୟର ଏଜୁକେସ୍‌ନାଲ କ୍ୟାମ୍ପସରେ 'ଶଳାବୁଢ଼ା ଅମର ରହେ' କାର୍ଯ୍ୟକ୍ରମ

ବରଗଡ଼,୩୧୧୨(ସମିସ): ବିକାଶ ବିକାଶ ହାୟର ଏଜୁକେସ୍‌ନାଲ କ୍ୟାମ୍ପସରେ ପ୍ରଖ୍ୟାତ ନାଟ୍ୟକାର, ନିର୍ଦ୍ଦେଶକ ଏବଂ ଦିବଙ୍ଗତ ଅଭିନେତା ଅଟଳ ବିହାରୀ ପଣ୍ଡାଙ୍କ ୯୪ତମ ଜୟନ୍ତୀ ସମାରୋହ 'ଶଳାବୁଢ଼ା... ଅମର୍ ରହେ' ସଫଳତାର ସହ ସମ୍ପନ୍ନ ହୋଇଯାଇଛି। ଚିଫ୍ ଆଡ୍‌ମିନିଷ୍ଟ୍ରେଟିଭ୍ ଅଫିସର ଇଂ.ଅଜୟ ମହାପାତ୍ରଙ୍କ ଉପସ୍ଥିତିରେ ସଙ୍ଗୀତ ସଂଯୋଜକ ବିରଞ୍ଚି ନାରାୟଣ ମେହେର ଏବଂ ଏସ୍‌ଆର୍‌ପି କ୍ରିଏଶନ୍ସ ଆବାହକ ସୌମ୍ୟରଞ୍ଜନ ପୂଝାରୀ ଯଥାକ୍ରମେ ସମ୍ମାନିତ ଅତିଥି ଏବଂ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ଡ.ପୂର୍ଣ୍ଣେନ୍ଦୁ ମିଶ୍ର ଅଟଳ ବିହାରୀ ପଣ୍ଡାଙ୍କ ଉପଲବ୍ଧିର ବିବରଣୀ ସମସ୍ତଙ୍କ ସମକ୍ଷରେ ରଖିଥିଲେ। ସଂଗୀତ ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ମେହେର, ଅଟଳ ପଣ୍ଡାଙ୍କ ବ୍ୟକ୍ତିତ୍ୱର ଆବଶ୍ୟକତା ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଉପଲକ୍ଷେ ସମସ୍ତଙ୍କ ପାଇଁ 'ଅଟଳ ଅମର ରହେ' ଶୀର୍ଷକ ଭିଜୁଆଲ ପ୍ରଦର୍ଶିତ କରାଯାଇଥିଲା। ବିକାଶ କର୍ତ୍ତୃପକ୍ଷଙ୍କ ତରଫରୁ ଅତିଥିଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଡିନ୍ (ଷ୍ଟୁଡେଟ୍ ଆଫେୟାର୍) ଆର୍‌ଏସ୍‌ଭି କ୍ରିଷ୍ଣାଙ୍କ ଦ୍ୱାରା ସଂଯୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ର.ସତ୍ୟବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆନ୍ଦୋଳନ ପରେ ମଣ୍ଡିରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ

ବରଗଡ଼,୩୧୧୨(ସମିସ): ବରଗଡ଼ ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟାରେ ଦେଖା ଦେଇଥିବା ଅଚଳାବସ୍ଥାକୁ ନେଇ ଚାଷୀ ଅସନ୍ତୋଷ ଲାଗିରହିଛି। ଚଳିତ ବର୍ଷ ଖରିଫ ଋତୁ ପାଇଁ ୨୩ଟି ପିପିସି ରହିଥିବା ବେଳେ ପ୍ରାୟ ୧ ଲକ୍ଷ ୬୩ ହଜାର ଚାଷୀ ପଞ୍ଜୀକରଣ ହୋଇଛନ୍ତି। ତେବେ ପ୍ରଶାସନ ଓ ମିଲର୍ସର ବିବାଦ ଲାଗି ରହିଛି। ଚାଷୀଙ୍କ ବିଭିନ୍ନ ଦାବି ନେଇ କଳାପାଣି ମାର୍କେଟ ୟାର୍ଡ ଠାରେ ଚାଲିଥିବା ଧାରଣା ସ୍ଥଳକୁ ବରଗଡ଼ ଉପ ଜିଲ୍ଲାପାଳ ପ୍ରସନ୍ନ ପାଣ୍ଡେ ଓ ଡିଆରସିଏସ ଯୁଗଳ କିଶୋର ଦାଶ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣାରୁ ଚାଷୀ ଉଠିଥିଲେ। ଆଜି କଳାପାଣି ମାର୍କେଟରେ ନଡିଆ ବାଡେଇ ପ୍ରଶାସନିକ ଅଧିକାରୀ ଓ ଚାଷୀ ଧାନ କିଣାର ଶୁଭାରମ୍ଭ କରିଥିଲେ। ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜୀକରଣରୁ ବାଦ ପଡିଥିବା ବେଳେ ଚାଷୀଙ୍କୁ ସାମିଲ କରିବା ପାଇଁ ଭୁବନେଶ୍ୱରକୁ ପଠାଯାଇଛି। ଗତକାଲି ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧିନ ଗୋଡଭଗା ମଣ୍ଡିରୁରାତି ଅଧିଆ ଧାନ ଉଠାଣ କରାଯାଥିଲା। ଆଜି ବରଗଡ଼ କଳାପାଣି ମଣ୍ଡିରେ ଧାନ ଉଠିଛି। ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡିରହିଛି। ଅତିଶୀଘ୍ର ସବୁ ଧାନ ଉଠାଇବା ପାଇଁ ଚାଷୀ ଦାବି କରିଛନ୍ତି।

# କଫ ସିରପ୍ ଜବତ, ୨ଗିରଫ

ସୋହେଲା,୩୧୧୨(ସମିସ): ସୋହେଲା ଥାନା ଛୁରିଆପାଲି ଗାଁରେ ବେଆଇନ ଭାବେ କଫ ସିରପ୍ ବିକ୍ରୟ କରୁଥିବା ୨ଜଣଙ୍କୁ ସୋହେଲା ପୁଲିସ ଗିରଫ କରିଛି। ଏହାସହ ସେମାନଙ୍କ ନିକଟରୁ କଫ ସିରପ୍ ସହିତ ୧୦ ଲିଟର ଖୋଲା କଫ ସିରପ୍, ଏକ ବାଇକ ଓ ୨ଟି ମୋବାଇଲ ଫୋନ ଜବତ ହୋଇଥିବା ସୋହେଲା ପୁଲିସ ସୂତ୍ରରୁ ପ୍ରକାଶ। ଛୁରିଆପାଲି ଗାଁରେ ୨ଜଣ ଯୁବକ କଫ ସିରପ୍ ବିକ୍ରୟ କରୁଥିବା ନେଇ ଖବର ପାଇ ଗତ ୩୦ ତାରିଖ ରାତିରେ ସୋହେଲା ପୁଲିସ ଚଢ଼ଉ କରିଥିଲା। କଫ ସିରପ୍ କାରବାର ଚଳେଇଥିବା ପଦ୍ମପୁର ରାଜାପଡାର ଅନିଲ କୁମ୍ଭାର ଏବଂ ସୋହେଲା ଥାନା ମଥୁରାପାଲି ଗାଁର ନିରଞ୍ଜନ ବାଗଙ୍କୁ ସୋହେଲା ପୁଲିସ ଗିରଫ କରିଥିଲା। ସେମାନଙ୍କ ନିକଟରୁ ୨୬ ବୋତଲ ଏସ କଫ କଫ ସିରପ୍, ଏକ ବାଇକ ଓ ପ୍ରାୟ ୧୦ଲିଟର ଖୋଲା କଫ ସିରପ୍ ସହିତ ୨ଟି ମୋବାଇଲ ଫୋନ ଜବତ ହୋଇଥିଲା। ଗିରଫ ଅନିଲ କୁମ୍ଭାର ନାମରେ ପୂର୍ବରୁ ପଦ୍ମପୁର ଥାନାରେ ୨ଟି ଅପରାଧୀକ ମାମଲା ରହିଛି। ସୋହେଲା ପୁଲିସ ଏକ ମାମଲା ରୁଜୁକରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି।

# ଗ୍ରୀଞ୍ଜାଲ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ଅବସର

ସୋହେଲା,୩୧୧୨(ସମିସ): ସୋହେଲା ନିକଟସ୍ଥ ଛତିଶଗଡ ସୀମାନ୍ତ ଗ୍ରୀଞ୍ଜାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭୋଜରାଜ ବେହେରା ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଶିକ୍ଷକ ଭବାନୀ ଶଙ୍କର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମଧ ଇଂରାଜୀ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶିବ ପ୍ରସାଦ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୋହେଲା ବ୍ଲକ୍ ଏବିଇଓ ମନୋହର ଉଡ୍ଗୀ, ବରଗଡ଼ ଏଡେଡ ହାଇସ୍କୁଲ ଆସୋସିଏସନର ସଭାପତି ନିତ୍ୟ ଦାସ ମଞ୍ଚାସୀନ ଥିଲେ। ଶେଷରେ ଗ୍ରାମବାସୀ ମାନେ ବାଜା ବଜାଇ ଶୋଭାଯାତ୍ରାରେ ତାଙ୍କ ବାସସ୍ଥାନ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ।

# ବରତୁଣ୍ଡାରେ ଲକ୍ଷ୍ମୀପୂଜା ପାଇଁ କଳସ ଶୋଭାଯାତ୍ରା

ପାଇକମାଲ,୩୧୧୨(ସମିସ): ପାଇକମାଲ ବ୍ଲକ୍ ବରତୁଣ୍ଡା ଗାଁ ଠାରେ ୬୨ ତମ ସାର୍ବଜନୀନ ମାଁ ମହାଲକ୍ଷ୍ମୀ ପୂଜାରମ୍ଭ ହୋଇଛି। ଆଜି ମାଁ ଲକ୍ଷ୍ମୀଙ୍କ ପୂଜା ମହୋତ୍ସବ ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସର୍ବ ପୁରାତନ ଲକ୍ଷ୍ମୀ ପୂଜା ଦୀର୍ଘ ୬୨ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ଶହ ଶହ ସଂଖ୍ୟାରେ କଳସ ଆଣି ସ୍ଥାପନ କରା ଯାଇଥିଲା। ପୂଜା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ ବୋଲି ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ସୂଚନା ଦିଆ ଯାଇଛି। ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ପୌରହିତ୍ୟରେ ପୂଜାକର୍ତ୍ତା ଭାବେ ମୁକ୍ତେଶ୍ୱର ବାଗ ଓ ତାଙ୍କ ଧର୍ମପତ୍ନୀ ଗୋଲାପୀ ବାଗ ଦାୟିତ୍ୱ ସମ୍ପାଦନା କରୁଛନ୍ତି। ଗାଁର ବୈଲୋଚନ ଗିର୍ତ୍ତା, ଶରତ ମହାନ୍ତି, ମୀନକେତନ ଗୀର୍ତ୍ତା, ରାମପ୍ରସାଦ ବାଗ, ଦୁର୍ଲ୍ଲଭ ପ୍ରଧାନ, ସୁଧୀର ପଟ୍ଟନାୟକ, ବିଭୀଷଣ ଦିୱାନ, ବିଭୂତି ପଟ୍ଟନାୟକ, ହରିବୋଲ ବାଗ, ଶୁକଦେବ ମାଝୀ, କୃପାସିନ୍ଧୁ ବାଗ, ଗୁରୁବାରୁ ପଟ୍ଟନାୟକ, ରିଜିବି ମହମ୍ମଦ, ଗୁଲାପ ବିନାଟ, ଉଛବ ପଟ୍ଟନାୟକ, ସାବୁତ ମହମ୍ମଦ, ତ୍ରିନାଥ ବିନାଟ, ଅନ୍ତ ନେତାମ, ଇଶ୍ୱର ବାଗ, ଅରମାନ ଖାଁ, କୈଳାସ ସାହୁ, ଦେବାର୍ଚ୍ଚନ ରାଉତ, କୃପାସିନ୍ଧୁ ବାଗ, ଅଲେଖ ସାହୁ ପ୍ରମୁଖ ଗ୍ରାମବାସୀ ସମେତ ଯୁବକମାନେ ମାଁ ଲକ୍ଷ୍ମୀ ପୂଜା ମହୋତ୍ସବରେ ସହଯୋଗ କରୁଛନ୍ତି।

# ପପଙ୍ଗା ପାହାଡ଼ରେ 'ଫି ମାସ ଗୁଟେ ଦିନ' କାର୍ଯ୍ୟକ୍ରମ

ଭେଡେନ,୩୧୧୨(ସମିସ): ସମ୍ବଲପୁରୀ ଭାଷା ଆନ୍ଦୋଳନକୁ ଆଗେଇ ନେବା ଉଦ୍ୟମରେ ବରଗଡ଼ରେ ସାରସ୍ୱତ ସଂସ୍ଥା ପଶ୍ଚିମ ଓଡ଼ିଶାର ସବୁ ଜିଲ୍ଲାର ଭାବାବେଗକୁ ସମ୍ମାନ ଜଣାଇ ସମସ୍ତଙ୍କୁ ଏକତା ସୂତ୍ରରେ ଆବଦ୍ଧ କରିବା ପାଇଁ ପ୍ରତିମାସ ଆୟୋଜିତ ହେଉଛି 'ଫି ମାସ ଗୁଟେ ଦିନ, ସାହିତ୍ୟ ଭିତରେ ହେମା ଲିନ' କାର୍ଯ୍ୟକ୍ରମ। ଭେଡେନ ସ୍ଥିତ ପପଙ୍ଗା ପାହାଡରେ ୪ ଜିଲ୍ଲାର କବି ଓ କଳାକାରଙ୍କୁ ନେଇ ଏହି କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ସେହି ମାସରେ ଜନ୍ମିତ ସମ୍ବଲପୁରୀ କବି ଲେଖକ ମାନଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ସାହିତ୍ୟ ଆସର ଓ ଆଲୋଚନା ଚକ୍ର ହେଉଛି। ଚଳିତ ମାସ ଏହି କାର୍ଯ୍ୟକ୍ରମ ବରଗଡ଼ ସମେତ ବଲାଙ୍ଗିର ସୋନପୁର ଓ ବୌଦ୍ଧ ଜିଲ୍ଲାର ବହୁ କବି ଓ କଳାକାର, ପରିଷଦର ସାଧାରଣ ସମ୍ପାଦକ ଉପେନ ଭୋଇଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଛି। ମୁଖ୍ୟ ଅତିଥି ପ୍ରଫେସର୍ ଡ.ଗୋବର୍ଦ୍ଧନ ସାହୁ, ସମ୍ମାନିତ ଅତିଥି ବରଗଡ଼ ଧନୁଯତ୍ରାର ନବ ମନୋନୀତ କଂସ କଳାକାର ସୁଶିଲ ମେହେର, କଥାକାର ନରେନ୍ଦ୍ର ମହାନ୍ତି, ସମ୍ବଲପୁରୀ ପ୍ରକାଶନିର ପ୍ରକାଶିକା ଅନ୍ନପୂର୍ଣ୍ଣା ମହାପାତ୍ର, ଚିତ୍ରଶିଳ୍ପୀ ଗୌରଚରଣ ପଧାନ, ପ୍ରଫେସର୍ ସୁଭୋଇ ପ୍ରମୁଖ ଯୋଗ ଦେଇଥିଲେ। ବର୍ଷୀୟାନ ଔପନ୍ୟାସିକ ଧନପତି ମହାପାତ୍ର, କବି ଈଶ୍ୱର ମେହେର, ଅଧ୍ୟାପକ ସୁଭାସ୍ ଚନ୍ଦ୍ର ଭୁଏ ଓ ସୁବାସ ମେହେରଙ୍କୁ ଜନ୍ମ ଜୟନ୍ତୀ ମାସ ଅବସରରେ ସମ୍ମାନିତ କରାଯିବା ସହିତ ସୁଦୂର ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲସାଗୋରାର କଲାପଟା ସାହିତ୍ୟ ଅନୁଷ୍ଠାନ 'ଫଳସା ଫୁଲ୍'କୁ ଭାଷା ଧରସା ସାହିତ୍ୟ ସମ୍ମାନ ସହିତ ତାର ପରିଚାଳକ ଲିଙ୍ଗରାଜ ଛତ୍ରୀୟ, ପ୍ରଭାତ ଖମାରୀ, ଜଗନ୍ନାଥ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ତେଜରୁ ବାରିକ ସଞ୍ଚାଳନ କରିଥିବା ବେଳେ କଳାକାର କବି ଦୁର୍ବଦଳ ମେହେର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଅଧ୍ୟାପକ୍ ନାରାୟଣ ଭୋଇଙ୍କ ସଂଯୋଜନାରେ ପରିଚାଳିତ ଗୀତ ଓ କବିତା ଆସରରେ ଗାୟକ କବିରଞ୍ଜିତ ପ୍ରଧାନ, କ୍ରାନ୍ତିକାରୀ ହାରିଲାଲ ସାହୁ, ଅଧିକାରୀ ସା, ସୁରେଶ ଚନ୍ଦ୍ର ଭୋଇ, ରାମପ୍ରସାଦ ବାଗ, ଗୁଣସାଗର ସାହୁ, ରାଜେଶ କାରିଆ, ପ୍ରହ୍ଲାଦ ସେଠ୍,



ରୋହିତ ମେହେର, ମକରଧ୍ୱଜ ସାହୁ, ଗୋବିନ୍ଦ ମେହେର, ନାରିକବୀ ଅହଲ୍ୟା ପଧାନ, ମଞ୍ଜୁଲତା ସାହୁ, ମୁନିରାମକୁମ୍ଭାର, ମନୋରଞ୍ଜନ ଲୁହା, ନକୁଲ ମେହେର, ଲଳିତ ବାରିକ, ଦିଲେଶ୍ୱର୍ ସାହୁ, ଦିଲ୍ଲୀପ ସାହୁ, ଗୌରଚଚରନ୍ ସା, ମୋହନ ମହାନନ୍ଦ୍, ସୁଦାମ ଲୁହା, ଯଦୁମଣି ପଟେଲ, ଯୁଗେଶ୍ୱର ତାଣ୍ଡି, ଚିନ୍ତାମଣି ମହାଲିଂଗ, ରାକେଶ ବାଗ, ଆମ୍ରିତାଂଶୁ ବଣ୍ଡିକ, ରାଜକିଶୋର ମିନ ପ୍ରମୁଖ ଭାଗ ନେଇଥିଲେ। ରକ୍ତଦାନ ସଂସ୍ଥା ଅମୃତ କୁଟୁମର ରୁଦ୍ରନାରାୟଣ ସାହୁଙ୍କ ସମେତ ସଦସ୍ୟ ମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ଆୟୋଜନରେ ଅଧ୍ୟାପକ୍ ସନ୍ତୋଷ ତ୍ରିପାଠୀ, ଲକ୍ଷ୍ମଣ ମଲ୍ଲିକ, ଗୁଣନିଧି ଭୋଇ, ନଗ୍ର ମେହେର, ଭରତ ସାହୁ, ସୁସଞ୍ଜିତ୍ ତ୍ରିପାଠୀ ଓ ଉମେଶ ପଧାନ ପ୍ରମୁଖ ସହଯୋଗ୍ କରିଥିଲେ। ସମ୍ବଲପୁରୀ ଗୁଚ୍ଛା ତରଫରୁ ମାନସରଞ୍ଜନ ଦାଶଙ୍କ 'ସମ୍ବଲପୁରୀ ବହି ପସରା' ଅନ୍ୟତମ ଆକର୍ଷଣ ଥିଲା। କାର୍ଯ୍ୟକ୍ରମ ଶେଷରେ ସଂଯୋଜକ କବି ଲଳିତ ସାହୁ ଧନ୍ୟବାଦ ଦେଇଥିଲେ।

### ମୁଖ୍ୟ ଚିକିତ୍ସାଳୟରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ମିଛ ଉତ୍ତରକୁ ବିରୋଧ

ଦେବଗଡ଼,୨।୧୨(ସମିସ):



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ଘଣ୍ଟିଆସ୍ୱାସ୍ଥ୍ୟସେବାଯୋଗାଣପ୍ରସଙ୍ଗରେ ବିଧାନସଭାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ମିଥ୍ୟା ତଥ୍ୟ ଉପସ୍ଥାପନକୁ ନେଇ ମଙ୍ଗଳବାର ଦେବଗଡ଼ ଜିଲ୍ଲାରେ ଘୋର ପ୍ରତିକ୍ରିୟା ସୃଷ୍ଟି କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବିରେ ପ୍ରାୟ ୪ ମାସ ହେଲା ଯୁବ ଏକତା ମଞ୍ଚ ଜିଲ୍ଲାର ବିଭିନ୍ନ ସଂଗଠନ ସହାୟତା ଓ ସମର୍ଥନରେ ଜନ ଆନ୍ଦୋଳନ ଆରମ୍ଭ କରିଥିଲା। ଜିଲ୍ଲାପାଳଙ୍କ ଠାରୁ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ମଞ୍ଚ ସବୁଠଇ ଦାବି ଉପସ୍ଥାପନ କରିଥିଲା। କିନ୍ତୁ ସମାଧାନ ପରିବର୍ତ୍ତେ ସରକାର ବିଭିନ୍ନ ଆଳରେ ଦିନ ଗଡ଼ାଇ ଚାଲିଥିବାରୁ ମଞ୍ଚ ପକ୍ଷରୁ ଆନ୍ଦୋଳନକୁ ପୁଣି ଆରମ୍ଭ କରାଯାଇଛି। ଜିଲ୍ଲାବାସୀଙ୍କ ଦାବିକୁ ଗତକାଲି ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିଧାନସଭାରେ ଉତ୍ଥାପନ କରିଥିଲେ। ପଡୋଶୀ ଜିଲ୍ଲାରେ ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ସାଟେଲାଇଟ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଦେବଗଡ଼ ଜିଲ୍ଲାରେ ଏହାର ବ୍ୟତିକ୍ରମର କାରଣ ସମ୍ପର୍କରେ ବିଧାୟକ ପ୍ରଶ୍ନ କରିଥିଲେ। ଉତ୍ତରରେ ସ୍ୱାସ୍ଥ୍ୟମନ୍ତ୍ରୀ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂତନ କୋଠାକୁ ସ୍ଥାନାନ୍ତର ପରେ ପୁରୁଣା କୋଠାରେ ୧୦ ଶଯ୍ୟା ବିଶିଷ୍ଟ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଥିବା କହିଥିଲେ। ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏଭଳି ମିଥ୍ୟା ତଥ୍ୟ ଉପସ୍ଥାପନକୁ ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଛି। ପ୍ରତିବାଦରେ ଆଜି ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ଏକତା ମଞ୍ଚ ପକ୍ଷରୁ ଗତ ୪୮ ଦିନ ଧରି ଜାରି ରହିଥିବା ଧାରଣା ସ୍ଥଳୀରେ ସାଧାରଣ ସଭା ହୋଇଛି। ଏହାସହ ସାମ୍ବାଦିକ ସମ୍ମିଳନୀରେ ମଞ୍ଚ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଏଭଳି ମିଥ୍ୟା ଉତ୍ତରକୁ ତୀବ୍ର ନିନ୍ଦା କରାଯିବା ସହ ସ୍ୱାସ୍ଥ୍ୟମନ୍ତ୍ରୀ ଆସି ସ୍ୱଚକ୍ଷୁରେ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ବାସ୍ତବିକ ଚିତ୍ର ଅନୁଧ୍ୟାନ ପାଇଁ ଦାବି କରାଯାଇଥିଲା। ସେହିପରି ଜିଲ୍ଲାବାସୀଙ୍କ ଦାବିପ୍ରତି ସ୍ଥାନୀୟ ସାଂସଦ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମୌନ ବ୍ରତ ଧାରଣ କରିବା ଜିଲ୍ଲାବାସୀଙ୍କୁ ଘୋର ବ୍ୟଥିତ କରିଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ରାଜ୍ୟ ସରକାର ଜିଲ୍ଲାବାସୀଙ୍କ ଦାବିକୁ ଯଥାଶୀଘ୍ର ପୂରଣ ନ କଲେ ଏକତା ମଞ୍ଚ ପକ୍ଷରୁ ଜାରି ଆନ୍ଦୋଳନକୁ ଆଗାମୀ ଦିନରେ ଜୋରଦାର କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

## ଦିବାଲୋକରେ ସୁନାଚେନ୍ ଓ ଟଙ୍କା ଲୁଟିନେଲେ ଦୁର୍ବୃତ୍ତ

ଦେବଗଡ଼,୨।୧୨(ସମିସ): କୁଣ୍ଡେଇଗୋଳା ଥାନା ଖଇରପାଲି 'ଣ୍ଡି ଅଧୀନ ରଞ୍ଜଣା ଗାଁ ଦେଇଯାଇଥିବା ରାଞ୍ଚି-ବିଜୟୱାଡା ଜାତୀୟରାଜପଥରେ ମଙ୍ଗଳବାର ସ୍ପଷ୍ଟ ଦିବାଲୋକରେ ଏକ ଭାବି ଦମ୍ପତିଙ୍କ ଠାରୁ ୩ ଜଣ ଦୁର୍ବୃତ୍ତ ସୁନା ଚେନ ଓ ନଗଦ ୫୦ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୁଲିସ ଅନୁଯାୟୀ, କଣ୍ଟାବାହାଲ ଗାଁର ରଷିକେଶ ସାହୁଙ୍କ କନ୍ୟା ସହ କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାଞ୍ଚଳର ବିକାଶ ଗଡନାୟକ ନାମକ ଯୁବକଙ୍କ ବିବାହ ସ୍ଥିର ହୋଇଛି। ବିବାହ ପୂର୍ବରୁ କନ୍ୟା ଘରକୁ ଭାବି ସ୍ୱାମୀ ବୁଲିବାକୁ ଆସିଥିଲେ। ଆଜି ଭାବି ଦମ୍ପତି ଏକ ବାଇକ ଯୋଗେ କଣ୍ଟାବାହାଲ ଗାଁରୁ ଦେବଗଡ଼ ଅଭିମୁଖେ ଯାଉଥିଲେ। ପୂର୍ବାହ୍ନ ପ୍ରାୟ ୧୧ ଟାରେ ରଞ୍ଜଣା ଗାଁ ନିକଟସ୍ଥ ରାଞ୍ଚି-ବିଜୟୱାଡା ରାସ୍ତାରେ ଅନ୍ୟ ଏକ ବାଇକରେ ଆସୁଥିବା ୩ ଜଣ ଯୁବକ ସେମାନଙ୍କୁ ଅଟକାଇ ଭୟଭୀତ କରିବା ସହ ସେମାନଙ୍କ ଠାରୁ ସୁନା ଚେନ ଓ ନଗଦ ୫୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଭାବି ଦମ୍ପତି କୁଣ୍ଡେଇଗୋଳା ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଏହାପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖା ହେବାଯାଏଁ ପୁଲିସ କୌଣସି ଦୁର୍ବୃତ୍ତଙ୍କ ସନ୍ଧାନ କରିପାରି ନାହିଁ।

## ଆପ୍ରାଇଜ କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଦେବଗଡ଼,୨।୧୨(ସମିସ): ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ ଠାରେ ଆରମ୍ଭ ହୋଇଥିବା ଆପ୍ରାଇଜ କଲେଜର ବାର୍ଷିକ କ୍ରୀଡା ଉତ୍ସବ ଆଜି ମହା ସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌରାଧ୍ୟକ୍ଷ ପ୍ରଜିତ ଭୋଜ କ୍ରୀଡା ପତାକା ଉତ୍ତୋଳନ ଓ ମାର୍ଚ୍ଚପାଷ୍ଟ ସହ କ୍ରୀଡାର ଶୁଭାରମ୍ଭ କରିଥିଲେ। ଏଥିରେ ୧୦୦, ୨୦୦, ୪୦୦ ଓ ୧୬୦୦ ମିଟର ଦୌଡ଼, ଲମ୍ବ ଡିଆଁ, ଗୋଲାଫିଙ୍ଗା, ଡିସ୍କସଥ୍ରୋ, କ୍ରିକେଟ, ଫୁଟବଲ, କବାଡି, ଭଲିବଲ, ଖୋଖୋ, ବାଟି ଚାମଚ ଇତ୍ୟାଦି ବିଭିନ୍ନ ଖେଳରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବିକା ବିଲୁଙ୍ଗ, ସମ୍ମାନିତ ଅତିଥିଭାବେ ମୋ ଭାରତର କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ବିଶ୍ୱାଳ, ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାୟକ, ଆପ୍ରାଇଜ +୨ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନଙ୍କ ଦ୍ୱାରା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ହୋଇଥିଲା। ଶେଷରେ +୨ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜେଇଡି ପ୍ରିମିୟମ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କୋଲାବିରା,୨।୧୨(ସମିସ): କୋଲାବିରା ମିନି ଷ୍ଟାଡିୟମରେ ଚତୁର୍ଥ ଜେଇଡି ପ୍ରିମିୟମ ଲିଗ କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ୫ ଦିନ ଧରି ହେବାକୁ ଥିବା ପ୍ରିମିୟମ ଲିଗରେ ସରବାହାଲ, ପାହାଡି, ବାଗଡିହି, ଜମନକିରା, କୁଚିଣ୍ଡା, ଲଇକେରା, କୁସୁମି, ଝାରସୁଗୁଡ଼ା, ବେହେରାମାଲ, କେଶେଇବାହାଲ, ବାମରା, ସାହାପଡା, ରଘୁନାଥପାଲି, କଚେରୀ ଟିମ ୩୩କେଭି ଓ ଟିପିଡବ୍ଲ୍ୟୁଓଡିଲ ଆଦି ୧୬ଟି ଦଳ ଭାଗ ନେଇଛନ୍ତି। ପ୍ରଥମ ଦିନ ଖେଳ ସରବାହାଲ ଏବଂ ପାହାଡି ମଧ୍ୟରେ ହୋଇଥିଲା। ଏଥିରେ ପାହାଡି ଦଳ ବିଜୟ ହାସଲ କରିଥିବା ବେଳେ ଦ୍ୱିତୀୟ ଦିନ ବେହେରାମାଲ ଏବଂ କେଶେଇବାହାଲ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ବେହେରାମାଲ ଦଳ କେଶାଇବାହାଲକୁ ପରାସ୍ତ କରି ବିଜୟୀ ହୋଇଛନ୍ତି। ଟାଟା ପାୱାର ପଶ୍ଚିମ ଓଡ଼ିଶା ବିତରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ପ୍ରିମିୟମ ଲିଗ୍ ରଘୁନାଥପାଲି ବିଦ୍ୟୁତ ସେକ୍ସନ ଦ୍ୱାରା ପରିଚାଳିତ ହେଉଛି। ଏଥିରେ ରଘୁନାଥପାଲି ବିଦ୍ୟୁତ ସେକ୍ସନର ସୁପରଭାଇଜର କିଶୋର ଚନ୍ଦ୍ର ପୁହାଣଙ୍କ ନେତୃତ୍ୱରେ ଅନ୍ୟ କର୍ମଚାରୀ ମାନେ ସହଯୋଗ କରୁଛନ୍ତି। ଲିଗ୍‌ରେ ଭାଗ ନେଇଥବା ସମସ୍ତ ଦଳ ବିଦ୍ୟୁତ ବିଭାଗ ଅଧିନରେ କାର୍ଯ୍ୟରତ କର୍ମଚାରୀ ହୋଇଥିବା ବେଳେ ବିଭିନ୍ନ ସେକସନରୁ ପ୍ରତିନିଧିତ୍ୱ କରୁଛନ୍ତି। ଏହାଦ୍ୱାରା ଆଖପାଖ ଅଞ୍ଚଳରେ ରହି କାର୍ଯ୍ୟ କରୁଥିବା ସହକର୍ମୀଙ୍କ ମଧ୍ୟରେ ପରିଚୟ ଆଦାନ ପ୍ରଦାନ ସାଙ୍ଗକୁ ଅର୍ନ୍ତନିହିତ ପ୍ରତିଭା ପ୍ରକାଶ କରିବାର ସହାୟକ ହେବ। ଆସନ୍ତା ୫ ତାରିଖ ପ୍ରିମିୟମ ଲିଗର ଉଦ୍‌ଯାପନୀ ଉତ୍ସବରେ ଉତ୍ତମ ପ୍ରଦର୍ଶନ କରିଥିବ ଖେଳାଳି ମାନଙ୍କୁ ତଥା ବିଜେତା ଓ ଉପବିଜେତାଙ୍କୁ ପୁରସ୍କୃତ କରାଯିବାର କାର୍ଯ୍ୟକ୍ରମ ରହିଛି।



## ବ୍ୟଞ୍ଜନ ଦ୍ୱାଦଶୀରେ ଲାଗି ହେଲା ୫୬ ଭୋଗ



କୋଲାବିରା,୨।୧୨(ସମିସ): କୋଲାବିରା ବ୍ଲକ୍‌ର ପରମାଣପୁର ସ୍ଥିତ ଜଗନ୍ନାଥ ମନ୍ଦିରରେ ବ୍ୟଞ୍ଜନ ଦ୍ୱାଦଶୀ ଅବସରରେ ଠାକୁରଙ୍କ ନିକଟରେ ୫୬ ଭୋଗ ଲାଗି ହୋଇଛି। ପୂଜକ ଶିବ ଶଙ୍କର ମହାପାତ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଠାକୁରଙ୍କ ନିକଟରେ ଭୋଗ ଲାଗି ହୋଇଥଲା। ଏଠାରେ ବର୍ଷ ସାରା ବିଭିନ୍ନ ସମୟରେ ବିଭିନ୍ନ ପ୍ରକାରର ପୂଜା ସହ ଭୋଗଲାଗି କରାଯାଏ। ମାତ୍ର ୫୬ ଭୋଗ କେବଳ ବର୍ଷକୁ ଥରେ ବ୍ୟଞ୍ଜନ ଦ୍ୱାଦଶୀ ଦିନ ହିଁ ଲାଗି ହୋଇଥାଏ। ମନ୍ଦିର ନିର୍ମାଣ ଏବଂ ବିଗ୍ରହ ସ୍ଥାପନା ପରଠାରୁ ଗ୍ରାମବାସୀ ତଥା ଶ୍ରଦ୍ଧାଳୁଙ୍କ ପକ୍ଷରୁ ନିୟମିତ ଭାବେ ପ୍ରତିବର୍ଷ ଏହି ତିଥିରେ ୫୬ ଭୋଗ ଲାଗି ହୋଇଥାଏ। ଏଇ ଅବସରରେ ଜଗନ୍ନାଥ ମନ୍ଦିର କମିଟିର ଗୌରବ ରଞ୍ଜନ ନାଏକ, ଶୁଭମ ସାହ, ଉମାକାନ୍ତ କିଷାନ, ସରୋଜ ନାଏକ, ଗୋପାଲ ମହାପାତ୍ର, କେଶବ ଭୋଇ, ଜିତେନ ପଶାଏତ, ସରୋଜ ସାହୁ, ବିଜୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରସାଦ ବଣ୍ଟନ କରାଯାଇଥିଲା।

### ଡିଗ୍ରୀପଡ଼ା ଖୋଲାମଞ୍ଚ ଗୋପଲୀଳା ଯାତ୍ରା

## ମନମୋହିଲା ଶୋଭାଯାତ୍ରା ସହ ରାଧାକୃଷ୍ଣଙ୍କ ନାବକେଳି

ଝାରସୁଗୁଡ଼ା,୨।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଲୋଇସିଂହ ପଞ୍ଚାୟତ ଅଧୀନ ଡିଗ୍ରୀପଡ଼ା ଠରକଶପୁର ଠାରେ ୭୦ ତମ ବିରାଟ ଗୋପଲୀଳା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପାଇଁ ଠରକଶପୁର ଗୋପପୁରରେ ପରିଣତ ହୋଇଛି। ଗାଁରେ ଥିବା ପୋଖରୀ ଯମୁନା ନଦୀ ଏବଂ ପାଖ ପାହାଡ ପଲଟିଛି ଗିରି ଗୋବର୍ଦ୍ଧନ। ବିରାଟ ଗୋପଲୀଳା ଯାତ୍ରା ଅବସରରେ ସୋମବାର ନନ୍ଦ ମହାରାଜଙ୍କ ରାଜ୍ୟାଭିଷେକ ହୋଇଥିଲା। ଏଥର ନନ୍ଦରାଜା ଭୂମିକାରେ ହରିଶଙ୍କର ପଟେଲ, କଂସ ଭୂମିକାରେ ରାଜେଶ ପ୍ରଧାନ, ନାରଦ ନିର୍ମଳ ଭୋଇ, କୃଷ୍ଣ ଶ୍ରୁତି ଗୁରୁ, ବଳରାମ ଦୀପ୍ତି ଗୁରୁ, ରାଧା ଅମ୍ରିତା ପଟ୍ଟା, ଯଶୋଦା ପ୍ରଜ୍ଞା ଭୋଇ, ଦୁତି ଶ୍ରୁତି ପ୍ରଧାନ, ନାଉରି ଭାବେ ଗୋବିନ୍ଦ ଭୋଇ ଅଭିନୟ କରୁଛନ୍ତି। ସ୍ୱପ୍ନେଶ୍ୱର ଭୋଇ କଣ୍ଠଦାନ ଓ ଗୋରାଚାନ୍ଦ ମିଶ୍ର ସଙ୍ଗୀତ ପରିବେଷଣ କରିଥିଲେ। ମଙ୍ଗଳବାର ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭବ୍ୟ ଶୋଭାଯାତ୍ରାରେ ଯାଇ ଲକ୍ଷ୍ମୀସାଗରରେ ରାଧା କୃଷ୍ଣଙ୍କ ନାବକେଳି ଅନୁଷ୍ଠିତ ହୋଇଥିଲା। ନାବକେଳି ଦେଖିବା ସହିତ ପ୍ରଭୁଙ୍କର ଆଶିଷ ଲାଭ ପାଇଁ ଝାରସୁଗୁଡ଼ା ଜିଲ୍ଲା ସମେତ ସୁନ୍ଦରଗଡ ଜିଲ୍ଲାରୁ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା। ଗୋପଲୀଳା ଯାତ୍ରା, କଂସ ଦରବାର ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାତ୍ରିରେ ନାଟକ 'ଆଖି ଅବୁଝାକୁ ଲୁହ ଅବୁଝା' ପରିବେଷଣ କରାଯାଇଥିଲା।



## ପୋଷ୍ୟ ସନ୍ତାନ ଗ୍ରହଣ କଲେ ଦୁଇ ଦମ୍ପତି




ଝାରସୁଗୁଡ଼ା,୨।୧୨(ସମିସ): ପୋଷ୍ୟ ସନ୍ତାନ ଗ୍ରହଣର ପ୍ରାକ୍ ପ୍ରକ୍ରିୟାରେ ମଙ୍ଗଳବାର ଦୁଇ ଜଣ ଶିଶୁଙ୍କୁ ପୃଥକ ଭାବେ ଯଥାକ୍ରମେ ପଶ୍ଚିମବଙ୍ଗ ଓ ଭୁବନେଶ୍ୱରର ଦୁଇ ଦମ୍ପତି ଝାରସୁଗୁଡ଼ାରୁ ପୋଷ୍ୟ ସନ୍ତାନ ରୂପେ ଗ୍ରହଣ କରିଛନ୍ତି। ଉଭୟ ଦମ୍ପତି ଜିଲ୍ଲାପାଳଙ୍କର ସଭା ଗୃହରେ ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନଙ୍କ ଉପସ୍ଥିତିରେ ଦୁଇ ପୁତ୍ର ସନ୍ତାନ ଗ୍ରହଣ କରି ଖୁସି ବ୍ୟକ୍ତ କରିବା ସହିତ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଆଶିଷ ପଣ୍ଡା, ସୁରକ୍ଷା ଅଧିକାରୀ ଅଣଅନୁଷ୍ଠାନିକ ଶିଳ୍ପାଞ୍ଜଳି ତୀର୍କି, ପରାମର୍ଶଦାତା ସମୀର ମିଶ୍ର, ମୋନାଲିସା ପଟ୍ଟନାୟକ, ପୋଷ୍ୟ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା ପ୍ରବୀଣ ବାଗ ତଥା ଡ.ଅଙ୍କିତ ପଟ୍ଟନାୟକ ଉପସ୍ଥିତ ଥିଲେ।

## ଚନ୍ଦନଖୁଣ୍ଟି ମାଁ ତାରିଣୀ ମନ୍ଦିର ପ୍ରତିଷ୍ଠା



ଦେବଗଡ଼,୨।୧୨(ସମିସ): ଚନ୍ଦନଖୁଣ୍ଟିଠାରେ ମାଁ ତାରିଣୀଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ମାଁ ତାରିଣୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ ଯଜ୍ଞକର୍ତ୍ତା ଭାବେ ସୁଶାନ୍ତ ପ୍ରଧାନ ଓ କୁଣ୍ଡଳିନୀ ମହାନ୍ତୀ, ଲମ୍ବୋଦର ସାହୁ ଓ ପ୍ରିୟମ୍ବଦା ସାହୁ, ଖଦ ନେତୁର ଓ ଉଷା ନେତୁର ପ୍ରମୁଖ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ପୂଜକ ସଞ୍ଜୟ ଶତପଥୀ, ଧିର ପଣ୍ଡା ଓ କାଳିଆ ନନ୍ଦ ପ୍ରତିଷ୍ଠା ଉତ୍ସବ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। କେନ୍ଦୁଝର ଘଟଗାଁ ତାରିଣୀ ପୀଠରୁ ମାଁ ତାରିଣୀଙ୍କର ଆଜ୍ଞାମାଳ ଓ ଶକ୍ତି ନେଇ ପ୍ରଶାନ୍ତ ନାୟକ ଓ ଶରତ ଦେହୁରୀ ଦୁଇ ଜଣ ପୂଜକ ଆସିଥିଲେ। ମନ୍ଦିର ନିର୍ମାଣ କରିଥିବା ମୁଖ୍ୟ ମିସ୍ତ୍ରୀ ପ୍ରକାଶଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ। ମନ୍ଦିର ପ୍ରତିଷ୍ଠା ଯଜ୍ଞ ଓ ମାଁ ତାରିଣୀଙ୍କୁ ପିଣ୍ଡିରେ ସ୍ଥାନିତ କରି ଯଜ୍ଞ କରାଯାଇଥିଲା। ସଙ୍କୀର୍ତ୍ତନ ଓ ଢୋଲବାଦ୍ୟରେ ପୀଠ ପ୍ରକମ୍ପିତ ହେଇଥିଲା। ଭକ୍ତମାନେ ମଧ୍ୟାହ୍ନରେ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟାରେ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯଜ୍ଞରେ ଦଣ୍ଡାସିଂହା, କଣ୍ଢେଳ, ଦନ୍ତାରିବାହାଳ କାମମୁଣ୍ଡା ଗାଁର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ପ୍ରତିଷ୍ଠା ଉତ୍ସବରେ ଅନିରୁଦ୍ଧ ନାୟକ, ହୀରାଧର ସାହୁ, ସତ୍ୟବାଦୀ ପ୍ରଧାନ ତଥା ମନ୍ଦିର ପରିଚାଳନା କମିଟି ଓ ଚନ୍ଦନଖୁଣ୍ଟି ଗ୍ରାମବାସୀ ବୃନ୍ଦ ସହଯୋଗ କରିଥିଲେ।

## ନୂତନ ପେନ୍‌ସନ୍ ଯୋଜନାଭୁକ୍ତ ଶିକ୍ଷକ ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

● ୨ ଦଫା ଦାବିରେ ଆନ୍ଦୋଳନ ଚେତାବନୀ

ଦେବଗଡ଼,୨।୧୨(ସମିସ): ରାଜ୍ୟରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ମାନଙ୍କର ୨ଗୋଟି ସମସ୍ୟାର ଆଶୁ ସମାଧାନ ଦାବିରେ ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ସଂଘ, ଓଡ଼ିଶାର ଆହ୍ୱାନ କ୍ରମେ ଆଜି ସମଗ୍ର ରାଜ୍ୟର ପ୍ରାଥମିକ ଶିକ୍ଷକ (ନୂତନ ପେନସନ ଯୋଜନାଭୁକ୍ତ) ମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଦାବି ଜଣାଇଛନ୍ତି। ଆଜି ଦେବଗଡ଼ ଜିଲା ନୂତନ ପେନସନ ଯୋଜନା ଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାର ତିଲେଇବଣି, ବାରକୋଟ ଓ ରିଆମାଳ ଆଦି ତିନୋଟି ଯାକ ବ୍ଲକ୍‌ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ସଂଘର ସଭାପତି ତ୍ରିନାଥ ଖୁଣ୍ଟିଆ ଓ ଆବାହକ ଶରତ ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ମେଘନାଦ ରଣଜିତ ଓ ଗୋବର୍ଦ୍ଧନ ବିଶ୍ୱାଳଙ୍କ ସମେତ ସଂଘର ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ୪ ତାରିଖ ମଧ୍ୟରେ ଦୁଇଟି ଯାକ ଦାବି ପୂରଣ ନହେଲେ ୫ ତାରିଖରୁ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସ୍ମାରକପତ୍ର ଜରିଆରେ ଲିଖିତ ଚେତାବନୀ ଦେଇଥିଲେ। ପ୍ରାଥମିକ ଶିକ୍ଷକ ମାନଙ୍କର ମୂଳ ପଦବୀକୁ ଅପଗ୍ରେଡ କରି ଲେବୁଲ ୯ ଅନୁଯାୟୀ ମୂଳ ବେତନ ୩୫୪୦୦ ଟଙ୍କା ପ୍ରଦାନ, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ପ୍ରଥା ଉଚ୍ଛେଦ କରି ୨୦୦୧ ମସିହାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକ ମାନଙ୍କର ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ସହ ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ ଆଦି ଦୁଇଗୋଟି ଦାବି ରହିଛି। ମାତ୍ର ଉପରୋକ୍ତ ୨ଗୋଟି ଦାବି ପୂରଣ ନେଇ ରାଜ୍ୟରେ କାର୍ଯ୍ୟରତ ଏକଲକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ଦୀର୍ଘ ଦିନରୁ ଏକାଧିକବାର ସରକାରଙ୍କ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ।



# ସମଲେଶ୍ୱରୀ ସାହିତ୍ୟ ସଂସଦର ତ୍ରୟୋଦଶ ସ୍ୱନକ୍ଷତ୍ର ଉତ୍ସବ

କୋଲାବିରା,୨।୧୨(ସମିସ):



ଝାରସୁଗୁଡ଼ା ଜିଲ୍ଲା କୋଲାବିରା ସ୍ଥିତ ସମଲେଶ୍ୱରୀ ସାହିତ୍ୟ ସଂସଦର ତ୍ରୟୋଦଶ ସ୍ୱନକ୍ଷତ୍ର ଦିବସ ସମାରୋହରେ ସ୍ଥାନୀୟ ଶହୀଦ କରୁଣାକର ପାର୍କ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ସଂସଦର ମୁଖପତ୍ର ଅଗ୍ନିତୀର୍ଥର ଉନ୍ମୋଚନ ହୋଇଥିଲା। ସାହିତ୍ୟ ସଂସଦର ସଭାପତି ପ୍ରଜ୍ଞା ସୌରଭ ଶୋଭାଚନ୍ଦ୍ର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ ଯୋଗଦେଇ ସାରସ୍ୱତ ଉତ୍ସବର ଶୁଭାରମ୍ଭ କରିଥିଲେ। ଏଥିରେ ବୌଦ୍ଧ ଜିଲ୍ଲାର ବିଶିଷ୍ଟ ସାହିତ୍ୟିକ ତଥା ରାଜ୍ୟର ପୂର୍ବତନ ଅର୍ଥ କମିଟି ସଦସ୍ୟ ଇଂ.ସଞ୍ଜୟ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ବଲପୁରର ଅବସରପ୍ରାପ୍ତ ଅଧ୍ୟାପକ ଦେବରାଜ ସାହୁ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଗୁଳର ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମୂରଲୀଧର ନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ତଥା ଆଇନଜୀବୀ ପ୍ରଫୁଲ୍ଲ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍ୱର୍ଗତ ରାଜମାତା ଗୁଣବନ୍ତି ଦେଈ, ଅଭିମନ୍ୟୁ ପଟେଲ, ବିକ୍ରମ ପାଣ୍ଡେ, ଅରୁଣ ପଟ୍ଟନାୟକ ତଥା ଅନ୍ୟ କବି ଲେଖକଙ୍କ ସ୍ମୃତି ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। କବି ରାଜଶ୍ରୀ ମେହେରଙ୍କ ରଚିତ ସ୍ମୃତି ଫରୁଆକୁ ଲୋକାର୍ପଣ କରାଯାଇଥିଲା। ଚଳିତ ବର୍ଷ ସାହିତ୍ୟ ସଂସଦ ପକ୍ଷରୁ ଯୁଯୋମୁରାର ଡ.ପ୍ରଦୀପ ପଣ୍ଡାଙ୍କୁ ସେବାବାରିଧି ସମ୍ମାନ, ସମ୍ବଲପୁରର ଡ.ମମତା ପ୍ରିୟଦର୍ଶିନୀ ସାହୁଙ୍କୁ କବିରତ୍ନ ସମ୍ମାନ, କୁଚିଣ୍ଡାର ନିନା ପଟେଲଙ୍କୁ ସେବାଭାରତୀ ସମ୍ମାନ ଓ ସସ୍ମିତା ପଟେଲଙ୍କୁ କୁନ୍ତଳାକୁମାରୀ ସମ୍ମାନ, ଖୋର୍ଦ୍ଧାର ସସ୍ମିତା ଗ୍ରହାଚର୍ଯ୍ୟଙ୍କୁ ଅବନ୍ତି ସ୍ମୃତି ସମ୍ମାନ, ବ୍ରଜରାଜନଗରର ବ୍ୟାସଦେବ ପଣ୍ଡାଙ୍କୁ ନବୀନ ସ୍ମୃତି ସମ୍ମାନ, ଭାତଲଇଡାର ରିଙ୍କି ମହାନନ୍ଦଙ୍କୁ ଶିକ୍ଷକ ଗୌରବ ସମ୍ମାନ, ତରଭାର ହିମାଂଶୁ ମିଶ୍ରଙ୍କୁ କଳା ଭୂଷଣ ସମ୍ମାନ, ଗଡପୋଷର ଅମ୍ରିତ ବିଶ୍ୱାଳଙ୍କୁ ଶିକ୍ଷକ ଗୌରବ ସମ୍ମାନ, ଦେବଗଡ଼ର ଅଶୋକ ମିଶ୍ରଙ୍କୁ ସାହିତ୍ୟ ସୁରଭି ସମ୍ମାନ, କାଙ୍ଗମାଳର ସୁପ୍ରିତା ପଟେଲଙ୍କୁ ଅବନ୍ତି ସ୍ମୃତି ସମ୍ମାନ, ଅର୍ଡାର ମୀରା ନାଏକଙ୍କୁ ସଂଯୁକ୍ତା ସ୍ମୃତି ସମ୍ମାନ, କୋଲାବିରାର ସରୋଜ ଟଣ୍ଡକାରଙ୍କୁ ଶିକ୍ଷକ ଗୌରବ ସମ୍ମାନ, ସୁବର୍ଣ୍ଣପୁରର ସୁମନ୍ତ ସାହୁଙ୍କୁ କଳାବାରିଧି ସମ୍ମାନ ଭାବେ ସମ୍ମାନିତ କରାଯାଇ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ସାହିତ୍ୟ ସଂସଦର ସମ୍ପାଦକ କୀର୍ତ୍ତି ଚନ୍ଦ୍ର ବହିଦାର ଅତିଥି ଆମନ୍ତ୍ରଣ ଓ ପରିଚୟ ପ୍ରଦାନ କରିଥିଲେ। ପଣ୍ଡିତ ତଇଲୋକ୍ୟନାଥ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପ୍ରଶିକ୍ଷିକ ସଚିନ୍ଦ୍ର ପଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ। ବରଗଡ଼ ଭଟଲିର ସମ୍ବଲପୁରୀ ହାସ୍ୟ କବି ଦେବେନ୍ଦ୍ର ସାହୁ କବିତା ଆବୃତ୍ତି କରିଥିଲେ। ସମାସିଂହା କ୍ଷୀରୋଦ ଗୌନ୍ତିଆ ବାଳିକା ହାଇସ୍କୁଲର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଏ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୨୯ ଜଣ ରକ୍ତଦାନ କରିଥିଲେ। ଏଥିରେ ଝାରସୁଗୁଡ଼ା ବ୍ଲଡ ବ୍ୟାଙ୍କ୍‌ର ଡ.ସିଲାବନ୍ତି ଯୋଜୋ, କର୍ମଚାରୀ ମଞ୍ଜୁ ସିଂ, କିରଣ ସାହୁ, ଭବାନୀ ଶଙ୍କର ସୁନ୍ୟାନି, ଦିଲିପ ବଞ୍ଜୋର୍ ପ୍ରମୁଖ ସହଯୋଗ କରିଥିଲେ। ଏହାସହ ତ୍ରିଲୋଚନ ନେତ୍ରାଳୟ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୮୮ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ୪୮ ଜଣଙ୍କୁ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା ଓ ୮ ଜଣଙ୍କୁ ମୋତିଆବିନ୍ଦୁ ଅପରେସନ ପାଇଁ ନିଆଯାଇଥିଲା। ଏଥିରେ ସୂର୍ଯ୍ୟକାନ୍ତି ନାୟକ, ଛବିରାଣି ପୃଷ୍ଠେଠଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ। ଏହାସହ ଆଭା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆୟୋଜନ ସହ ହେପାଟାଇଟିସ ବି ଓ ସି, ଏଡ୍ସ ଇତ୍ୟାଦି ପାଇଁ ରକ୍ତ ପରୀକ୍ଷା କରାଯାଇଥିଲା। ଏଥିରେ ଡ. ଏସସି ନାଏକ, ପ୍ରୋଗ୍ରାମ ମ୍ୟାନେଜର ନମିତ ରାଉତ, କାଉନସିଲର ମମତା ପାତ୍ର, ସ୍ୱାସ୍ଥ୍ୟ ଏଡୁକେଟର ବିବେକ ବଡେକ, ହିମାଂଶୁ ଦାନି ଓ ପ୍ରିୟା ସିଂ ପ୍ରମୁଖ ସହଯୋଗ କରିଥିଲେ। ଅନୁଷ୍ଠିତ ଉତ୍ସବରେ ଅଶୋକ ବେହେରା, ସରୋଜ ଟଣ୍ଡକାର, ଦେବାଶିଷ ସିଂ ଠାକୁର, ସତ୍ୟନାରାୟନ ଦାଶ, ସୁକାନ୍ତ ସାହୁ, ପ୍ରବୀଣ ସାହୁ, ମନୋଜ ପ୍ରଧାନ, ବସନ୍ତ ସାହୁ, କୁନାଲ ବହିଦାର, ବାବୁରାଏ, ଭୀଷ୍ମଦେବ ପଟେଲ, ତୁଳାରାମ ସେନାପତି, ସୁନନ୍ଦ ପଟେଲ, ନିର୍ମଳ ଚାନ୍ଦ, ଯୋଗିନ୍ଦ୍ରରାଏ, ବିରଞ୍ଚି ପଟେଲ, ଭୀମସେନ ଭଞ୍ଜ, ଶ୍ରୀମନ୍ତ ସାହୁ, ଅସିତ ବହିଦାର, ଓଁକାର ସାହୁ ପ୍ରମୁଖଙ୍କ ସହ ଅନ୍ୟ ସଦସ୍ୟ ସହଯୋଗ କରିଥିଲେ।

# ସରକାରଙ୍କ ଆନ୍ତରିକତା ଉପରେ ସନ୍ଦେହ

- ସହର ଗଠନ ପ୍ରକ୍ରିୟାକୁ ନେଇ ରାଜ୍ୟ ସରକାରଙ୍କ ଚାଲାକି
- ୫ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଗୋଟିଏ ପୌର ପରିଷଦ ପାଇଁ ଅଧିସୂଚନା ଜାରି ହୋଇନି
- ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମିଳିଥିବା ହେମନ୍ତ ପଣ୍ଡାଙ୍କ ଅଭିଯୋଗ

ବଲାଙ୍ଗିର, ୨ ।୧୨(ସମିସ)

ରାଜ୍ୟରେ ବିଜେପି ସରକାର ଆସିବା ପରେ ବିଜେଡି ସରକାର ସମୟରେ ଘୋଷଣା ହୋଇଥିବା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌର ପରିଷଦ ଗଠନକୁ ସ୍ଥଗିତ ରଖାଯାଇଥିଲା । ଏହା ପରେ ରାଜ୍ୟରେ ୩୦ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୮ଟି ପୌର ପରିଷଦ ଗଠନ କରିବାକୁ ଘୋଷଣା କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ହେମନ୍ତ ପଣ୍ଡାଙ୍କୁ ତଥ୍ୟ ମିଳିଛି । ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିର୍ବାଚନ ଶାଖା ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ପଣ୍ଡା କହିଛନ୍ତି ଯେ, ନୂତନ ୩୦ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ୮ଟି ପୌର ପରିଷଦ ଗଠନ କରାଯାଇଥିବା ସରକାର ଘୋଷଣା କରିଛନ୍ତି; ହେଲେ ୪ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଗୋଟିଏ ପୌର ପରିଷଦ ପାଇଁ ଅଧିସୂଚନା ଜାରି କରାଯାଇନି । ସୂଚନା ଅଧିକାର ତଥ୍ୟକୁ ଆଧାର କରି ପୌର ଆଇନ-୧୯୫୦ ଅନୁଯାୟୀ ଗତ ଅଗଷ୍ଟ ୧୬ ତାରିଖ ଦିନ ୧୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଯଥା ପାଲଲହଡା, ସିମୂଳିଆ, ବସ୍ତା, ତିହିଡି, ଧୂସୁରି, ବେତନଟି, ବାଙ୍ଗିରିପୋଷି, ଚିତ୍ରଡା, ବିଷମକଟକ, ବାମରା, ରେଙ୍ଗାଲି, ବୀରମହାରାଜପୁର ପାଇଁ ସରକାରୀ ଅଧିସୂଚନା ଜାରି କରାଯାଇଛି । ସେହିଭଳି ସେପ୍ଟେମ୍ବର ୧ ତାରିଖରେ ସୋହେଲା, ସାଲେପୁର, ବଡମ୍ବା, ନରସିଂହପୁର, ଗଁଦିଆ, ଜଗନ୍ନାଥପ୍ରସାଦ, ପାତ୍ରପୁର, ନର୍ଲା, ଜୟପାଟଣା, ଟାଙ୍ଗି, ବରିଗୁମ୍ମା ଓ ୨ଟି ପୌର ପରିଷଦ ପୋଲସରା, କରଞ୍ଜିଆ ଗଠନ ପାଇଁ ଅଧିସୂଚନା ଜାରି ହୋଇଛି । କପ୍ତିପଦା ଏନଏସି ପାଇଁ ସେପ୍ଟେମ୍ବର ୮ରେ, ନୂତନ ପୌର ପରିଷଦ ଆସ୍କା ପାଇଁ ସେପ୍ଟେମ୍ବର ୧୭, କବିସୂର୍ଯ୍ୟନଗର ପାଇଁ ଅକ୍ଟୋବର ୧୦, ଭଞ୍ଜନଗର ପାଇଁ ଅକ୍ଟୋବର ୧୪, ବୌଦ୍ଧଗଡ଼ ପାଇଁ ଅକ୍ଟୋବର ୧୬, ଛତ୍ରପୁର ପାଇଁ ଯଥାକ୍ରମେ ଅକ୍ଟୋବର ୩୦ ତାରିଖରେ ରାଜ୍ୟ ସରକାର ଅଧିସୂଚନା ଜାରି କରିଥିଲେ । ଅଧିସୂଚନାରେ ସମ୍ପୃକ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌର ପରିଷଦ ଅଞ୍ଚଳରେ ସାମିଲ ହେବାକୁ ଥିବା ରାଜସ୍ୱ ଗ୍ରାମଗୁଡିକୁ ଚିହ୍ନଟ କରାଯାଇ ସାମିଲ କରିବା ପାଇଁ ପ୍ରସ୍ତାବ ରଖାଯାଇଛି; କିନ୍ତୁ ବଲାଙ୍ଗିର ଜିଲ୍ଲାର ଲୋଇସିଂହା, ଯାଜପୁରର ଚଣ୍ଡିଖୋଲ, ନୂଆପଡ଼ା ଜିଲ୍ଲାର ସିନାପାଲି, କୋମନା, ମୟୂରଭଞ୍ଜ ଜିଲ୍ଲାର ଯଶିପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ନୂଆପଡ଼ା ଜିଲ୍ଲାର ଖରିଆର ରୋଡ ପୌର ପରିଷଦ ଗଠନ ପାଇଁ ଅଧିସୂଚନା ଜାରି କରାଯାଇ ନ ଥିବା ତଥ୍ୟରୁ ଜଣା ପଡ଼ିଛି ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି । ନୂଆପଡ଼ା ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇଥିଲେ ମଧ୍ୟ କେତେକ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌର ପରିଷଦ ଗଠନ ପାଇଁ ପୌର ଆଇନ ଅନୁଯାୟୀ ଅଧିସୂଚନା ଜାରି କରାଯାଇ ନାହିଁ । ସିନାପାଲି, କୋମନା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଖରିଆର ରୋଡ ପୌର ପରିଷଦ ପାଇଁ ନୂଆପଡ଼ା ଜିଲ୍ଲାପାଳଙ୍କ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇ ନ ଥିବା ତଥ୍ୟରୁ ଜଣା ପଡ଼ିଛି ।

## ଜଟଗଡ଼ଗାଁରେ ଶ୍ରୀକୃଷ୍ଣଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପର୍ବ

**ନୂଆପଡ଼ା, ୨ ।୧୨(ସମିସ):** ମାର୍ଗଶିର ଶୁକ୍ଳ ଦ୍ୱାଦଶୀ ବ୍ୟଞ୍ଜନ ଦ୍ୱାଦଶୀ ବା ଅଖଣ୍ଡ ଦ୍ୱାଦଶୀ ନାମରେ ପରିଚିତ ଓ ଦ୍ୱାପର ଯୁଗର ଲୋକ କଥା ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ପ୍ରତି ବର୍ଷ ପର୍ବ ପାଳିତ ହୋଇ ଆସୁଛି । ଆଜିର ଦିନରେ ଯଶୋଦା ମାଆ ପୁତ୍ର ଶ୍ରୀକୃଷ୍ଣଙ୍କ ପାଇଁ ନାନାଦି ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଖାଇବାକୁ ଦେଇଥିବାର କିମ୍ବଦନ୍ତୀ ରହିଛି । ସେହି ପରମ୍ପରାକୁ ମନେ ପକାଇବା ପାଇଁ ଆଜିର ଦିନରେ ନୂଆପଡ଼ା ଜିଲ୍ଲା କୋମନା ବ୍ଲକର ଜଟଗଡ଼ ଗାଁର ବରଗଛ ବୃକ୍ଷମୂଳ ବିଗତ ସତର ବର୍ଷ ହେବ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସାହର ସହ ପାଳିତ ହୋଇଆସୁଛି । ପ୍ରଥମେ ବ୍ୟଞ୍ଜନ ଦ୍ୱାଦଶୀ ପୂଜା ସ୍ୱର୍ଗତ ବାବା ଭାଗବତ ଚରଣ ଦାସ ଜଟଗଡ଼ ଗାଁରେ ଆରମ୍ଭ କରିଥିଲେ । ବ୍ୟଞ୍ଜନ ଦ୍ୱାଦଶୀ ଗୌଡ଼ ସମ୍ପ୍ରଦାୟ ଶ୍ରଦ୍ଧାଳୁଙ୍କ ଏହା ପ୍ରମୁଖ ପର୍ବ । ଗୌଡ଼ ବଂଶୀୟ ଧର୍ମାଳମ୍ବି ମାନେ ନିଷ୍ଠାର ସହିତ ପାଳନ କରିଥାନ୍ତି । ପର୍ବକୁ ପାଳନ କରିବା ପାଇଁ ଜଟଗଡ଼ ଗାଁର ବରଗଛ ବୃକ୍ଷମୂଳରେ ପୂଜାର ଆୟୋଜନ କରନ୍ତି । ଗାଁରେ ଭକ୍ତଙ୍କ ଦ୍ୱାରା ସଙ୍କୀର୍ତ୍ତନ, ଘଣ୍ଟ, ଶଙ୍ଖ ଓ ହୁଳହୁଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ପୂଜକ ଗଜପତି ବନଛୋରଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ କରିଥିବା କର୍ତ୍ତା ଭାବରେ ଯଶବନ୍ତ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ସୁକାନ୍ତି ପ୍ରଧାନ ରହିଥିଲେ । ଖଗେଶ୍ୱର ପ୍ରଧାନ, ଶିବ ବନଛୋର, ଜୟବଳ ନାଗ, ଶଙ୍କର ବନଛୋର, ପ୍ରଭାତ ପ୍ରଧାନ, ଅଶୋକ ପ୍ରଧାନ, ଧ୍ରୁବ ବାଗ, ପବିତ୍ର ପ୍ରଧାନ, ନଟବରବାଗ, କେଶବ ଚିନାଗୁନ, ଘନଶ୍ୟାମ ପ୍ରଧାନ, ଶରତଚନ୍ଦ୍ର ପ୍ରଧାନ ପ୍ରମୁଖ ସହ ଗ୍ରାମବାସୀ ସହଯୋଗ କରିଥିଲେ ।



- ଜିଲ୍ଲାସ୍ତରୀୟ ମାଣ୍ଡିଆ କ୍ରୟ କମିଟି ବୈଠକ

## ଜାନୁଆରୀ ୩ରୁ ମାଣ୍ଡିଆ କିଣାଯିବ

**ନୂଆପଡ଼ା, ୨ ।୧୨(ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଚଳିତ ଖରିଫ ବିପଣନ ୨୦୨୫-୨୬ ପାଇଁ ମାଣ୍ଡିଆ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସାଂସଦ (କଳାହାଣ୍ଡି) ଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ, ବିଧାୟକ (ନୂଆପଡ଼ା)ଙ୍କ ପ୍ରତିନିଧି ରାମଲାଲ ହଂସ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଉପନିବନ୍ଧକ ସମବାୟ ସମିତି ଶିବ ସ୍ୱାଇଁ, ଆରଏମସି. ସମ୍ପାଦକ ଆର୍ଯ୍ୟ କୁମାର ମୁଦୁଲି ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ । ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ କାର୍ଯ୍ୟସୂଚୀ ଅନୁଯାୟୀ ତଥ୍ୟ ଉପସ୍ଥାପନ କରିଥିଲେ । ଆସନ୍ତା ୩ ଜାନୁଆରୀ ୨୦୨୬ ତାରିଖରୁ ନୂଆପଡ଼ା ଜିଲ୍ଲାର ୩୦ଟି ମଣ୍ଡି ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କୁଇଣ୍ଟାଲ ପିଛା ୪୮୮୬ ଟଙ୍କା ପ୍ରତି କୁଇଣ୍ଟାଲ ହିସାବରେ ନୂଆପଡ଼ା ଜିଲ୍ଲାରୁ ୧୭୭୦୪କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯିବ ବୋଲି ନିଷ୍ପତ୍ତି ନିଆଗଲା । ଜିଲ୍ଲା ର ସମସ୍ତ ମାଣ୍ଡିଆ ଚାଷୀ ନିଜର କୃଷକ ଓଡ଼ିଶା ପରିଚୟପତ୍ର ନେଇ ନିକଟସ୍ଥ ଗୋଷ୍ଠୀ କୃଷି ଅଧିକାରୀ ଅଫିସରେ ଯୋଗାଯୋଗ କରି ୬ ଡିସେମ୍ବର ୨୦୨୫ ସୁଦ୍ଧା ନିଜର ପଞ୍ଜୀକରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

## ୧୫ ଛେଳିମେଣ୍ଢା ମାରି ଖାଇଲା କଲରାପତରିଆ

**ନୂଆପଡ଼ା /ବୋଡ଼େନ, ୨ ।୧୨(ସମିସ):** ବୋଡ଼େନ ଥାନା ଅନ୍ତର୍ଗତ କର୍ଲାକୋଟ ପଞ୍ଚାୟତ କିରେଝୋଲା ଗାଁର ଜଣେ ଚାଷୀଙ୍କ ମେଣ୍ଢା ଗୁହାଳରେ ସୋମବାର ରାତିରେ କଲରା ପତରିଆ ବାଘ ପଶି ୧୫ଟି ଛେଳି ମେଣ୍ଢାକୁ ମାରି ଖାଇଦେଇଛି । ଗୁହାଳରୁ ଟାଣି ବାହାରକୁ ଆଣି ରକ୍ତ ପିଇ ଛାଡି ଦେଇଛି । ଗୋଟିକ ପରେ ଗୋଟିଏ ପନ୍ଦର ଗୋଟି ଛେଳି ମେଣ୍ଢାର ରକ୍ତ ପିଇଥିବା କୁହାଯାଇଛି । ପ୍ରକାଶଥାଉ କି କିରେଝୋଲା ଗାଁର ବେଦବରା ମାଝୀଙ୍କ ଗୁହାଳକୁ କଲରାପତରିଆ ବାଘ ସୋମବାର ବିଳମ୍ବିତ ରାତିରେ ପଶି ଛେଳି ମେଣ୍ଢାକୁ ମାରି ଖାଇଥିଲା । ସକାଳେ ଦେଖିଲା ବେଳକୁ ସବୁ ମରି ପଡ଼ିଥିଲା । ଖବର ପାଇ ବୋଡ଼େନ ଗୋଷ୍ଠୀ ପ୍ରାଣୀ ଚକିତ୍ସା କେନ୍ଦ୍ରର ଡ. ସସ୍ମିତା ବିଶ୍ୱାଳ, ଡ. ସମର୍ପଣ ମିଶ୍ର ପହଞ୍ଚି ଶବ ବ୍ୟବଚ୍ଛେଦ କରିଥିଲେ । ଘଟଣାସ୍ଥଳକୁ ବନ ବିଭାଗର ରେଞ୍ଜର ସୀତାରାମ ଶବର, ଫରେଷ୍ଟ ଗାର୍ଡ ପ୍ରମୁଖ ପହଞ୍ଚି ଥିଲେ । ଶବ ବ୍ୟବଚ୍ଛେଦ ଆସିଲା ପରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଅନୁକମ୍ପା ରାଶି ଶୀଘ୍ର ପ୍ରଦାନ କରାଯିବ ବୋଲି ଡ.ସସ୍ମିତା ବିଶ୍ୱାଳ ପ୍ରକାଶ କରିଛନ୍ତି । ବାଘ ଭୟରେ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି ।

## ବ୍ରାହ୍ମଣପଡ଼ାରେ ମହାଲକ୍ଷ୍ମୀ ପୂଜା

**ସିନାପାଲି, ୨ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଗୋଡାଲପଞ୍ଚାୟତସ୍ଥିତ ବ୍ରାହ୍ମଣପଡ଼ାରେ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି । ମାର୍ଗଶୀର ଶେଷ ଗୁରୁବାର ପର୍ଯ୍ୟନ୍ତ ମହାସମାରୋହରେ ପାଳନ ହେବାକୁ ଥିବା ବେଳେ ସୋମବାର ଦିନ କଳସ ଯାତ୍ରା ଓ ଅଧିବାସ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ନୀଳଚକ୍ର ଭଜନ ମଣ୍ଡଳି ଖଡ଼ିଆଳ ଓ ମାଁ ଭଣ୍ଡାରଘରୁଣୀ ଘଣ୍ଟଦଳ ଘମ୍ବାରିଗୁଡା ଦ୍ୱାରା କଳସ ଯାତ୍ରା ଓ ରାତ୍ରିକାଳୀନ ସାଂସ୍କୃତିକ ଭଜନ କାର୍ଯ୍ୟକ୍ରମ ପରିବେଷିତ ହେଉଛି । ପୂଜା ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ପାଳିତ ହେବ । ମହାଲକ୍ଷ୍ମୀ ପୂଜା ସମାରୋହାରେ ସାମୂହିକ ମାଁ ମହାଲକ୍ଷ୍ମୀ ପୂଜା କମିଟି ଓ ସମସ୍ତ ଗ୍ରାମବାସୀଙ୍କ ତତ୍ୱାବଧାନରେ ପାଳିତ ହେଉଅଛି । କର୍ତ୍ତା ଭାବରେ ରିତେଶ କୁମାର ଦୁବେ ଓ ତାଙ୍କର ଧର୍ମ ପତ୍ନୀ ନେହା ଦୁବେ ଦାୟିତ୍ୱ ତୁଲାଇଥିବା ବେଳେ ଗଜେନ୍ଦ୍ର ପଣ୍ଡା, ଯୋକର ଦାସ, ଶିବ ଖଣ୍ଡାୟତ, ପବିତ୍ର କଶ୍ୟପ, ମହନ ମାଝୀ, ଧନେଶ୍ୱର ସୁନାରି, ସୁନ୍ଦରଲାଲ ଖଣ୍ଡାୟତ, ଅରୁଣ ପାଣ୍ଡେ, କୈଳାଶ ପାଣିଗ୍ରାହୀ, ରାଜୁ ସୁନାନୀ, ସଞ୍ଜୟ ଖଣ୍ଡାୟତ, ଥବିର ନାଏକ, ପ୍ରଦୁନବାଗ, ସଞ୍ଜୟ କଶ୍ୟପ, ସୁରେଶ ମାଝୀ ମହନ ପରାଭୋଇ, ଧନେଶ୍ୱର ନିଆଲ, ଦିଗ୍ଗେଶ୍ୱର ଦାସ, ନିଳାମ୍ବର ସୁନାନୀ, ଚନ୍ଦ୍ରଲାଲ ବୈଠାରୁ, ମିଲୁ ପାଣିଗ୍ରାହୀ, ଭକାଲୁ ମାଝୀ, ଗରୁଡ କଶ୍ୟପ, ବିକ୍ରମ କଶ୍ୟପ, ବିବେକାନନ୍ଦ କଶ୍ୟପ, ହେଜମ କଶ୍ୟପ, ନୀଳାମ୍ବର କଶ୍ୟପ, ଚନ୍ଦ୍ର ମାଝୀ, ଦେବରାଜ ମାଝୀ, ଦେବନାଥ ମାଝୀ, ସୁରେନ୍ଦ୍ର ଅଗ୍ନିହୋତ୍ରି, ତୀର୍ଥ ବୈଠାରୁ ପ୍ରମୁଖ ସହଯୋଗ କରୁଛନ୍ତି । ରାତ୍ରିକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରରେ ବିଭିନ୍ନ ଅଞ୍ଚଳରୁ ସାମାଜିକ ଓ ପୌରାଣିକ ନାଟକ ମଞ୍ଚସ୍ଥ ହେଉଛି ।

## ଆୟୁଷ ଛାତ୍ରଙ୍କ ଆନ୍ଦୋଳନକୁ ନାଗରିକ କମିଟିର ସମର୍ଥନ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର





**ବଲାଙ୍ଗିର, ୨ ।୧୨(ସମିସ):** ୮ ଦାବି ନେଇ ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ୯ ଦିନରେ ପହଞ୍ଚିଛି । କଳା ବ୍ୟାଚ ପରିଧାନ ସହିତ ରାଜ୍ୟର ୭ଟି ଆୟୁଷ ଭେଷଜ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରୀ ଆନ୍ଦୋଳନ ଜାରି ରଖିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ କିନ୍ତୁ ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦାବି ପୂରଣ ଦିଗରେ କୌଣସି ଆନ୍ତରିକତା ପ୍ରକାଶ ପାଇନି । ଏଣୁ ଛାତ୍ରଛାତ୍ରୀ ଓ ହାଉସ ସର୍ଜନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ତେଜିବାରେ ଲାଗିଛି । ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ବିଭିନ୍ନ ମହଲ ତଥା ସଂଗଠନ ପକ୍ଷରୁ ସମର୍ଥନ କିନ୍ତୁ ଜାରି ରହିଛି । ଏହି କ୍ରମରେ ବଲାଙ୍ଗିର ନାଗରିକ କମିଟି ଆୟୁଷ ଛାତ୍ରଙ୍କ ଆନ୍ଦୋଳନକୁ ସମର୍ଥନ କରିଛି । ସଭାପତି ଶ୍ରୀକର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ସ୍ଥାନୀୟ ତୁଳସୀନଗରସ୍ଥିତ ଆୟୁର୍ବେଦ ମହାବିଦ୍ୟାଳୟରେ ପହଞ୍ଚି ଥିଲେ । ମୁଖ୍ୟ ଫାଟକରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କୁ ଭେଟି ଆଲୋଚନା କରିବା ସହ ସମର୍ଥନ କରିଛନ୍ତି । ଏହା ସହ ବଲାଙ୍ଗିର ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆୟୁଷ ଛାତ୍ରଙ୍କ ଦାବି ପୂରଣ ନିମନ୍ତେ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ଦେଇଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଆୟୁଷ ଛାତ୍ରଛାତ୍ରୀଙ୍କ ନ୍ୟାର୍ଯ୍ୟ ଦାବି ପୂରଣ ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ବିଷୟକୁ ନାଗରିକ କମିଟି ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି । ତେବେ ଛାତ୍ର ସଂଗଠନ ପକ୍ଷରୁ ସଭାପତି ଓମ୍‌ପ୍ରକାଶ ବେହେରା, ସମ୍ପାଦକ ଅଭିଳାଷ ପଟ୍ଟନାୟକ, ଛାତ୍ର ସଂଘ କର୍ମକର୍ତ୍ତା ଧର୍ମେନ୍ଦ୍ର ଜାଲ, ଅଭିଷେକ ରଥ, ତୃପ୍ତିମୟୀ ମହାପାତ୍ର ପ୍ରମୁଖ ନାଗରିକ କମିଟିର କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଦାବି ପୂରଣ ନ ହେଲେ ଛାତ୍ର ଆନ୍ଦୋଳନ ଭୟାବହ ରୂପ ନେବ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି ।

## ଉଦ୍ଧାର ବାଇକ୍ ମାଲିକଙ୍କୁ ହସ୍ତାନ୍ତର

**କର୍ଲାମୁଣ୍ଡା, ୨ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଗ୍ରାମନିବାସୀ ବିଜେପି ଜିଲ୍ଲା ପ୍ରତିନିଧି ସଞ୍ଜୟ ଜୈନଙ୍କ ବାଇକ୍ ଗତ କିଛି ମାସ ତଳେ ଚୋରି ହୋଇଥିଲା । ଏହି ଘଟଣାକୁ ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଗୁରୁତ୍ୱର ସହ ନେଇଥିଲେ । ଗତ କିଛି ଦିନ ତଳେ ପୁଲିସ ଏକ ବାଇକ୍ ଚୋର ରକେଟ୍‌କୁ ଧରିବାରେ ସଫଳତା ପାଇଥିଲା ଓ ୯ ଟି ବାଇକ ଉଦ୍ଧାର କରିବା ସହ ଛଅ ଜଣଙ୍କୁ ଧରିଥିଲା । ଚୋରି ବାଇକ ମଧ୍ୟରେ ସଞ୍ଜୟ ଜୈନଙ୍କ ବାଇକ୍ ମଧ୍ୟ ମିଳିଥିଲା । ଆବଶ୍ୟକୀୟ କାଗଜପତ୍ର ସମ୍ପାଦନ ପରେ ଫାଣ୍ଡିଅଧିକାରୀ ଶ୍ରୀ ବିଡ଼ିକା ଶ୍ରୀ ଜୈନଙ୍କୁ ବାଇକ ହସ୍ତାନ୍ତର କରିଛନ୍ତି ।

## କିଶୋରୀ ବାଳିକାଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର




**ଥୁଆମୂଳରାମପୁର, ୨ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଥୁଆମୂଳ ପଞ୍ଚାୟତ କାର୍ଯ୍ୟାଳୟରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ତ୍ତବ୍ୟ ଅନୁଷ୍ଠାନ ତରଫରୁ କିଶୋରୀ ବାଳିକାଙ୍କୁ ନେଇ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଶିବିରକୁ ଥୁଆମୂଳ ସରପଞ୍ଚ ବଳଭଦ୍ର ଜାନୀ ଉଦ୍‌ଘାଟନ କରିଥିଲେ । ସ୍ୱାସ୍ଥ୍ୟ ଶିବିରରେ ଥୁଆମୂଳ, ଭଟାଗୁଡା, ରାଣୀଡୁମେର, ଲାଠିଆଗୁଡ଼ା, କାରାଙ୍ଗ, କଣ୍ଟାବାଞ୍ଜି, ଚାଚିକନା, ଟେଭାମହୁଲ ଆଦି ଗ୍ରାମର ୧୦୦ରୁ ଅଧିକ କିଶୋରୀ ବାଳିକା ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବିଶେଷକରି ଏହି ଅଞ୍ଚଳରେ ରକ୍ତ ହୀନତା ଓ ଶିକଲସେଲ କିଶୋରୀ ବାଳିକାଙ୍କ ମଧ୍ୟରେ ଏକ ସମସ୍ୟା ଦେଖା ଦେଇଥିବାରୁ ଏହାର ପରୀକ୍ଷା କରାଇ ବାଳିକାଙ୍କୁ ଔଷଧ ବଣ୍ଟନ କରାଯାଇଥିଲା । ଉକ୍ତ ଶିବିରରେ ସିଏଚଓ ଲିକୁ କେରଟା, ସ୍ୱାସ୍ଥ୍ୟ କର୍ମୀ ସିନି ମାଝୀ, ଏଏନଏମ ବାସନ୍ତୀ ନାଏକ, ଚଞ୍ଚଳା ମାଝୀ, ବଗୁଲି ଭୋଇ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ସମସ୍ତ କିଶୋରୀ ବାଳିକାଙ୍କୁ ଅନୁଷ୍ଠାନ ତରଫରୁ ସାନିଟାରୀ ନାପକିନ ମଧ୍ୟ ବଣ୍ଟନ କରାଯାଇଥିଲା । କର୍ତ୍ତବ୍ୟ ଅନୁଷ୍ଠାନର ପ୍ରକଳ୍ପ ମ୍ୟାନେଜର ସନ୍ତୋଷ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା । ଅନୁଷ୍ଠାନର ସୁମିତ ବାଗ, ଅମିତ୍ ନାୟକ, ସୋନାଲି ଦାସ, ପ୍ରତିମା ସୁନାନୀ, ରାଜେଶ୍ ବଣୁଆ, ତୁଳସୀ ମାଝୀ, ଅଞ୍ଜଳି ନାଏକ, ସୀତାରାମ ମାଝୀ, ସୁନ୍ଦର ମାଝୀ ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥଲେ । ସ୍ଥାନୀୟ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ମଧ୍ୟ କିଶୋରୀ ବାଳିକାଙ୍କୁ ନିଜ ନିଜ ଗ୍ରାମରୁ ସ୍ୱାସ୍ଥ୍ୟ ଶିବିରକୁ ଆଣିବାରେ ସହଯୋଗ କରିଥଲେ । ସରପଞ୍ଚ ବଳଭଦ୍ର ମାଝୀ ନିଜ ପଞ୍ଚାୟତରେ କିଶୋରୀ ବାଳିକାଙ୍କୁ ନେଇ କରାଯାଇଥିବା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସାଧୁବାଦ୍ ଜଣାଇଥିଲେ ।

## ଜୁଆ ଆଡ୍ଡାରୁ ୧୧ ଗିରଫ

**କଣ୍ଟାବାଞ୍ଜି, ୨ ।୧୨(ସମିସ):** ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପୁଲିସ ମଙ୍ଗଳବାର ଭୋରରୁ କାଦୋବସା ଗାଁର ଏକ ଜୁଆ ଆଡ୍ଡାରୁ ୧୧ ଜଣଙ୍କୁ ଗିରଫ କରିଛି । ଏମାନେ ହେଲେ ମହେଶ୍ୱର ସତନାମୀ, ସବ୍ୟସାଚୀ ଦଳେଇ, ମାହାବୀର ଗିଭେଲା, ଲମ୍ବୋଦର ନାଗ, ସୀମାଞ୍ଚଳ ଶବର, ସୁଦାମ ନନ୍ଦ, ସୁଜଳ ସାଗର, ବାସୁଦେବ ଶଷ, ଅଙ୍କୁର ଅଗ୍ରୱାଲ, ରମେଶ ସାହୁ, ରୋମାନ ଗର୍ବିତ । ସେଠାରୁ ୪ଟି ଓ ବାଇକ୍ ଓ ୧୧ଟି ମୋବାଇଲ ସହ ନଗଦ ୬୪ ହଜାର ୫୦୦ ଶହ ଟଙ୍କା ଜବତ ହୋଇଛି । ତେବେ ଦୀର୍ଘ ଦିନରୁ ଏହି ଜୁଆ ଆଡ୍ଡା ଚାଲି ଆସୁଥିଲା । ଖବର ପାଇ ପୁଲିସ ଚଢ଼ଉ କରିଥିଲା ବୋଲି କଣ୍ଟାବାଞ୍ଜି ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ସୂଚନା ଦେଇଛନ୍ତି ।

- ଗୁରୁ ନାଁରେ କଳଙ୍କ

## ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

- ଅଭିଯୋଗ ପରେ ଅଭିଯୁକ୍ତ ଶିକ୍ଷକ ଅଟକ

**ପାଟଣାଗଡ଼, ୨ ।୧୨ (ସମିସ):** କଥାରେ ଅଛି ଗୁରୁ ହେଉଛନ୍ତି ଦ୍ୱିତୀୟ ଭଗବାନ । ଛାତ୍ରଛାତ୍ରୀଙ୍କୁ ଉଚିତ ଉପଦେଶ, ଶିକ୍ଷାଦାନ ସହ ଠିକ ମାର୍ଗଦର୍ଶନ ହେଉଛି ଜଣେ ଶିକ୍ଷକଙ୍କ କର୍ତ୍ତବ୍ୟ; କିନ୍ତୁ ଜଣେ ଶିକ୍ଷକ ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରି ନିଜ ପଦର ଗାରିମା ନଷ୍ଟ କରିଛନ୍ତି । ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ଭା ଥାନା ଅଞ୍ଚଳରେ ଏହିଭଳି ଏକ ଘଟଣା ଘଟିଛି । ଏନେଇ ନାବାଳିକା ଛାତ୍ରୀ ଜଣକ ଥାନାରେ ଲିଖିତ ଅଭିଯୋଗ ଆଣିଛନ୍ତି । ପୁଲିସ ଘଟଣାର ତଦନ୍ତ ଜାରି ରଖିଛି । ଅଭିଯୁକ୍ତ ସରକାରୀ ପ୍ରାଥମିକ ସ୍କୁଲର ଶିକ୍ଷକଙ୍କୁ ଥାନାରେ ଅଟକ ରଖାଯାଇଛି । ତେବେ ଏନେଇ ସମ୍ପୃକ୍ତ ଶିକ୍ଷକଙ୍କୁ ପଚାରିବାରୁ ଘଟଣା ମିଛ । ତାଙ୍କୁ ବଦନାମ କରିବାକୁ ଚେଷ୍ଟା କରାଯାଉଛି । ମାମଲା ରଫାଦଫା କରିବାକୁ ଲକ୍ଷାଧିକ ଟଙ୍କା ମଗାଯାଇଥିଲା । ନ ଦେବାରୁ ଏଭଳି ଏକ ମିଥ୍ୟା ମାମଲା କରି ତାଙ୍କୁ ଫସାଇବାକୁ ଉଦ୍ୟମ କରାଯାଉଛି ବୋଲି କହିଛନ୍ତି । ଅନ୍ୟପକ୍ଷେ ଲରମ୍ଭା ଥାନା ଅଧିକାରୀ ଭାନୁ ଶଙ୍କର ଯାଦବ କହିଛନ୍ତି ଯେ, ଅଭିଯୋଗ ଆସିଛି । ଶିକ୍ଷକଙ୍କୁ ଅଟକ ରଖାଯାଇଛି । ଅଧିକ ତଦନ୍ତ ଜାରି ରହିଛି ।

## ନିଶାସକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

**ପୁରୁଣାକଟକ, ୨ ।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ଅମାନିଆ ଶିକ୍ଷକଙ୍କ ଉପରେ ପଡ଼ିଛି ଶନିଦଶା । ମଦ୍ୟପାନ କରି ସ୍କୁଲକୁ ଆସିବା ପଡ଼ିଲା ମହଙ୍ଗା । ପୁଣି ଜଣେ ଶିକ୍ଷକଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡ଼ିବନ୍ଧୁ ବେହେରା । ଗୋଟିଏ ଦିନର ଦରମା ବନ୍ଦ ସହ ଆରମ୍ଭ ହେଲା ବିଭାଗୀୟ ତଦନ୍ତ ପ୍ରକ୍ରିୟା । ଶିକ୍ଷକ ଜଣକ ହେଲେ ହରଭଙ୍ଗା ବ୍ଲକ ଝାରଖମଣ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁରମଣି ମଲ୍ଲିକ । ସୂଚନା ମୁତାବକ ଗତ ୨୭ ତାରିଖରେ କର୍ତ୍ତବ୍ୟରେ ଅବହେଳା କାରଣରୁ ୧୦ ଜଣ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ସହ ଦିନକର ଦରମା ବନ୍ଦ କରିଥିଲା ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ । କିନ୍ତୁ ଏହି ୧୦ ଜଣଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କ କାର୍ଯ୍ୟକଳାପକୁ ନେଇ ଖପା ହୋଇଥିଲେ ଡିଇଓ । ଶିକ୍ଷକ ଜଣକ ହେଲେ ଝାରଖମଣ ପ୍ରାଥମିକ ବିଦ୍ୟାଳୟର ସୁରମଣି ମଲ୍ଲିକ । ଶିକ୍ଷକ ଜଣକ ପ୍ରତିଦିନ ସ୍କୁଲକୁ ମଦ୍ୟପାନ କରି ଆସୁଥିଲେ । ଛାତ୍ରଛାତ୍ରୀଙ୍କୁ ପାଠ ପଢେଇବା ପରିବର୍ତ୍ତେ ମୋବାଇଲରେ ବ୍ୟସ୍ତ ରହୁଥିଲେ । ସ୍କୁଲକୁ ମନଇଚ୍ଛା ସମୟରେ ଆସିବା ସହ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ନଜଣାଇ ସ୍କୁଲରେ ଅନୁପସ୍ଥିତ ରହୁଥିଲେ । ଯାହାର ଅଭିଯୋଗ ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ନିକଟରେ ହୋଇଥିଲା । ବିଭାଗ ପକ୍ଷରୁ ତଦନ୍ତ ପରେ ସତ ବାହାରକୁ ଆସିଥିଲା । ଏବେ ବ୍ଲକ ଶିକ୍ଷାଅଧିକାରୀ ନେଇଛନ୍ତି ଦୃଢ଼ କାର୍ଯ୍ୟାନୁଷ୍ଠାନ । ପୂର୍ବରୁ କାରଣ ଦର୍ଶାଓ ନୋଟିସର ଉତ୍ତର ନ ଦେଇ ଥିବାରୁ ଏବେ ଗୋଟିଏ ଦିନର ଦରମା ବନ୍ଦ ସହ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି । ୩୦ ଦିନ ମଧ୍ୟରେ ଏହାର ଜବାବ ରଖିବାକୁ ପତ୍ର ସଂଖ୍ୟା ୩୧୧୪ ରେ ଉଲ୍ଲେଖ କରାଯାଇଛି । ଅନ୍ୟପଟେ ଶିକ୍ଷକମାନେ ଠିକ ସମୟରେ ସ୍କୁଲ ଯିବା ସହ ଛାତ୍ରଛାତ୍ରୀ ଙ୍କୁ ଶିକ୍ଷାଦାନ କରନ୍ତୁ ଓ ବିଭାଗ କୁ ଆଗକୁ ନେବା ପାଇଁ ବ୍ଲକ ଶିକ୍ଷାଅଧିକାରୀ ହାଡ଼ିବନ୍ଧୁ ବେହେରା କହିଛନ୍ତି ।

ଚର୍ଚ୍ଚାରେ ପ୍ରଫୁଲ୍ଲ ମେହେର

## ଶାଢ଼ୀରେ ଲେଖିଲେ ଶ୍ରୀମଦ୍ ଭଗବତ ଗୀତା



**ବୀରମହାରାଜପୁର, ୨ ।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ମେହେର (ଭୁଲିଆ) ବୁଣାକାରଙ୍କ ସୂକ୍ଷ୍ମ କାରିଗରୀ ହସ୍ତଶିଳ୍ପ ପାଟ ଓ ବାମକାଇ ଶାଢ଼ୀ ଦେଶ ବିଦେଶରେ ବେଶ୍ ସୁନାମ ରହିଛି । ସେହିପରି ଜଣେ ଦକ୍ଷ ଜାତୀୟସ୍ତରର ବସ୍ତ୍ରଶିଳ୍ପୀ ହେଲେ ବୀରମହାରାଜପୁର ର ପ୍ରଫୁଲ୍ଲ ମେହେର (୬୩) । ସେ ବାନ୍ଧକଳାରେ ଶ୍ରୀମଦ୍ ଭଗବତ ଗୀତା ଶାଢ଼ୀ ପ୍ରସ୍ତୁତ କରିଛନ୍ତି । ଆଜି ଗୀତା ଜୟନ୍ତୀରେ ଏହା ଲୋକାର୍ପିତ ହେଇଛି । ସଂସ୍କୃତ ଭାଷାରେ ଭଗବତ ଗୀତାର ୧୮ ଅଧ୍ୟାୟକୁ ନେଇ ପାଟ ଓ ସୂତାରେ ଶାଢ଼ୀ ପ୍ରସ୍ତୁତ କରିଛନ୍ତି । ଯେଉଁଥିରେ ଛୋଟ ଅକ୍ଷରରେ ୭୦୦ ଶ୍ଳୋକ ରହିଛି । ଏହି ଶାଢ଼ୀର ଲମ୍ବ ସାଢ଼େ ଚଉଦ ମିଟର ଏବଂ ୩୦ ଇଞ୍ଚ୍ ଅଟେ । ମୋଟ ୨୭ଜଣ ସହଯୋଗୀଙ୍କ ସହାୟତାରେ ବାନ୍ଧ ଶିଳ୍ପୀ ପ୍ରଫୁଲ୍ଲ ମେହେର ଓ ଧର୍ମପତ୍ନୀଙ୍କ ସହଯୋଗରେ ସେ ଏହି କାମ ସମ୍ପୂର୍ଣ୍ଣ କରିଛନ୍ତି । ପ୍ରଫୁଲ୍ଲ କୁହନ୍ତି ତାଙ୍କ ବାପା ଜଣେ ଭଗବତ ପ୍ରେମୀ, ତାଙ୍କ ପ୍ରେରଣା ଓ ଆଶୀର୍ବାଦରୁ ସେ ଏହି କାମ କରିବାରେ ସକ୍ଷମ ହୋଇଛନ୍ତି । ଏହିକାମ ପାଇଁ ତାଙ୍କୁ ତାଙ୍କୁ ସାଢେ ତିନିବର୍ଷ ସମୟ ଲାଗିଥିଲା । ବାନ୍ଧ ବାନ୍ଧିବା ପାଇଁ ପ୍ରଥମେ ୮ ଜଣ ଓ ପରେ ୧୨ଜଣ କୁଶଳୀ ବୁଣାକାରଙ୍କୁ ନିୟୋଜନ କରାଇଥିଲେ । ସୂତାରଙ୍ଗ କରାଇବାକୁ ୨ଜଣ ବୁଣାକାରଙ୍କୁ ୪ମାସ ସମୟ ଲାଗିଥିଲା । ସେହିପରି ବାନ୍ଧ ସୂତା ଖୋଲିବାକୁ ୨ଜଣଙ୍କୁ ୨ମାସ ଲାଗିଥିଲା । ୨ଟି ତନ୍ତରେ ଲୁଗା ବୁଣିବା ପାଇଁ ୩ଜଣ ବୁଣାକାର ନିୟୋଜିତ ହୋଇଥିଲେ । ଲୁଗାବୁଣା ସମ୍ପୂର୍ଣ୍ଣ ପାଇଁ ତାଙ୍କୁ ୩ ମାସ ସମୟ ଲାଗିଥିଲା । ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଅଞ୍ଚଳର ମେହେର (ଭୁଲିଆ) ବୁଣାକାର ପରିବାରରେ ଜନ୍ମଗ୍ରହଣ କରିଥିଲେ ପ୍ରଫୁଲ୍ଲ । ପାଠ ପଢ଼ା ସରିବାପରେ ସେ ରାଜ୍ୟ ବୟନ ଓ ହସ୍ତତନ୍ତ ବିଭାଗରେ ଚାକିରି କରିଥିଲେ । ଚାକିରି ସମୟରେ ନିଜର ପ୍ରତିଭା ପ୍ରଦର୍ଶନ କରି ୧୯୯୨ମସିହାରେ ନ୍ୟାସେନାଲ ମେରିଟ ପୁରସ୍କାର ପାଇଥିଲେ । ଅବସରପରେ ପ୍ରାକୃତିକ ରଙ୍ଗ ସୂତାରେ ଶାଢ଼ୀବୁଣା ଉପରେ ସେ ବିଶେଷ ଗୁରୁତ୍ୱ ଦେଇ ଆସୁଛନ୍ତି । ଜଣେ ବାନ୍ଧ ଶିଳ୍ପୀ ଓ ପାଟ ଶାଢ଼ୀ, ୱାଲ ହ୍ୟାଙ୍ଗିଂ ଡିଜାଇନ୍ ପରାମର୍ଶଦାତା ଭାବେ ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କ ଡିଜାଇନର ମା, ଆମର ମଙ୍ଗାଶାଳ ଓ ଗଞ୍ଜାପା ଶାଢ଼ୀ ଆଦି ବୁଣି ଆଗରୁ ଜାତୀୟ ପୁରସ୍କାର ପାଇଥିଲେ । ତାଙ୍କ ଡିଜାଇନ୍ ପରିକଳ୍ପନା ଓ ତତ୍ୱାକ୍ଷବଧାନରେ ବାନ୍ଧ, ରଙ୍ଗ ଓ ବୁଣା କାମକରି ସୁବର୍ଣ୍ଣପୁର ଜିଲ୍ଲାର ୨୫ ଜଣ ବୁଣାକାର ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି ।

## ଡୋଙ୍ଗରିପାଲି ଗାଁରେ ଝାଡାବାନ୍ତି ବ୍ୟାପୁଛି

ନୂଆପଡ଼ା/କୋମନା, ୨ ।୧୨(ସମିସ)



ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଡୋଙ୍ଗରିପାଲି ଗାଁରେ ଆଜିକୁ ଦପ୍ତାହେ ହେବ ଝାଡାବାନ୍ତି ବ୍ୟାପିଥିବା ବେଳେ ଥମିବାର ନାଁ ନେଉନାହିଁ । ଏନେଇ 'ସକାଳ'ରେ ତଥ୍ୟ ଭିତ୍ତିକ ଖବର ପ୍ରକାଶନ ପରେ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗାଁରେ ପହଞ୍ଚି ସମସ୍ତ ରୋଗୀଙ୍କୁ ଚିକିତ୍ସା ସୁବିଧା ଯୋଗାଇଦେବା ସହ ରୋଗର କାରଣ ଏବଂ ନିରାକରଣ ବ୍ୟବସ୍ଥା ହାତକୁ ନେଇଛନ୍ତି । ଏହା ଆଗକୁ କେମିତି ଉଗ୍ର ରୂପ ନନେବ ସେଥିପ୍ରତି ସଚେତନତା ସୃଷ୍ଟି କରାଯାଇଛି । ପ୍ରକାଶ ଯେ ଆଜିକୁ ସପ୍ତାହକ ମଧ୍ୟରେ ଗାଁରେ କୋଡିଏରୁ ଊର୍ଦ୍ଧ୍ୱ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ରୋଗ ଥମିବାର ନାଁ ନେଉ ନଥିଲା । ଏହା ଉପରେ ଖବର ପାଇ ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା ସଂକ୍ରାମକ ରୋଗ ବିଶେଷଜ୍ଞ ଡ.ଜଗତ ବନ୍ଧୁ ମହାପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ସକାଳେ ଗାଁରେ ପହଁଞ୍ଚି ରୋଗୀମାନଙ୍କ ଘରକୁ ଯାଇ ରୋଗର ଲକ୍ଷଣ, ପାଣି ଏବଂ ଝାଡାର ନମୁନା ସଂଗ୍ରହ କରାଯାଇଥିଲା । ଗାଁର ସଂକ୍ରମିତ ପରିବାର ଲୋକଙ୍କୁ ହେଲଜେନ ବଟିକା, ଓଆରଏସ ଓ ଜିଙ୍କ ଟାବଲେଟ ବଣ୍ଟନ କରିବା ପରେ ସ୍ୱଚ୍ଛତା ଓ ହାତ ଧୁଆ ଉପରେ ବିଭିନ୍ନ ପ୍ରକ୍ରିୟା ଉପରେ ସଚେତନତା କରାଯାଇଛି । ଆଶା କର୍ମୀ, ସ୍ୱାସ୍ଥ୍ୟ କର୍ମୀଙ୍କୁ ଆହୁରି ନୂତନ ରୋଗୀ ଚିହ୍ନଟ କରି ଡାକ୍ତର ଖାନା ନେବା ଆଣିବା ବ୍ୟବସ୍ଥା କରାଯିବାକୁ କୁହାଯାଇଛି । ପରିମଳ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେବାକୁ ଜଳ ଓ ପରିମଳ ମିଶନଙ୍କୁ ଜଣାଇ ଦିଆଯିବ ଟିମ ତରଫରୁ କୁହାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାସ୍ତରୀୟ ଦ୍ରୁତ ପ୍ରତିକ୍ରିୟା ଦଳରେ (ରାପିଡ଼ ଆକ୍ସନ ଟିମ୍) ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡାକ୍ତର ମଞ୍ଜୁରାଣୀ ସିଂହ, ଜିଲ୍ଲା ସଂକ୍ରାମକ ରୋଗ ବିଶେଷଜ୍ଞ ଡାକ୍ତର ଜଗତବନ୍ଧୁ ମହାପାତ୍ର, ଜୀବାଣୁ ବିଜ୍ଞାନୀ ସଙ୍ଗୀତ ସାଗର ସାହୁ, ବହୁ ଉଦ୍ଦେଶ୍ୟ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଚନ୍ଦ୍ରଭାନ ଚନ୍ଦ୍ରକାର, ବ୍ଲକସ୍ତରୀୟ ଦଳରେ ବ୍ଲକ ପ୍ରକଳ୍ପ ପରିଚାଳକ କୋମନା ଅଲେଖ ପ୍ରଧାନୀ, ବହୁ ଉଦ୍ଦେଶ୍ୟ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ, କୋମନା ବ୍ଲକ ମଧୁସୂଦନ ହୋତା ପ୍ରମୁଖ ସାମିଲ ହୋଇଛନ୍ତି ।

### ପହଞ୍ଚିଲା ମେଡିକାଲ ଟିମ୍



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ ଅତିବାହିତ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ।। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ଆୟ ଓ ବ୍ୟୟ ସମାନ ରହିବ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦୀର୍ଘ ଦିନ ଅପେକ୍ଷାର ଅନ୍ତ ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୨୯: ଲର୍ଡ ୱିଲିୟମ୍ ବେଣ୍ଟିକ୍ ସତୀଦାହ ପ୍ରଥା ଉପରେ ରୋକ୍ ଲଗାଇଥିଲେ।
- ୧୮୮୯: ସ୍ୱାଧୀନତା ସଂଗ୍ରାମୀ ଖୁଦିରାମ ବୋଷଙ୍କ ଜନ୍ମ।
- ୧୯୬୭: ଥୁମ୍ବାରୁ ଭାରତର ପ୍ରଥମ ରକେଟ୍ (ରୋହିଣୀ ଆର୍ ଏଚ୍ ୭୫) ଉତ୍କ୍ଷେପଣ କରାଯାଇଥିଲା।
- ୧୯୭୯: ପ୍ରସିଦ୍ଧ ହକି ଖେଳାଳି ମେଜର୍ ଧ୍ୟାନ ଚାନ୍ଦଙ୍କ ଦେହାନ୍ତ।
- ୨୦୧୧: ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଦେବ ଆନନ୍ଦଙ୍କ ପରଲୋକ।

# ମା’ ରମାଦେବୀ



ଆଜି ଆସିଥିଲେ

ତ୍ୟାଗ, ସେବା ଓ ସମର୍ପଣର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ରମାଦେବୀ ଚୌଧୁରୀ । ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅତୁଳନୀୟ ଥିଲା । ସ୍ୱାଧୀନୋତ୍ତର ଭାରତରେ ସନ୍ଥ ବିନୋବା ଭାବେଙ୍କ ଭୂଦାନ ଆନ୍ଦୋଳନ ଓ ଗ୍ରାମଦାନ ଆନ୍ଦୋଳନରେ ତାଙ୍କ ଭୂମିକା ଅବିସ୍ମରଣୀୟ। ୧୮୯୯ ମସିହା ଆଜିର ଦିନରେ କଟକ ନିକଟସ୍ଥ ସତ୍ୟଭାମାପୁର ଗ୍ରାମରେ ବସନ୍ତ କୁମାରୀ ଦେବୀ ଏବଂ ଗୋପାଳ ବଲ୍ଲଭ ଦାସଙ୍କ ଔରସରୁ ରମାଦେବୀ ଜନ୍ମଗ୍ରହଣ କରିଥିଲେ। ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଝିଆରୀ ଥିଲେ। ଏକ ସଂଭ୍ରାନ୍ତ ଓ ଉଚ୍ଚଶିକ୍ଷିତ ପରିବାରରେ ଜନ୍ମିତ ରମାଦେବୀ ଜଗତସିଂହପୁର ଜିଲ୍ଲାର ଖେରସ ଗାଁର ବିଶିଷ୍ଟ ଜମିଦାର ଗୋକୁଳାନନ୍ଦ ଚୌଧୁରୀଙ୍କ ପୁଅ ଗୋପବନ୍ଧୁ ଚୌଧୁରୀଙ୍କୁ ବିବାହ କରିଥିଲେ। ୧୯୨୧ ମସିହାରେ ସ୍ୱାମୀ ଗୋପବନ୍ଧୁ ଚୌଧୁରୀଙ୍କ କଂଗ୍ରେସରେ ଯୋଗଦାନ ପରେ ସେମାନଙ୍କ ଜୀବନର ଗତିପଥ ବଦଳି ଯାଇଥିଲା। ୧୯୨୧ ମସିହା ମାର୍ଚ୍ଚ ୨୪ତାରିଖରେ କାଠଯୋଡ଼ି ନଦୀପଠାରେ ଅନୁଷ୍ଠିତ ଗାନ୍ଧିଜୀଙ୍କ ଓଜସ୍ୱିନୀ ଭାଷଣ ରମାଦେବୀଙ୍କୁ ସତ୍ୟାଗ୍ରହୀ କରିଥିଲା। ଅଳଙ୍କାର ଏବଂ ମୂଲ୍ୟବାନ ପାଟବସ୍ତ୍ର ସ୍ୱାଧୀନତା ସଂଗ୍ରାମ ପାଇଁ ସେ ଦାନ କରିଦେଇଥିଲେ। ସେ ଆଇନ ଅମାନ୍ୟ ଆନ୍ଦୋଳନ,ଲବଣ ସତ୍ୟାଗ୍ରହ ଆଦି ସଂଗ୍ରାମରେ ଯୋଗଦେଇ ବହୁବାର କାରାବରଣ କରିଥିଲେ। ଆଜୀବନ ପାଦରେ ଚପଲଟିଏ ନ ପିନ୍ଧି ଏବଂ ସୂତା ଖଦଡ଼ ଲୁଗାକୁ ପିନ୍ଧି ଦୁଃଖୀ, ଦରିଦ୍ର, ହରିଜନ, କୃଷକ, ମହିଳା ଓ ଶିଶୁ ଆଦି ସମସ୍ତଙ୍କ ପାଇଁ କାର୍ଯ୍ୟ କରୁଥିଲେ ରମାଦେବୀ। ତାଙ୍କର ଜୀବନଶୈଳୀ ଥିଲା ସରଳ ଓ ସାବଲୀଳ। ବନ୍ୟା ହେଉ କି ବାତ୍ୟା ହେଉ, କି ମରୁଡ଼ି ହେଉ ପ୍ରପୀଡ଼ିତ ଲୋକମାନଙ୍କର ସେବା କରି ସେ ଅପାର ଆନନ୍ଦ ପାଉଥିଲେ। ବରୀ ଆଶ୍ରମ ଗଢ଼ି ସେଠାରେ ନାରୀ ଜାଗରଣ, ମୌଳିକ ଶିକ୍ଷା, ଗୋସେବା, ପୌଢ଼ଶିକ୍ଷା, ରୋଗୀସେବା, ଅସ୍ପୃଶ୍ୟତା ନିବାରଣ, ଗାଁ ସଫେଇ, ଲୁଗା ବୁଣିବା ଇତ୍ୟାଦି କାର୍ଯ୍ୟରେ ସର୍ବଦା ବ୍ୟସ୍ତ ରହୁଥିଲେ ମା’ ରମାଦେବୀ। ଓଡ଼ିଶାରେ ଭୂଦାନ ଆନ୍ଦୋଳନର ସଫଳତା ପଛରେ ରମାଦେବୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ୧୯୬୨ ଚୀନ୍ ଭାରତ ଯୁଦ୍ଧ ସମୟରେ ନିଜେ ସେବାଦଳ ଧରି ଅସୁବିଧା ଭୋଗୁଥିବା ଭାରତୀୟ ଯବାନମାନଙ୍କ ସେବା କରିଥିଲେ। ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଜରୁରିକାଳୀନ ପରିସ୍ଥିତିର ମୁକାବିଲା କରିଥିବା ଜୟପ୍ରକାଶ ନାରାୟଣଙ୍କୁ ସମର୍ଥନ କରି ଭୁବନେଶ୍ୱରରେ ଏକ ବିଶାଳ ସମାବେଶ କରାଇଥିଲେ । ବହୁ ଜନନାୟକ ଜେଲ୍ ଗଲେ, ମାତ୍ର ମା’ ରମାଦେବୀଙ୍କୁ ଗିରଫ କରିବାକୁ କେହି ସାହସ କରି ନ ଥିଲେ। ତାଙ୍କର ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ଡକ୍ଟରେଟ୍ ଉପାଧି ଓ ସମର୍ପିତ ସେବା ଲାଗି ସମ୍ମାନଜନକ ଯମୁନାଲାଲ ବଜାଜ ପୁରସ୍କାର ମିଳିଥିଲା। ପ୍ରକୃତରେ ମା, ରମାଦେବୀ ଥିଲେ ସେବା, ମମତା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ୧୯୮୫ ମସିହା ଜୁଲାଇ ୨୨ ତାରିଖରେ ଏହି ମହୀୟସୀ ମହିଳାଙ୍କ ତିରୋଧାନ ହୋଇଥିଲା।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ




ଆଜି ‘ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ’ । ଜାତିସଂଘ ଆନୁକୂଲ୍ୟରେ ୧୯୯୨ ମସିହାରୁ ଡିସେମ୍ବର ୩ ତାରିଖକୁ ‘ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ’ ଭାବରେ ପାଳନ କରାଯାଉଛି। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମ୍ମାନ, ସମର୍ଥନ ଦେବା ଓ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ସମାଜର ସାଧାରଣ ବର୍ଗର ଲୋକଙ୍କ ଭଳି ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଆଦି ସମସ୍ତ କ୍ଷେତ୍ରରେ ଭିନ୍ନକ୍ଷମଙ୍କର ସମାନ ଅଧିକାର ଉପରେ ଏହି ଦିବସ ସଚେତନ କରେ। ସାଧାରଣତଃ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପ୍ରତି ଲୋକେ ଦୟା କିମ୍ବା ହୀନ ଦୃଷ୍ଟି ରଖିଥାନ୍ତି। ଯଦି ଜଣେ ବ୍ୟକ୍ତି ଅକ୍ଷମ, ଏହାର ଅର୍ଥ ସେ ନିଶ୍ଚିତ ଭାବରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ବୋଲି ସାଧାରଣତଃ ଲୋକଙ୍କ ମଧ୍ୟରେ ଏକ ଧାରଣା ଥାଏ। ବାସ୍ତବରେ କିନ୍ତୁ ଏପରି ହୋଇ ନ ଥାଏ । ଟିକିଏ ପ୍ରୟାସ ଦ୍ୱାରା ଜଣେ ଭିନ୍ନକ୍ଷମ ବ୍ୟକ୍ତି ସାଧାରଣ ଜୀବନଯାପନ କରିପାରନ୍ତି । ସମାଜରେ ସଚେତନତା ଜାଗ୍ରତ କରିବା, ଭିନ୍ନକ୍ଷମତାକୁ ବୁଝିବା, ଗ୍ରହଣ କରିବା, ସେମାନଙ୍କର ସଫଳତା ଏବଂ ଯୋଗଦାନକୁ ମାନିବା, ମନେଇବା ଓ ସେମାନଙ୍କର ଆତ୍ମବଳ ଏବଂ ଆତ୍ମବିଶ୍ୱାସକୁ ବୃଦ୍ଧି କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଭିନ୍ନକ୍ଷମମାନଙ୍କର ଅଧିକାରର ସୁରକ୍ଷା, ଅନ୍ତର୍ନିହିତ ଶକ୍ତିର ଉଦ୍ରେକ କରିବା, ସମାଜରେ ଏକ ଭେଦଭାବ ବିହୀନ ସମନ୍ୱୟ ସ୍ଥାପନ କରିବା ଏବଂ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ମଧ୍ୟ ଏ ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଆଜି ବି ସମାଜରେ ଶାରୀରିକ ଅକ୍ଷମତାକୁ ଏକ ସାମାଜିକ କଳଙ୍କ ଭାବରେ ଦେଖାଯାଉଛି ଯାହାକୁ ସୁଧାରିବାର ଆବଶ୍ୟକତା ରହିଛି। ଅନେକ ଭିନ୍ନକ୍ଷମ ବ୍ୟକ୍ତି ଶାରୀରିକ ଦୁର୍ବଳତା ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହୋଇଥାନ୍ତି। ଏଥିସହ ସାଧାରଣ ମଣିଷଙ୍କ ତୁଳନାରେ ନିଜକୁ ସମକକ୍ଷ ନ କରି ପାରି କିଛି ଭିକ୍ଷାବୃତ୍ତିକୁ ଆପଣାଇ ନେଇଥାନ୍ତି। ସମାଜରେ ଏଭଳି ବି ମଣିଷ ରହିଛନ୍ତି ଯେଉଁମାନେ ଭିନ୍ନକ୍ଷମ ହୋଇ ମଧ୍ୟ ଆତ୍ମ ସମ୍ମାନର ସହ ବଞ୍ଚିବା ପାଇଁ ସଂଘର୍ଷ କରି ସଫଳ ହୋଇଛନ୍ତି। ଏହି ଦିନ ଭିନ୍ନକ୍ଷମମାନଙ୍କୁ ରାଜନୈତିକ, ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଜୀବନର ମୁଖ୍ୟସ୍ରୋତରେ ସାମିଲ କରିବା ନେଇ ପ୍ରୟାସ କରାଯାଏ। ୧୯୭୬ ମସିହାରେ ମିଳିତ ଜାତିସଂଘ ୧୯୮୧ ମସିହାକୁ ‘ଅନ୍ତର୍ଜାତୀୟ ଭିନ୍ନକ୍ଷମ ବର୍ଷ’ ଭାବେ ପାଳନ କରିବାକୁ ଘୋଷଣା କରିଥିଲା। ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ଅବସରରେ ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଭିନ୍ନକ୍ଷମମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଆହ୍ୱାନ କରାଯାଏ।

## ‘ତେରେ ଇସ୍କ ମେଁ’

# ଧନୁଷ ନେଇଛନ୍ତି ୧୫ କୋଟି

ବାର ବର୍ଷ ପୂର୍ବରୁ ଆନନ୍ଦ. ଏଲ୍ ରାୟଙ୍କ ରୋମାଣ୍ଟିକ୍ ଡ୍ରାମା ‘ରାଞ୍ଝଣା’ ରିଲିଜ୍ ହୋଇଥିଲା। ଏହି ଫିଲ୍ମକୁ ସେତେବେଳେ ଦର୍ଶକୀୟ ଆଦୃତି ମିଳିଥିଲା। ଏବେ ୧୨ ବର୍ଷ ପରେ ଆନନ୍ଦ ଏହାର ସିକ୍ୱେଲ ଆଣିଛନ୍ତି। ‘ତେରେ ଇସ୍କ ମେଁ’ ନଭେମ୍ବର ୨୮ ତାରିଖରେ ରିଲିଜ୍ ହୋଇଛି। ଫିଲ୍ମରେ ଧନୁଷ୍‌ଙ୍କ ବିପକ୍ଷରେ କ୍ରିତି ସାନନ୍ ନଜର ଆସିଛନ୍ତି। ଫିଲ୍ମର ଟ୍ରେଲର୍ ରିଲିଜ୍ ହେବା ପରେ ଏହା ଓପନିଂ ଡେ’ରେ ଭଲ ବିଜିନେସ୍ କରିବ ନାହିଁ ବୋଲି ଅନୁମାନ କରାଯାଉଥିଲା। ଏତେଦିନ ପରେ ବଲିଉଡ୍‌କୁ ଧନୁଷ ଫେରିବା କଥା କିନ୍ତୁ ଟ୍ରେଡ୍ ଆନାଲିଷ୍ଟମାନଙ୍କର ସବୁପ୍ରକାରର ସମୀକରଣକୁ ବଦଳାଇ ଦେଇଛି। ତେବେ ଏହା ଓପନିଂ ଡେ’ରେ କେବଳ ଭାରତରୁ ହିଁ ୧୬ କୋଟି ଟଙ୍କା ଆୟ କରିଛି। ଏହା ପ୍ରଥମ ସପ୍ତାହରେ ହିଁ ସର୍ବ ଭାରତୀୟସ୍ତରରେ ୫୧.୭୫ କୋଟି ଟଙ୍କାର ବିଜିନେସ୍ କରିଛି। ଧନୁଷ୍ ଏହି ଫିଲ୍ମ ପାଇଁ ପାରିଶ୍ରମିକ ବାବଦରେ ୧୫ କୋଟି ନେଇଛନ୍ତି। ଧନୁଷଙ୍କ ତୁଳନାରେ କ୍ରିତି ସାନନ୍‌ଙ୍କୁ ବହୁତ କମ୍ ପାରିଶ୍ରମିକ ମିଳିଛି। କ୍ରିତିଙ୍କୁ ଏହି ଫିଲ୍ମ ପାଇଁ ୫ କୋଟି ମିଳିଛି।



# ଏଆଇ ମାଧ୍ୟମରେ ଆୟ

**ବର୍ତ୍ତମାନ ଅଧିକାଂଶ କମ୍ପାନି ଏଆଇକୁ ଉପଯୋଗ କରୁଛନ୍ତି। ସେହିପରି ଚାଟ୍‌ଜିପିଟି ଭଳି ଅନ୍ୟ ଏଆଇ ଟୁଲ୍‌କୁ ଉପଯୋଗ କରାଯାଇ ରୋଜଗାର କରି ହେବ। ଏ ଲାଗି ବଡ଼ ବଜେଟ୍ କିମ୍ବା ଟେକ୍ନିକାଲ ଡିଗ୍ରୀର ଆବଶ୍ୟକତା ନାହିଁ। ତେବେ କିଭଳି ଏଆଇ ମାଧ୍ୟମରେ ଆୟ କରାଯାଇପାରିବ, ସେ ସମ୍ପର୍କରେ ଜାଣିବା।**



**ପ୍ରମପ୍ଟ ବିକ୍ରି:** ଏଆଇ ଟୁଲ୍‌ର କ୍ୱାଲିଟି ଏହାର ପ୍ରମପ୍ଟ (ନିର୍ଦ୍ଦେଶ) ଉପରେ ନିର୍ଭର କରେ। ପ୍ରମପ୍ଟକୁ ପ୍ରମପ୍ଟବେସ୍ ଭଳି ପ୍ରଭାବୀ ୱେବସାଇଟ୍ ଏବଂ ଇକମର୍ସ ପ୍ଲାଟଫର୍ମରେ ଡିଜିଟାଲ ପ୍ରଡକ୍ଟ ଭାବେ ବିକ୍ରି କରି ହେବ। ଏହା ମାଧ୍ୟମରେ ବାରମ୍ବାର ରୋଜଗାର ସମ୍ଭବ।

**ଏଆଇ ଆର୍ଟ ଏବଂ ପ୍ରିଣ୍ଟ:** ମିଡ୍‌ଜର୍ଣ୍ଣି ବା ଡିଏଏଲ-ଇ ଭଳି ଟୁଲ୍‌କୁ ବ୍ୟବହାର କରି କିଛି ସମୟ ମଧ୍ୟରେ ସୁନ୍ଦର ଡିଜିଟାଲ ଆର୍ଟ, ୱାଲପେପର, ଟି-ସାର୍ଟ ଡିଜାଇନ ଏବଂ ସୋସିଆଲ ମିଡିଆ ଗ୍ରାଫିକ୍ସ ତିଆରି କରିପାରିବେ। ଏହି ଡିଜାଇନକୁ ପ୍ରିଣ୍ଟ ଅନ ଡିମାଣ୍ଡ ବେସା ମାଧ୍ୟମରେ ବିକ୍ରି କରି ଭଲ ଆୟ କରିବା ସମ୍ଭବ। ଏହି କାମରେ ଦିନକୁ ଦୁଇ ଘଣ୍ଟାରୁ କମ୍ ମସୟ ଦେଲେ ଚଳିବ।

**ଏଆଇ ଚାଟବଟ୍ ସେଟ୍‌ଅପ୍:** ଅନେକ କ୍ଷୁଦ୍ର ବ୍ୟବସାୟୀ ଗ୍ରାହକଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ସେତେ ବେଶି ସକ୍ଷମ ହୋଇ ନ ଥାନ୍ତି। ତେଣୁ ଏହି ଫ୍ଲୋବୋଟ୍ ବା ଚାଟବଟ୍ ବିଲଡରକୁ ବ୍ୟବହାର କରି ବେସିକ୍ ଏଆଇ ଚାଟବଟ୍ ସ୍ଥାପନା କରି ସେବା ପ୍ରଦାନ କରିପାରିବେ। ତେବେ ଗ୍ରାହକ ପଚାରୁଥିବା ପ୍ରଶ୍ନରେ ଚାଟ୍‌ବଟ୍‌କୁ ପ୍ରଶିକ୍ଷଣ ଦେଇପାରିବେ।

**କଣ୍ଟେଣ୍ଟ ରିପରପୋଜିଂ:** ନିଜ ପାଖରେ ପୂର୍ବରୁ ଥିବା ବ୍ଲଗ୍ ପୋଷ୍ଟ, ପଡକାଷ୍ଟ ଟ୍ରାନ୍ସକ୍ରିପ୍ଟ ଏବଂ ଲମ୍ବା ଭିଡିଓ କଣ୍ଟେଣ୍ଟର ସୋସିଆଲ ମିଡିଆ କ୍ଲିପ୍, ଇନଫୋଗ୍ରାଫିକ୍ସ ବା ଇମେଲ ନ୍ୟୁଜଲେଟରକୁ ବଦଳାଇବାରେ ସେବା ପ୍ରଦାନ କରିପାରିବେ। ଏ ଲାଗି ଡେସକ୍ରିପ୍ଟ ଭଳି ଏଆଇ ଟୁଲ୍ ବ୍ୟବହାର କରିପାରିବେ । ଅବଶ୍ୟ ଏହା ଅତ୍ୟନ୍ତ ମୂଲ୍ୟବାନ ସେବା।

**ଏଆଇ ଟୁଲ୍ ଟ୍ୟୁଟରିଂ:** ଅନେକ ଲୋକ ଏଆଇ ବ୍ୟବହାର ଶିଖିବାକୁ ଚାହୁଁଛନ୍ତି। ହେଲେ ସେମାନଙ୍କୁ ଏହା କଷ୍ଟକର କାମ ଲାଗେ। ତେବେ ଅନଲାଇନ୍ ଟ୍ୟୁଟର ତଥା କନସଲଟର ଭାବେ ଛୋଟ ଗ୍ରୁପ୍ ତଥା ବ୍ୟକ୍ତିଙ୍କୁ ଚାଟ୍‌ଜିପିଟି ଭଳି ଅନ୍ୟ ପ୍ରଡକ୍ଟିଭିଟି ଟୁଲ୍‌କୁ ଉତ୍ତମ ଉପାୟରେ ବ୍ୟବହାର କରିବା ଶିଖାଇପାରିବେ।

# ସମ୍ଭାବନା



## ନକାରାତ୍ମକ ପ୍ରତିକ୍ରିୟାକୁ ସାମ୍ନା କରୁଥିଲେ

**ସବୁ କାମର ଉଭୟ ସକାରାତ୍ମକ ଓ ନକାରାତ୍ମକ ପ୍ରତିକ୍ରିୟା ଅଛି। ବିଶେଷକରି କାର୍ଯ୍ୟକ୍ଷେତ୍ରରେ କେତେକଙ୍କୁ ନକାରାତ୍ମକ ପ୍ରତିକ୍ରିୟା ବା ନେଗେଟିଭ୍ ଫିଡ୍‌ବ୍ୟାକ୍ ସାମ୍ନା କରିବାକୁ ପଡ଼ିଥାଏ।**




- ନକାରାତ୍ମକ ପ୍ରତିକ୍ରିୟା ଦ୍ୱାରା ମାନସିକ ଚାପ ବୃଦ୍ଧି ପାଏ ଓ ତା’ର ପ୍ରଭାବ ସିଧାସଳଖ କାମ ଉପରେ ପଡ଼ିଥାଏ। ଏଥିରେ ଭାଙ୍ଗି ପଡ଼ିବା ଅନୁଚିତ। ଏଭଳି କ୍ଷେତ୍ରରେ ନିଜ ଭିତରେ ଆତ୍ମବିଶ୍ୱାସ ଓ ସାହସ ବଜାୟ ରଖିବା ଜରୁରି।
- ପ୍ରତ୍ୟେକ ପରିସ୍ଥିତିରୁ ମଣିଷ କିଛି ନା କିଛି ଶିଖିଥାଏ। କ’ଣ ପାଇଁ ଏଭଳି ଫିଡ୍‌ବ୍ୟାକ୍ ମିଳିଲା, ସେ ସମ୍ପର୍କରେ ପ୍ରଥମେ ଜାଣିବାକୁ ଚେଷ୍ଟା କରନ୍ତୁ। ସେହି ପ୍ରତିକ୍ରିୟା କ’ଣ ଶିକ୍ଷା ଦେଲା ତାହା ବି ବୁଝନ୍ତୁ। ସେଥିପାଇଁ ଭାଙ୍ଗି ନ ପଡ଼ି ମନୋବଳ ଦୃଢ଼ କରନ୍ତୁ।
- ଚାହିଁଲେ ନକାରାତ୍ମକ ପ୍ରତିକ୍ରିୟା ଦେଉଥିବା ବ୍ୟକ୍ତିଙ୍କ ସହ ସମସ୍ୟାର ସମାଧାନ କରିପାରିବେ। ଏହା ଦ୍ୱାରା ଏଭଳି ପରିସ୍ଥିତିକୁ ହୁଏତ ଭବିଷ୍ୟତରେ ସାମ୍ନା କରିବାକୁ ନ ପଡ଼ି ପାରେ। କୌଣସି ଏକ ଭୁଲ୍ ପାଇଁ ନକରାତ୍ମକ ପ୍ରତିକ୍ରିୟା ମିଳିଥିଲେ, ତାହାକୁ ଧୈର୍ଯ୍ୟର ସହ ସ୍ୱୀକାର କରନ୍ତୁ।
- କମ୍ପାନିରେ ଏଭଳି ସମସ୍ୟା ବାରମ୍ବାର ଉପୁଜୁଥିଲେ ଦକ୍ଷ ପିଆର୍ ପ୍ରତିନିଧିଙ୍କୁ ନିଯୁକ୍ତ କରାନ୍ତୁ।
- ପ୍ରଫେସନାଲ୍ ପିଆର୍‌ଙ୍କ ସହାୟତାରେ କମ୍ପାନୀର କାର୍ଯ୍ୟପ୍ରଣାଳୀରେ ପରିବର୍ତ୍ତନ ଆଣି ଅନେକଗୁଡ଼ିଏ ନକାରାତ୍ମକ ପରିସ୍ଥିତିକୁ ଏଡ଼ାଇ ଦିଆଯାଇପାରିବ।

## କ୍ରିଏଟିଭ୍ ରାଇଟିଂର କୌଶଳ

**ସୃଜନଶୀଳ ଲେଖା ହେଉଛି ଏକ କୌଶଳ। ନିରନ୍ତର ଅଭ୍ୟାସ, ପଢ଼ାପଢ଼ି ଏବଂ ସଂପାଦନ କରିବା ଦ୍ୱାରା ଲେଖିବାର କଳା ଅଧିକ ବିକଶିତ ହୋଇପାରିବ।**

- ପ୍ରତିଦିନ କିଛି ସମୟ ଲେଖାଲେଖି ପାଇଁ ବାହାର କରନ୍ତୁ।
- ଲେଖାଲେଖି ପାଇଁ ଶାନ୍ତ ଓ ସୁରକ୍ଷିତ ସ୍ଥାନ ବାଛନ୍ତୁ।
- ନିଜ ରୁଚି ହିସାବରେ ବିଷୟ ଚୟନ କରନ୍ତୁ।
- କୌଣସି ନୂଆ ଚିନ୍ତାଧାରା ମନକୁ ଆସିଲେ ତୁରନ୍ତୁ ତା’କୁ ଲେଖି ରଖନ୍ତୁ। ଏଭଳି କରିବା ଦ୍ୱାରା ନିଜ ପାଖରେ ସବୁବେଳେ ନୂଆ କଣ୍ଟେଣ୍ଟ ରହିବ।
- ଲେଖା ଆରମ୍ଭ କରିବା ପୂର୍ବରୁ ଏକ ରୂପରେଖ ପ୍ରସ୍ତୁତ କରନ୍ତୁ। ଏହାଦ୍ୱାରା ଲେଖା ଅଧିକ ସ୍ପଷ୍ଟ ଓ ମାର୍ଜିତ ହୋଇପାରିବ।
- ସରଳ ଓ ନିର୍ଭୁଲ ଭାଷାରେ ଲେଖିବାକୁ ଚେଷ୍ଟା କରନ୍ତୁ। ଜଟିଳ ଶବ୍ଦର ବ୍ୟବହାର ଯଥାସମ୍ଭବ କମ୍ କରନ୍ତୁ।
- ବିବିଧ ତଥା ନୂତନ ଶବ୍ଦ ବ୍ୟବହାର ଉପରେ ଗୁରୁତ୍ୱ ଦିଅନ୍ତୁ।
- ନିଜ ଲେଖାକୁ ପରିବାର ତଥା ସାଙ୍ଗସାଥୀଙ୍କ ସହ ସେୟାର୍ କରି ମତାମତ ନିଅନ୍ତୁ।



# ଟ୍ରେଣ୍ଡରେ ଥ୍ରୀଡି-କ୍ୟାରିକେଚର ଫଟୋ

**ସାମାଜିକ ଗଣମାଧ୍ୟମରେ ଏବେ ଏକ ନୂଆ ଭିଜୁଆଲ ଟ୍ରେଣ୍ଡ ଭାଇରାଲ ହେଉଛି। ଏଥିରେ ଲୋକମାନେ ନିଜ ସାଧାରଣ ଫଟୋକୁ କାର୍ଟୁନ ଭଳି ଥ୍ରୀଡି କ୍ୟାରିକେଚର ଫଟୋରେ ରୂପାନ୍ତରିତ କରୁଛନ୍ତି। ଏହି ଫଟୋରେ ମୁହଁ ଟିକେ ବଡ଼, ହାବଭାବ ଅଧିକ ଦେଖାଯିବା ସହିତ ପୂରା ଫଟୋରେ ଏକ ଗ୍ଲସି ଥ୍ରୀଡି ଲୁକ୍ ଦେଖିବାକୁ ମିଳୁଛି। ଏହି ଟ୍ରେଣ୍ଡ ବିଶେଷକରି ଇନଷ୍ଟାଗ୍ରାମ ଏବଂ ଏକ୍ସରେ ଅଧିକ ଭାଇରାଲ ହେଉଛି। ଏହାର ସବୁଠୁ ବଡ଼ କାରଣ ହେଉଛି ଗୁଗଲର ନୂଆ ମଡେଲ ଜେମିନି ନାନୋବାନାନା ପ୍ରୋ। ଏଥିରେ ପ୍ରମପ୍ଟ ଲେଖିବା ପରେ ଯେକୌଣସି ଫଟୋ ଥ୍ରୀଡି ଷ୍ଟାଇଲରେ ରୂପାନ୍ତରିତ ହେଉଛି।**



କିଛି ଏଆଇ କ୍ରିଏଟର ନିଜର ଏଡିଟ୍ ହୋଇଥିବା ଫଟୋକୁ ଅନଲାଇନ୍‌ରେ ସେୟାର କରିବା ପରେ ଏହି ଥ୍ରୀଡି କ୍ୟାରିକେଚର ଷ୍ଟାଇଲ ଲୋକଙ୍କ ଦୃଷ୍ଟିଆକର୍ଷଣ କଲା। ଏହା ପରେ ଅନେକ କ୍ରିଏଟର ସେଲିବ୍ରିଟିଙ୍କ ଫଟୋ ମଧ୍ୟ ଏଡିଟ୍ କରିବା ଆରମ୍ଭ କଲେ। ସେହିପରି ଅଲଗା ଅଲଗା ଲାଇଟିଂ, ଫନି ଏକ୍ସପ୍ରେସନ, ଷ୍ଟାଇଲ ପୋଜ ସହିତ କ୍ୟାରିକେଚର ଫଟୋ ସେୟାର୍ କରାଯିବାରୁ ଲୋକେ ଏହାକୁ ଅଧିକ ଆପଣାଇବା ଆରମ୍ଭ କଲେ। ଏହି ଷ୍ଟାଇଲ ମଜାଦାର ଓ ନିଆରା ଲାଗୁଥିବାରୁ ଲୋକେ ଏହାକୁ ବେଶି ପସନ୍ଦ କରୁଛନ୍ତି। ଅନ୍ୟପଟେ ଏହି ଫଟୋକୁ ପ୍ରୋଫାଇଲ ପିକଚର, ରିଆକସନ ଇମେଜ, ଥମ୍ବନେଲ ଏବଂ ସର୍ଟ ଭିଡିଓ କଣ୍ଟେଣ୍ଟ ପାଇଁ ଖୁବ୍ ବ୍ୟବହାର କରାଯାଉଛି। ବ୍ୟବହାରକାରୀ ଏହାକୁ ସହଜରେ ବ୍ୟବହାର କରିପାରୁଛନ୍ତି।

## ୬ ଦିନ ପରେ ବାରବାଟୀ ମୁକାବିଲା

# ଆଜି ଟିକଟ କିଣିବେ ଅନୁବନ୍ଧିତ ୟୁନିଟ



କଟକ,୨।୧୨(ସମିସ): ଭାରତ-ଦକ୍ଷିଣଆଫ୍ରିକା ଟି-୨୦କୁ ଆଉ ୬ଦିନ ବାକି। ଏଥି ପାଇଁ ଓସିଏର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଲାଣି। ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସହ ଅନୁବନ୍ଧିତ ୟୁନିଟଗୁଡିକ ବୁଧବାର ଟିକଟ କିଣିବେ। ବାରବାଟୀ ଷ୍ଟାଡିୟମ ପରିସରକୁ କଡା ସୁରକ୍ଷାବଳୟ ଭିତରକୁ ନିଆଯାଇଥିବା ବେଳେ ଓସିଏ ସମ୍ମିଳନୀ କକ୍ଷରେ ଟିକଟ ବିକ୍ରି ପାଇଁ ବ୍ୟବସ୍ଥା କରାଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଏଥର ଟିକଟ ବିକ୍ରି କରିବ। ଅନୁବନ୍ଧିତ ୟୁନିଟ ସଂଖ୍ୟା ୭୩ ଥିବା ବେଳେ ଓସିଏ କାର୍ଯ୍ୟାଳୟ ସଦସ୍ୟ ଟିକଟ କ୍ରୟରେ ସାମିଲ ହେବେ। ମୋଟ ୧୧ହଜାର ଟିକଟ ବୁଧବାର ବିକ୍ରି କରାଯିବ। ଅନ୍ୟପକ୍ଷରେ କିଛି କ୍ଲବ ସଦସ୍ୟଙ୍କ ଭିତରେ ଅସନ୍ତୋଷ ଦେଖାଦେଇଛି। ବିକ୍ରି ନିମନ୍ତେ ନିର୍ଦ୍ଧାରଣ ହୋଇଥିବା ମୋଟ୍ ଟିକଟ ଭିତରୁ ଓସିଏ ଗ୍ୟାଲେରୀ ଟିକଟ୍ ସଂଖ୍ୟାକୁ ପୂର୍ବାପେକ୍ଷା କମାଇ ଦେଇଥିବାରୁ କ୍ଲବ ସଦସ୍ୟ ଅସନ୍ତୋଷ ଜାହିର କରିଛନ୍ତି। ଅପରପକ୍ଷରେ ମଙ୍ଗଳବାରଠାରୁ ବାରବାଟୀର ସମସ୍ତ ଫ୍ଲଡ ଲାଇଟ୍ ଗୁଡିକ ପରୀକ୍ଷା କରାଯାଉଥିବା ନେଇ ସୂଚନା ମିଳିଛି। ଫ୍ଲଡ୍‌ଲାଇଟ୍ ତ୍ରୁଟିକୁ ଏଡାଇବା ନିମନ୍ତେ ଆଗାମୀ ମ୍ୟାଚ୍‌ରେ ସ୍ୱତନ୍ତ୍ର ରୂପେ ଏକ ସଫ୍ଟୱେୟାର ବ୍ୟବହାର କରାଯିବ। ବାରବାଟୀରେ ଫ୍ଲଡଲାଇଟ୍ ସଂଖ୍ୟା ୮। ପ୍ରତ୍ୟେକ ଖୁଣ୍ଟିରେ ୪୮ଟି ଲାଇଟ୍‌କୁ ମିଶାଇ ସମୁଦାୟ ୩୮୪ଟି ଯାକ ଲାଇଟ୍‌କୁ ଏବେ ଯାଞ୍ଚ କରାଯାଉଛି। ତେବେ ପ୍ରତ୍ୟେକ ଖୁଣ୍ଟିକୁ ସଫ୍ଟୱେୟାର ଜରିଆରେ ମନିଟରିଂ କରାଯିବ ବୋଲି ପୂର୍ବରୁ ଓସିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ସଫ୍ଟୱେୟାର ବ୍ୟବହାର ଦ୍ୱାରା ଯେକୌଣସି ସ୍ଥାନରେ ତ୍ରୁଟି ରହିଥିବ ତାହାର ସୂଚନା ଆଗୁଆ ମିଳିପାରିବ। ଏକ ନିର୍ଦ୍ଦିଷ୍ଟ ସଂସ୍ଥା ଦ୍ୱାରା ସଫ୍ଟୱେୟାର ମନିଟରିଂ ପ୍ରକ୍ରିୟା ଖୁବଶୀଘ୍ର କରାଯିବ ବୋଲି ଓସିଏ ପକ୍ଷରୁ କୁହାଯାଇଛି।

## ଦ୍ୱିତୀୟ ଦିନିକିଆରେ ବଭୁମା, ମହାରାଜ ଖେଳିବା ସମ୍ଭାବନା

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ରାୟପୁର,୨।୧୨(ଏଜେନ୍ସି)





ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଦ୍ୱିତୀୟ ମୁକାବିଲା ଏଠାରେ ଆସନ୍ତାକାଲି ଖେଳାଯିବ। ଏହା ପୂର୍ବରୁ ରାଞ୍ଚିରେ ଖେଳାଯାଇଥିବା ରୋମାଞ୍ଚକ ପ୍ରଥମ ଦିନିକିଆ ମୁକାବିଲାରେ ଭାରତ ମାତ୍ର ୧୨ ରନ୍‌ରେ ଭ୍ରମଣକାରୀ ଦଳକୁ ପରାସ୍ତ କରିଛି। ଏହା ଫଳରେ ଭାରତ ୧-୦ରେ ଆଗୁଆ ରହିଛି। ଆସନ୍ତାକାଲି ଖେଳାଯିବାକୁ ଥିବା ଏହି ମୁକାବିଲାରେ ବିଜୟ ହାସଲ କରି ଭାରତ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା ଲକ୍ଷ୍ୟରେ ରହିଛି। ଅନ୍ୟ ପକ୍ଷରେ ଦକ୍ଷିଣ ଆଫ୍ରିକା ଭାରତର ଏହି ଲକ୍ଷ୍ୟକୁ ପରାହତ କରି ସିରିଜ୍‌କୁ ବରାବର ସ୍ଥିତିକୁ ଆଣିବା ଲାଗି ଜୋର୍‌ଦାର ଉଦ୍ୟମ କରିବ ବୋଲି ଅଭ୍ୟାସରୁ ସ୍ପଷ୍ଟ ହୋଇଛି। ଟେଷ୍ଟ ସିରିଜ୍‌କୁ ୦-୨ ମୁକାବିଲାରେ ହାରିଯିବା ପରେ ଭ୍ରମଣକାରୀ ଦଳ ଯେଉଁ ମନୋବଳ ବୃଦ୍ଧି କରିଥିଲା ତାହା ରାଞ୍ଚିରେ ପ୍ରଥମ ଧକ୍କା ଲାଗିଥିଲା। ଏବେ ଉଭୟ ଦଳ ସମାନସ୍ଥିତିରେ ଥିଲାବେଳେ ରାୟପୁରରେ ଯେ ଆଉ ଏକ ରୋମାଞ୍ଚକର ମୁକାବିଲା ଦେଖିବାକୁ ମିଳିବ ଏହା ନିଃସନ୍ଦେହରେ କୁହାଯାଇପାରେ। କିନ୍ତୁ ଭାରତୀୟ ଦଳରେ ଦୁଇ ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଥିବାରୁ ଘରୋଇ ଦଳ ଆତ୍ମବିଶ୍ୱାସର ସହ ଅବଶିଷ୍ଟ ମ୍ୟାଚ୍‌ରେ ମୁକାବିଲା କରିବ ବୋଲି ସ୍ପଷ୍ଟ ହୋଇଛି। କ୍ରମାଗତ ୧୯ଟି ଟସ୍ ହାରିଥିଲେ ମଧ୍ୟ ଭାରତ ଉପରେ ତାହାର କୌଣସି ପ୍ରଭାବ ପଡ଼ିନାହିଁ। ଘରୋଇ ଦଳ ୨୦୨୫ରେ ୧୨ଟି ମ୍ୟାଚ୍ ଖେଳି ୧୦ଟିରେ ଜିତିଥିଲାବେଳେ ୨ଟିରେ ପରାଜିତ ହୋଇଛି। ରାଞ୍ଚିରେ ଏହାର ପ୍ରମାଣ ମିଳିଛି। ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଭାରତ ୮ ୱିକେଟରେ ୩୪୯ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓଭରରେ ଦୁଇ ଟପ୍ ଅର୍ଡର ଓ ୧୫ ରନ୍‌ରେ ତୃତୀୟ ୱିକେଟ ହରାଇବା ପରେ ମଧ୍ୟ ପାୱାର ହିଟରଙ୍କ ସହାୟତାରେ ଦଳ ବିଜୟର ନିକଟବର୍ତ୍ତୀ ହୋଇପାରିଥିଲା। ଏଭଳି ଖେଳ ଶେଷ ଦୁଇଟି ଦିନିକିଆ ଓ ଏହା ପରେ ଖେଳାଯିବାକୁ ଥିବା ୫ମ୍ୟାଚ୍ ବିଶିଷ୍ଟ ଟି-୨୦ରେ ମଧ୍ୟ ଦେଖିବାକୁ ମିଳିବ। ଏଣୁ ଆସନ୍ତାକାଲି ଆଉ ଏକ ଧମାକାଦାର ମୁକାବିଲା ହେବାର ଯଥେଷ୍ଟ ସମ୍ଭାବନା ରହିଛି।

### ସମ୍ଭାବ୍ୟ ଖେଳାଳି ଦଳ

**ଭାରତ** : ଯଶସ୍ୱୀ ଜୟସ୍ୱାଲ, ରୋହିତ ଶର୍ମା, ବିରାଟ କୋହଲି, ଋତୁରାଜ ଗାଏକ୍‌ୱାଡ୍/ ଋଷଭ ପନ୍ତ, ଲୋକେଶ ରାହୁଲ, ୱାଶିଂଟନ ସୁନ୍ଦର, ରବୀନ୍ଦ୍ର ଜାଡେଜା, ହର୍ଷିତ ରାଣା, କୁଲଦୀପ ଯାଦବ, ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣା। ବେଞ୍ଚ- ଧ୍ରୁବ ଜୁରେଲ, ନୀତୀଶ ରେଡ୍ଡୀ ଓ ତିଳକ ବର୍ମା।

**ଦକ୍ଷିଣ ଆଫ୍ରିକା** : ଆଇଡେନ୍ ମାରକ୍ରମ, କ୍ୱିଣ୍ଟନ ଡି କକ୍/ ରିୟାନ ରିକେଲଟନ, ତେମ୍ବା ବଭୁମା (ଅଧିନାୟକ), ମାଥ୍ୟୁ ବ୍ରିଜ୍‌କେ, ଟୋନି ଡି ଜୋର୍ଜି, ଡିୱାଲ୍ଡ ବ୍ରେଭିସ୍, ମାର୍କୋ ଜାନ୍‌ସେନ, କର୍ବିନ ବୋଶ୍ଚ, କେଶବ ମହାରାଜ, ନାନ୍ଦ୍ରେ ବର୍ଗର, ଓଟ୍‌ନିଲ ବାର୍ଟମ୍ୟାନ୍। ବେଞ୍ଚ- ରୁବିନ୍ ହର୍ମନ, ଲୁଙ୍ଗି ଏନ୍‌ଗିଡି, ପ୍ରେନ୍‌ଲାନ ସୁବ୍ରାୟେନ୍।

**ଖେଳ ଆରମ୍ଭ : ଦିନ ୧ଟା ୩୦**

**ପ୍ରସାରଣ : ଷ୍ଟାର୍‌ସ୍ପୋର୍ଟ୍ସ ନେଟ୍‌ୱର୍କ**

**ଲାଇଭ୍ ଷ୍ଟ୍ରିମିଂ : ଜିଓହଟ୍‌ଷ୍ଟାର**

### ବିଜୟ ହଜାରେ ଟ୍ରଫି ଖେଳିବେ କୋହଲି

ଦୀର୍ଘବର୍ଷ ପରେ ବିରାଟ କୋହଲି ବିଜୟ ହଜାରେ ଟ୍ରଫି ଦିନିକିଆ କ୍ରିକେଟ ଖେଳିବାକୁ ସମ୍ମତି ପ୍ରକାଶ କରିଛନ୍ତି। ସେ ତାଙ୍କ ଘରୋଇ ଟିମ୍ ଦିଲ୍ଲୀ ପକ୍ଷରୁ ଖେଳିବେ ବୋଲି ଦିଲ୍ଲୀ ଜିଲ୍ଲା କ୍ରିକେଟ ସଂଘ ସମ୍ପାଦକ ଅଶୋକ ଶର୍ମା କହିଛନ୍ତି। ଡିସେମ୍ବର ୨୪ରୁ ବେଙ୍ଗାଲୁରୁରେ ଦିଲ୍ଲୀ ଏହି ଟୁର୍ଣ୍ଣାମେଣ୍ଟ ଖେଳିବ। କୋହଲି ଦିଲ୍ଲୀ ପକ୍ଷରୁ କେତୋଟି ମ୍ୟାଚ୍ ଖେଳିବେ ତାହା ଜଣାପଡ଼ିନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ସିରିଜ୍ ଡିସେମ୍ବର ୬ରେ ଶେଷ ହେବ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ଜାନୁଆରୀ ୮ରୁ ଆରମ୍ଭ ହେବ। ଏହା ମଧ୍ୟରେ କୋହଲି କେତୋଟି ମ୍ୟାଚ୍ ଖେଳିବେ ତାହା ସେ କିମ୍ବା ବିସିସିଆଇ ନିଷ୍ପତ୍ତି ନେବ ବୋଲି ଶର୍ମା କହିଛନ୍ତି। ଘରୋଇ କ୍ରିକେଟ ଖେଳିବାକୁ ସମସ୍ତ ଚୁକ୍ତିଭିତ୍ତିକ ଖେଳାଳିଙ୍କ ଲାଗି ବିସିସିଆଇ ବାଧ୍ୟତାମୂଳକ କରିବା ପରେ କୋହଲି ଏପରି ନିଷ୍ପତ୍ତି ନେଇଛନ୍ତି। କୋହଲି ଘରୋଇ ଦିନିକିଆ କ୍ରିକେଟ ସେପ୍ଟେମ୍ବର ୨୦୧୩ ଏନ୍‌କେପି ସାଲଭେ ଚ୍ୟାଲେଞ୍ଜର ଟ୍ରଫିରେ ଓ ଦିଲ୍ଲୀ ପକ୍ଷରୁ ୨୦୦୯-୧୦ ବିଜୟ ହଜାରେ ଟ୍ରଫିରେ ଖେଳିଥିଲେ।

### ହେଡ୍ କୋଚ୍ ଗମ୍ଭୀରଙ୍କୁ ଅଣଦେଖା

ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଦିନିକିଆ ଲାଗି ଭାରତର ଦୁଇ ବରିଷ୍ଠ ଖେଳାଳି ବିରାଟ କୋହଲି ଓ ରୋହିତ ଶର୍ମା ଆଜି ରାୟପୁରର ଫ୍ଲଡ୍‌ଲାଇଟ୍‌ରେ ଜୋରଦାର ଅଭ୍ୟାସ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ରୋହିତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ କୋହଲି ଶତକ ହାସଲ କରି ମ୍ୟାଚ୍ ଜିତାଇବା ପରେ ଦଳରେ ତାଙ୍କ ଉପସ୍ଥିତିକୁ ନେଇ ହେଉଥିବା ସମାଲୋଚନାକୁ ବନ୍ଦ କରିଦେଇଛନ୍ତି। ଏହା ସତ୍ତ୍ୱେ ସେମାନେ ଯୁବ ଖେଳାଳିଙ୍କ ଭଳି ଅଭ୍ୟାସ କରିବା ସମସ୍ତଙ୍କୁ ଚକିତ କରିଛି। ଥ୍ରୋୟର ଓ ଦୁଇ ବ୍ୟାଟରଙ୍କ ଅଭ୍ୟାସକୁ ହେଡ୍ କୋଚ୍ ଗୌତମ ଗମ୍ଭୀର ପାଭିଲିୟନର ପ୍ରବେଶ ଦ୍ୱାର ନିକଟରେ ଦୀର୍ଘ ସମୟ ଦେଖୁଥିଲେ। ଅଭ୍ୟାସ ପରେ କୋହଲି ଦୁଇ ବ୍ୟାଟକୁ କାନ୍ଧରେ ପକାଇ ସେହିବାଟ ଦେଇ ଯାଇଥିଲେ ମଧ୍ୟ ଗମ୍ଭୀରଙ୍କୁ ଟିକେ ଅନାଇ ନ ଥିଲେ। ଏହା ସମସ୍ତଙ୍କ ନଜରକୁ ଆସିଥିଲା। କୋହଲିଙ୍କ ପରେ ରୋହିତ ସେହି ବାଟ ଦେଇ ଯିବାବେଳେ ଗମ୍ଭୀରଙ୍କ ନିକଟରେ ଛିଡା ହୋଇ ଦୁଇ ପଦ କଥା ହୋଇ ଚାଲିଯାଇଥିଲେ। ଏହି ଘଟଣାକୁ ନେଇ ଢ଼େର ଆଲୋଚନା ହେଉଛି।

## ଆଇପିଏଲ୍-୧୯ ମିନି ନିଲାମୀ ୧୬ରେ

# ଡୁ ପ୍ଲେସିସ୍‌ଙ୍କ ପରେ ଓହରିଲେ ମ୍ୟାକ୍ସୱେଲ

ନୂଆଦିଲ୍ଲୀ, ୨।୧୨ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସଂସ୍କରଣ ଲାଗି ଡିସେମ୍ବର ୧୬ରେ ଆବୁଧାବିରେ ମିନି ନିଲାମୀ ଅନୁଷ୍ଠିତ ହେବ। ରିପୋର୍ଟ ଅନୁଯାୟୀ, ଏହି ମିନି ନିଲାମୀ ଲାଗି ଦେଶ ବିଦେଶର ମୋଟ୍ ୧,୩୫୫ଜଣ ଖେଳାଳି ନାମ ପଞ୍ଜିକରଣ କରିଛନ୍ତି। ଯେଉଁଥିରେ ୧,୦୬୨ଜଣ ଭାରତୀୟ ଓ ୨୯୩ଜଣ ବିଦେଶୀ ଖେଳାଳି ରହିଛନ୍ତି। ଏଥର ମିନି ନିଲାମୀ ଲାଗି ମୋଟ୍ ୭୭ଟି ସ୍ଥାନ ଫାଙ୍କା ପଡ଼ିଛି। ୧୦ଟି ଯାକ ଫ୍ରାଞ୍ଚାଇଜ ଯଦି ସର୍ବାଧିକ ୩୧ ଜଣିଆ ଦଳ ଚୂଡ଼ାନ୍ତ କରନ୍ତି ତେବେ ଏହି ୭୭ଟି ସ୍ଥାନ ପୂରଣ ହେବ। ଏଥର ମିନି ନିଲାମୀ ଲାଗି ୨ କୋଟି ମୂଳଦର ଥିବା ତାଲିକାରେ ୪୫ଜଣ ଖେଳାଳି ସ୍ଥାନ ପାଇଛନ୍ତି। ଅପରପକ୍ଷରେ ଦୀର୍ଘ ୧୩ ବର୍ଷ ପରେ ପ୍ରଥମଥର ଲାଗି ଅଷ୍ଟ୍ରେଲୀୟ ବିସ୍ଫୋରକ ବ୍ୟାଟର୍ ଗ୍ଲେନ ମ୍ୟାକ୍ସୱେଲଙ୍କୁ ଆଇପିଏଲ୍‌ରେ ଦେଖିବାକୁ ମିଳିବନି। ୩୭ ବର୍ଷୀୟ ମ୍ୟାକ୍ସୱେଲ ଏଥର ଆଇପିଏଲ୍ ନ ଖେଳିବା ଲାଗି ନିଷ୍ପତ୍ତି ନେଇ ନାମ ପଞ୍ଜୀକରଣ କରି ନ ଥିଲେ।

## ଜୁନିଅର ପୁରୁଷ ହକି ବିଶ୍ୱକପ୍

# ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟରରେ ଭାରତ

ଚେନ୍ନଇ, ୨।୧୨ (ଏଜେନ୍ସି): ହ୍ୟାଟ୍ରିକ ବିଜୟ ସହ ଆୟୋଜକ ଭାରତ ଏଠାରେ ଚାଲିଥିବା ଜୁନିଅର ପୁରୁଷ ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣରେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ପୁଲ୍-ବି'ରେ ସ୍ଥାନ ପାଇଥିବା ଭାରତ ମଙ୍ଗଳବାର ଶେଷ ଲିଗ୍ ମ୍ୟାଚରେ ସୁଇଜରଲାଣ୍ଡକୁ ୫-୦ ଗୋଲ୍‌ରେ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଶାରଦାନନ୍ଦ ତିୱାରୀ ଓ ମନମିତ୍ ସିଂହ ଦୁଇଟି ଲେଖାଏ ଗୋଲ୍ ଦେଇଥିଲେ। ପୂର୍ବରୁ ଚିଲି ଓ ଓମାନକୁ ହରାଇଥିବା ଭାରତ ୯ ପଏଣ୍ଟ ପାଇ ଏହି ପୁଲ୍‌ରେ ଶୀର୍ଷରେ ରହିଛି। ଅପରପକ୍ଷରେ ନେଦରଲାଣ୍ଡସ ଓ ସ୍ପେନ ମଧ୍ୟ ହ୍ୟାଟ୍ରିକ ବିଜୟ ସହ କ୍ୱାର୍ଟର ଫାଇନାଲ ଟିକଟ୍ ହାସଲ କରିଛନ୍ତି। ଡିସେମ୍ବର ୪ ତାରିଖରୁ କ୍ୱାର୍ଟର ଫାଇନାଲ ଆରମ୍ଭ ହେବ। ପୁଲ୍-ଡି'ରେ ସ୍ଥାନ ପାଇଥିବା ସ୍ପେନ ଶେଷ ମ୍ୟାଚରେ ୧୩-୦ ଗୋଲ୍‌ରେ ନାମିବ୍ୟାକୁ ହରାଇ ହ୍ୟାଟ୍ରିକ ବିଜୟ ଲାଭ କରିଥିଲା।

## କୁଚ୍‌ବିହାର ଟ୍ରଫି

# ନିଶୁ, ଆଦିତ୍ୟଙ୍କ ଶତକ

ଭୁବନେଶ୍ୱର, ୨।୧୨(ସମିସ): କାଶିପୁରଠାରେ ଚାଲିଥିବା ଓଡ଼ିଶା ବିପକ୍ଷ ୧୯ ବର୍ଷରୁ କମ୍ କୁଚ୍‌ବିହାର ଟ୍ରଫିରେ ଆୟୋଜକ ଉତ୍ତରାଖଣ୍ଡର ନିଶୁ ପଟେଲ ଓ ଆଦିତ୍ୟ ନାଥାନି ଶତକ ହାସଲ କରିଛନ୍ତି। ଏହା ଫଳରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଉତ୍ତରାଖଣ୍ଡ ପ୍ରଥମ ଇନିଂସରେ ୮ ୱିକେଟରେ ୪୮୦ ରନ୍ କରି ବୃହତ୍ ଅଗ୍ରଣୀ ନେବାରେ ସମର୍ଥ ହୋଇଛି। ଦଳ ପକ୍ଷରୁ ନିଶୁ ପଟେଲ ୧୬୧ ରନ୍‌ରେ ଅପରାଜିତ ରହିଥିଲାବେଳେ ଆଦିତ୍ୟ ନାଥାନି ୧୦୪ ରନ୍‌ରେ ଆଉଟ ହୋଇଛନ୍ତି। ଓଡ଼ିଶା ପକ୍ଷରୁ ସମ୍ବିତ ବେଜା ୪ଟି ଓ ପ୍ରିୟାଂଶୁ ମହାନ୍ତି ୨ଟି ୱିକେଟ ନେବାରେ ସମର୍ଥ ହୋଇଛନ୍ତି।

# ସୂର୍ଯ୍ୟବଂଶୀଙ୍କ ରେକର୍ଡ



ନୂଆଦିଲ୍ଲୀ,୨।୧୨(ଏଜେନ୍ସି): ସୟଦ ମୁସ୍ତାକ ଅଲି ଟି-୨୦ କ୍ରିକେଟ ଇତିହାସରେ ବିହାରର ବୈଭବ ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। ମଙ୍ଗଳବାର ବୈଭବ ମହାରାଷ୍ଟ୍ର ବିପକ୍ଷରେ ୬୧ ବଲରେ ୧୦୮ ରନ କରିଥିଲେ। ୧୪ ବର୍ଷ ଓ ୨୫୦ ଦିନରେ ବୈଭବ ଏହି ଶତକ ମାରିଛନ୍ତି। ତେବେ ପୃଥ୍ୱୀ ଶ' (୩୦ ବଲରେ ୬୬ ରନ)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ମହାରାଷ୍ଟ୍ର ଏହି ମ୍ୟାଚକୁ ଜିତିନେଇଥିଲା।

### ● ପାଣ୍ଡ୍ୟାଙ୍କ ସଫଳ ପ୍ରତ୍ୟାବର୍ତ୍ତନ

ଆହତ ସମସ୍ୟାରୁ ମୁକୁଳି ଥିବା ହାର୍ଦ୍ଦିକ ପାଣ୍ଡ୍ୟା ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ଫେରିଛନ୍ତି। ନିଜ ଘରୋଇ ରାଜ୍ୟ ବରୋଦା ପକ୍ଷରୁ ଖେଳି ପାଣ୍ଡ୍ୟା ୪୨ ବଲରେ ୭୭ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଫଳରେ ବରୋଦା ୭ ୱିକେଟରେ ପଞ୍ଜାବକୁ ମାତ୍ ଦେଇଛି। ପାଣ୍ଡ୍ୟା ଏବେ ଟି-୨୦ ସିରିଜ ଲାଗି ଦାବି ଉପସ୍ଥାପନା କରିଛନ୍ତି।

**ତ୍ରିପୁରାର ଐତିହାସିକ ବିଜୟ** : ସୟଦ ମୁସ୍ତାକ ଅଲି ଟ୍ରଫିର ଏକ ମ୍ୟାଚରେ ଦୁର୍ବଳ ତ୍ରିପୁରା ୧୨ ରନରେ ନୀତୀଶ ରାଣାଙ୍କ ଦିଲ୍ଲୀ ଦଳକୁ ପରାସ୍ତ କରିଛି। ଫଳରେ ଭାରତୀୟ ଘରୋଇ କ୍ରିକେଟ୍‌ର ଯେକୌଣସି ଫର୍ମାଟ୍‌ରେ ତ୍ରିପୁରା ପ୍ରଥମଥର ଲାଗି ଦିଲ୍ଲୀକୁ ହରାଇବାର ସୌଭାଗ୍ୟ ଲାଭ କରିଛି।

**ଅର୍ଜୁନଙ୍କ ଅଲ୍‌ରାଉଣ୍ଡ ସଫଳତା** : ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ ତେନ୍ଦୁଲକର ଅଲ୍‌ରାଉଣ୍ଡର ପ୍ରଦର୍ଶନ କରି ନିଜ ଦଳ ଗୋଆକୁ ବିଜୟୀ କରାଇଛନ୍ତି। ୩ଟି ୱିକେଟ୍ ନେଇଥିବା ଅର୍ଜୁନ ଓପନିଂ କରିବାକୁ ଆସି ୧୦ ବଲ୍‌ରେ ୧୬ ରନ କରିଥିଲେ।

## ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ

# ପ୍ରି-କ୍ୱାର୍ଟରରେ ତନ୍‌ଭି ପତ୍ରୀ

ଭୁବନେଶ୍ୱର,୨।୧୨(ସମିସ): ଓଡ଼ିଆ ଖେଳାଳି ତଥା ଟାଇଟଲ ଆଶାୟୀ ତନ୍‌ଭି ପତ୍ରୀ ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ରେ ଥିବା 'ଦ ସଟଲ'ରେ ଚାଲିଥିବା ୩୭ତମ ଜାତୀୟ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ୧୫ ବର୍ଷରୁ କମ୍ ବାଳିକା ବିଭାଗ ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଆଜି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ସେ ୨୧-୧୧, ୨୧-୧୧ ସେଟ୍‌ରେ ଗୁଜରାଟର ଅନଭି ପଟେଲଙ୍କୁ ହରାଇ ଏହି ସଫଳତା ହାସଲ କରିଛନ୍ତି। କର୍ଣ୍ଣାଟକର ସାଇନା ମଣିମୁଥୁ, ତାମିଲନାଡୁର ଜିଏସ୍ ଅନୁଶ୍ରୀ, ହିମାଚଳ ପ୍ରଦେଶର ତାଶଭି ଗୁପ୍ତା, ରାଜସ୍ଥାନର ଅନଭି ରାଠୋର ଓ ତେଲଙ୍ଗାନାର ହମଦସିନୀ ଚନ୍ଦରମ୍ ମଧ୍ୟ ପ୍ରି-କ୍ୱାର୍ଟରରେ ସ୍ଥାନ ସୁରକ୍ଷିତ ରଖିଛନ୍ତି।

ସେହିପରି ୧୭ ବର୍ଷରୁ କମ୍ ବାଳକ ବିଭାଗରେ ବାପୁନ ରାଉତ ୨-୧ ସେଟ୍‌ରେ ରାଜସ୍ଥାନର ଅଂଶୁମାନ ଚୌଧୁରୀଙ୍କୁ ହରାଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି। ଏହି ବିଭାଗରେ ଟପ୍ ସିଡ ଜଗଶେର ସିଂହ ଖାଙ୍ଗୁରା, ଦିଲ୍ଲୀର ଇଆନ ଚୋପ୍ରା, ଆସାମର ବର୍ଣ୍ଣିଲ ଆକାଶ, ଏମ୍‌ପିର ସୌର୍ଯ୍ୟ ମିଶ୍ର ଓ ୟୁପିର ସାର୍ଥକ ସୋମ ରାଉଣ୍ଡ ୩୨ରେ ପ୍ରବେଶ କରିଛନ୍ତି। ୧୫ ବର୍ଷରୁ କମ୍ ବାଳକ ବିଭାଗରେ ପଞ୍ଜାବର ୱାଜିର ସିଂହ, ଦିଲ୍ଲୀର ସଞ୍ଚିତ ଜାଙ୍ଗ୍‌ରା, ମହାରାଷ୍ଟ୍ରର ଏମ୍ ଭୁତକି, ତେଲଙ୍ଗାନାର ଶ୍ରୀଚୈତନ ସୌର୍ଯ୍ୟ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

## ବିପିନା ମେମୋରିଆଲ କ୍ରିକେଟ

# ଦାରୁଠେଙ୍ଗଗଡ଼ ଚାମ୍ପିଅନ

ଭୁବନେଶ୍ୱର,୨।୧୨(ସମିସ): ଦାରୁଠେଙ୍ଗଗଡ କ୍ରିକେଟ ଟିମ୍ ପ୍ରଥମ ବିପିନା ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ଦଳ ୫ ୱିକେଟରେ ବଙ୍କୁଦ କ୍ରିକେଟ ଟିମ୍‌କୁ ପରାସ୍ତ କରିଥିଲା। ଗଡସାହିର ଏରାଇଜ୍ ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଅନ୍ଧାରୁଆର ଜଗନ୍ନାଥପ୍ରସାଦ କ୍ରିକେଟ ଷ୍ଟାଡିୟମ୍‌ରେ ୧୬ଟି ଦଳକୁ ନେଇ ୧୬ ଦିନ ଧରି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଫାଇନାଲରେ ୧୭ ରନ୍ ଦେଇ ୩ଟି ୱିକେଟ ନେଇଥିବା ବିଜୟୀ ଦାରୁଠେଙ୍ଗଗଡର ଚପି ଓ ଟୁର୍ଣ୍ଣାମେଣ୍ଟରେ ୧୩୬ ରନ୍ କରିବା ସହ ୫ଟି ୱିକେଟ ଓ ୫ଟି କ୍ୟାଚ୍ ନେଇଥିବା କହ୍ନେଇଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଚାମ୍ପିଅନ ଦଳକୁ ଟ୍ରଫି ସହ ୨୫,୦୦୦ ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୧୫,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ଖେଳ ଶେଷରେ ଭୁବନେଶ୍ୱର କ୍ଲବ୍ ଭାଇସ୍ ଚେୟାରମ୍ୟାନ୍ ଅଜିତ ଶ୍ରୀଚନ୍ଦନ, ଦାରୁଠେଙ୍ଗ ସରପଞ୍ଚ ତପନ ଚକ୍ରବର୍ତ୍ତୀ, ଅନ୍ଧାରୁଆ ସରପଞ୍ଚ ସ୍ୱର୍ଣ୍ଣଲତା ବଳିୟାର ସିଂ, ଜ୍ଞାନରଞ୍ଜନ ପ୍ରଧାନ, ଚଗଲା ପ୍ରଧାନ ଆଦି ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରାଜା ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।



## ଜାତୀୟ ଜୁନିଅର ଫୁଟବଲ

# ଓଡ଼ିଶା ମହିଳା ଦଳ ବିଦା

ଭୁବନେଶ୍ୱର,୨।୧୨(ସମିସ): ଜାତୀୟ ଜୁନିଅର ବାଳିକା ଫୁଟବଲ ଚାମ୍ପିଅନସିପ୍‌ର ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଛି ଓଡ଼ିଶା। ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଝାଡଖଣ୍ଡ ୨-୦ ଗୋଲରେ ଓଡ଼ିଶାକୁ ପରାସ୍ତ କରିଛି। ଏହା ଫଳରେ ଓଡ଼ିଶା ଦଳ ଗ୍ରୁପ୍‌ରେ ୩ଟି ମୁକାବିଲାରୁ କ୍ରମାଗତ ପରାଜୟ ସହ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି। ପରାଜୟ ସତ୍ତ୍ୱେ ଓଡ଼ିଶାର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ସୟଦ ମୁସ୍ତାକ ଅଲି ଟି-୨୦

# ଓଡ଼ିଶାକୁ ପ୍ରତୀକ୍ଷିତ ବିଜୟ ଦେଲେ ବିପ୍ଳବ-ରାଜେଶ

ଭୁବନେଶ୍ୱର, ୨।୧୨ (ସମିସ):





ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟରେ ହ୍ୟାଟ୍ରିକ ପରାଜୟବରଣ ପରେ ଶେଷରେ ଓଡ଼ିଶା ଦଳ ବିଜୟ ସ୍ୱାଦ ଚାଖିଛି। ମଙ୍ଗଳବାରେ ଲକ୍ଷ୍ନୌ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨୭ ରନରେ ଛତିଶଗଡ଼କୁ ପରାସ୍ତ କରିଛି। ଅଧିନାୟକ ବିପ୍ଳବ ସାମନ୍ତରାୟଙ୍କ ଅର୍ଦ୍ଧଶତକ ଓ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ୫ ୱିକେଟ୍ ସଫଳତା ଶେଷରେ ଓଡ଼ିଶାକୁ ପ୍ରଥମ ବିଜୟ ଭେଟି ଦେଇଥିଲା। ଏଲିଟ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ୪ ମ୍ୟାଚରୁ ୪ ପଏଣ୍ଟ ସହ ସର୍ବନିମ୍ନ ୮ମ ସ୍ଥାନରେ ରହିଛି। ଓଡ଼ିଶା ପରବର୍ତ୍ତୀ ମ୍ୟାଚରେ ଗୁରୁବାର ରେଳବାଇକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

ଏହି ମ୍ୟାଚରେ ଟସ୍ ଜିତି ଛତିଶଗଡ଼ ଅଧିନାୟକ ଅମନଦୀପ୍ ଖାରେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୩୫ ରନ ମଧ୍ୟରେ ଅଧା ବ୍ୟାଟରଙ୍କୁ ହରାଇ ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର୍ ଗୌରବ ଚୌଧୁରୀ (୧୨ ରନ), ସନ୍ଦୀପ ପଟ୍ଟନାୟକ (୦), ଶୁଭ୍ରାଂଶୁ ସେନାପତି (୭), ସମ୍ବିତ ବରାଳ (୬) ଓ ସୌମ୍ୟ ରଞ୍ଜନ ଲେଙ୍କା (୬ ରନ) ନିରାଶ କରିଥିଲେ। ତେବେ ରଣଜୀ ଟ୍ରଫିରେ ଅଣଦେଖାର ଶିକାର ହୋଇଥିବା ବିପ୍ଳବ ଅଧିନାୟକ ପାଳି ଖେଳି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ସେ ୪ଟି ଲେଖାଏ ଚୌକା ଓ ଛକା ବଳରେ ୪୧ ବଲ୍‌ରୁ ୬୧ ରନ କରିବା ଫଳରେ ଓଡ଼ିଶା ୮ ୱିକେଟରେ ୧୩୫ ରନର ସମ୍ମାନଜନକ ସ୍କୋର କରିଥିଲା। ୬ଷ୍ଠ ୱିକେଟ୍ ଭାଗୀଦାରିରେ ସୌମ୍ୟ (୨୭ ରନ)ଙ୍କ ସହ ବିପ୍ଳବ ୭୮ ରନ ସଂଗ୍ରହ କରିଥିଲେ। ପୂର୍ବରୁ ବିପ୍ଳବ କେରଳ ବିପକ୍ଷରେ ମଧ୍ୟ ୫୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଶୀର୍ବାଦ ସ୍ୱାଇଁ ୧୧ ଓ ରାଜେଶ ମହାନ୍ତି ୧ ରନ କରି ଅପରାଜିତ ରହିଥିଲେ।

ଏହାପରେ ୧୩୬ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଛତିଶଗଡ଼ ରାଜେଶଙ୍କ ବୋଲିଂକୁ ସାମ୍ନା କରି ନ ପାରି ୨ଟି ବଲ୍ ପୂର୍ବରୁ ୧୦୮ ରନରେ ସୀମିତ ରହିଥିଲା। ୫୦ ରନରେ ୭ ୱିକେଟ୍ ହରାଇଥିବା ଛତିଶଗଡ଼ ପାଇଁ ଅଧିନାୟକ ଅମନଦୀପ୍ ସର୍ବାଧିକ ୪୬ ଓ ସଞ୍ଜିତ ଦେଶାଇ ୩୩ ରନ କରିଥିଲେ। ରାଜେଶ ତାଙ୍କ ୪ ଓଭର ସ୍ପେଲରେ ୨୧ ରନ ବ୍ୟୟ କରି ୫ଟି ୱିକେଟ୍ ନେଇଥିଲେ। ବିପ୍ଳବ ଓ ପ୍ରୟାସ ସିଂଙ୍କୁ ମଧ୍ୟ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଏହି ମ୍ୟାଚରେ ରାଜେଶ ୫ଟି ୱିକେଟ୍ ନେଇ ଛତିଶଗଡ଼ର ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ଟି-୨୦ କ୍ୟାରିୟରରେ ଏହା ରାଜେଶଙ୍କର ପ୍ରଥମ ୫ ୱିକେଟ୍ ସଫଳତା। ମ୍ୟାଚ୍ ବିଜୟୀ ବୋଲିଂ ଲାଗି ତାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ସବୁଠୁ ଉଲ୍ଲେଖନୀୟ କଥା ହେଉଛି ଓଡ଼ିଶାର ପୂର୍ବତନ ମହାନ ବୋଲର ବସନ୍ତ ମହାନ୍ତି ବର୍ତ୍ତମାନ ଛତିଶଗଡ଼ ଦଳର ବୋଲିଂ କୋଚ୍ ରହିଛନ୍ତି। ଏହାସତ୍ତ୍ୱେ ରାଜେଶ ଛତିଶଗଡ଼ ବ୍ୟାଟିଂଙ୍କୁ ଧରାଶାୟୀ କରି ବସନ୍ତଙ୍କ ଆଗରେ ଭାରି ପଡ଼ିଥିବା ଚର୍ଚ୍ଚା ହେଉଛି।


'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ
୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com
ଇମେଲ୍ ଯୋଗେ ଆବେଦନ କରିପାରିବେ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS